

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୫୫ ● ୨୪ ମାର୍ଚ୍ଚ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-55 ● 24th March 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

## ବାଙ୍ଗିରିପୋଷି ଓ ବିଶୋଇ ବ୍ଲକ୍‌ର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀ ଜନିତ କୁଆପଥର ବର୍ଷାରେ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଭାବିତ ଅଞ୍ଚଳ ଗ୍ରସ୍ତରେ ଯାଇଥିଲେ । ବାଙ୍ଗିରିପୋଷି ବ୍ଲକ୍‌ର ସୋରାସପୋଷି, ହାଣଦା, ସିଲପୁଞ୍ଜି, ମଣଦା, ମହୁଲବରେଇ ଓ ବିଶୋଇ ବ୍ଲକ୍‌ର ମୂଷାମାରି, ପୁଣ୍ଡିଦା, ଖଡମବେଢ଼ା, ସାରସପଡ଼ା, କେଶରଗଡ଼ିଆ ଆଦି ସ୍ଥାନର ସ୍ଥିତି ବୁଲି ଦେଖିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ଓ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ହିତାଧିକାରୀମାନଙ୍କୁ ମଧ୍ୟ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ ।



ମୟୂରଭଞ୍ଜ ଜିଲ୍ଲାର ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ ଅନୁଯାୟୀ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୧୯ କୋଟି ୬୫ ଲକ୍ଷ ୧୦ ହଜାର ୬୫୮ ଟଙ୍କା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ଅଞ୍ଚଳରେ ପଲିଥିନ୍ ଯୋଗାଇ ଦିଆଯାଇଥିବାବେଳେ ଆଶ୍ରୟ ସ୍ଥଳରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ମନ୍ତ୍ରୀ ଶ୍ରୀ ପୂଜାରୀ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକମାନଙ୍କ ସହ ମିଶି ଭୋଜନ କରିବା ସହ ଅସ୍ଥାୟୀ ହେଲିପ୍ୟାଡ଼ ଠାରେ ସ୍ଥିତିର ସମୀକ୍ଷା କରିଥିଲେ । ସୋମବାର ସୁଦ୍ଧା ଗୃହ ମରାମତି, ଆବଶ୍ୟକ ଲୁଗାପଟା, ବାସନକୁସନ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାୟକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଓ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ମିଳିବ କେନ୍ଦ୍ର ସରକାରଙ୍କ ସମର୍ଥନ

**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର ରବିବାର ଓଡ଼ିଶାରେ ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ଅଗ୍ରଗତି ସମୀକ୍ଷା କରିଛନ୍ତି ।

ସମୀକ୍ଷା ବୈଠକରେ କେନ୍ଦ୍ର ମନ୍ତ୍ରୀ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ଆଗେଇ ନେବା ପାଇଁ ଭୁବନେଶ୍ୱର, କଟକ, ପୁରୀ ଏବଂ ଖୋର୍ଦ୍ଧାକୁ ଅଭିବୃଦ୍ଧି କେନ୍ଦ୍ର ଭାବରେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭିତ୍ତିଭୂମିର ଉନ୍ନତି, ଶିଳ୍ପ ଏବଂ ବାଣିଜ୍ୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରଣନୈତିକ ଯୋଜନା ଓ ସରକାରୀ-ବେସରକାରୀ ସହଭାଗିତା ମାଧ୍ୟମରେ ସ୍ଥାୟୀ ସହରୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ ।

ବୃହତ ଭୁବନେଶ୍ୱର କ୍ଷେତ୍ରର ଅଂଶ ଭାବରେ ଏକ ନୂତନ ସହର ବିକାଶ ପାଇଁ ବୈଠକରେ ଆଲୋଚନା ହୋଇଥିଲା । କେନ୍ଦ୍ର ମନ୍ତ୍ରୀ ପ୍ରକଳ୍ପ ପାଇଁ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ଏବଂ ୧୫ତମ ଅର୍ଥ କମିଶନ ଓ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ ପାଣ୍ଠି ସୁଯୋଗ ଅନୁସନ୍ଧାନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ ।



ସ୍ଥାୟୀ ସହରାଞ୍ଚଳ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଇ-ବସ ସେବା ଯୋଜନା ଅଧୀନରେ ଓଡ଼ିଶା ପାଇଁ ୪୦୦ ଇଲେକ୍ଟ୍ରିକ ବସ୍ ନିୟୋଜିତ କରିବାକୁ ଅନୁମୋଦନ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ପ୍ରସ୍ତାବିତ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ସମୀକ୍ଷା ମଧ୍ୟ କରିଛନ୍ତି ଏବଂ ସହରର ବର୍ଦ୍ଧିତ ସାର୍ବଜନୀନ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ପୂର୍ଣ୍ଣ ସମର୍ଥନକୁ ପୁନଃନିର୍ଦ୍ଦେଶ କରିଛନ୍ତି ।

ପି ଏମ୍ ଏୱାଇ - ସହରାଞ୍ଚଳ (ପିଏମ୍ଏୱାଇ-୨) ଅଧୀନରେ ୫୦,୦୦୦ ନୂତନ ଘର ନିର୍ମାଣ ପ୍ରସ୍ତାବ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

ଶ୍ରୀ ଖଟ୍ଟର ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ ଅଧୀନରେ ଓଡ଼ିଶାର ଅଗ୍ରଗତିକୁ ପ୍ରଶଂସା କରିଥିଲେ, ବିଶେଷକରି ରାଜ୍ୟର ୧୮ଟି ସହରରେ ବର୍ତ୍ତମାନ ଚାଲିଥିବା ୨୪x୭ଜଳ ଯୋଗାଣ ପ୍ରକଳ୍ପ ଭଳି ମାଇଲଖୁଣ୍ଟ ହାସଲ କରିବାରେ ।

ସ୍ୱଚ୍ଛ ଭାରତ ମିଶନ ୨.୦ ଅଧୀନରେ, ରାଜ୍ୟ ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ରଶଂସନୀୟ ଉନ୍ନତି ଦେଖାଇଛି । ଜମି ପୁନରୁଦ୍ଧାର ଏବଂ ସବୁଜ ସହରାଞ୍ଚଳ ସ୍ଥାନ ସୃଷ୍ଟି କରିବା ପାଇଁ ପୁରୁଣା ବର୍ଜ୍ୟବସ୍ତୁ ସ୍ଥାନଗୁଡ଼ିକୁ ସଫା କରିବା ଉପରେ ପ୍ରାଥମିକତା ଦେବାକୁ ଶ୍ରୀ ଖଟ୍ଟର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଆଜି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି



**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଛତିଶଗଡରୁ ଆସି ଦିନ ୧.୩୦ ରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି । ପରେ ସେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ଗସ୍ତ କରିବେ । ଏହିଗସ୍ତ ସାରି ସେ ଭୁବନେଶ୍ୱର ଆସି ରାଜଭବନରେ ରାତ୍ରି ଯାପନ କରିବେ । ୨୫ ତାରିଖ ସକାଳୁ ରାଷ୍ଟ୍ରପତି ଭୁବନେଶ୍ୱର ଛାଡିବା କାର୍ଯ୍ୟକ୍ରମ ରହିଛି । କମିଶନରେଟ ପୋଲିସ ପକ୍ଷରୁ ଏଥିପ୍ରତି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୩ ଜଣ ଡିସିପି ର୍‍ୟାଙ୍କ ଅଫିସର, ୨୮ ଇନ୍ସପେକ୍ଟର, ୧୨ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଆଉ ଶୃଙ୍ଖଳିତ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଥିବା ଡିସିପି ସୂଚନା ଦେଇଛନ୍ତି । ରାଷ୍ଟ୍ରପତିଙ୍କ କାରକେଟ୍ ନିମନ୍ତେ ରବିବାର ରାଜଧାନୀରେ କମିଶନରେଟ୍ ପୋଲିସ୍ ପକ୍ଷରୁ କାରକେଟ୍ ଅଭ୍ୟାସ କରାଯାଇଥିଲା ।

## ମହାନଦୀ ଜଳ ପ୍ରସଙ୍ଗ: ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ତୀବ୍ର ସମାଲୋଚନା

**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଜଳ ପ୍ରସଙ୍ଗରେ ବିଜେଡିକୁ ତୀବ୍ର ସମାଲୋଚନା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ବିଜେଡିର ଜ୍ଞାନ ଦରକାର ନାହିଁ । ୨୦୧୬ରେ କେନ୍ଦ୍ର ସରକାର ଆଲୋଚନାକୁ ଦୁଇ ରାଜ୍ୟକୁ ଡାକିଥିଲେ । ବିଜେଡି ସରକାରରେ ଥିବା ବେଳେ ଥରେ ଗଲେ ଆଉ ଦୁଇ ଥର ଆଲୋଚନାକୁ ଗଲେନି । ଅଯଥାରେ ମହାନଦୀକୁ ନେଇ ବିଜେଡି ତା'ର ରାଜନୈତିକ ରୁଟି ସେକିବାର ଆବଶ୍ୟକତା ନାହିଁ । ଯାହା କରିବା କଥା, ଆମ ସରକାର ହିଁ କରିବେ । ବିଜେଡି ଆଜି ଯେଉଁଭଳି ଉଚ୍ଚ ସ୍ୱରରେ କହୁଛି, ସେତେବେଳେ କେଉଁଠି ଥିଲା ବୋଲି ପୃଥ୍ୱୀରାଜ ପ୍ରଶ୍ନ କରିଛନ୍ତି ।



ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ତିନୋଟି ସ୍ଥାନରେ ବିଜେପିର ସରକାର । ହେଲେ ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛି । ଏହାସତ୍ତ୍ୱେ ବି ରାଜ୍ୟ ସରକାର ଏହାକୁ ନେଇ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଛନ୍ତି ଆଇନ ମନ୍ତ୍ରୀ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେଡି ବିଧାନସଭା ଭିତରେ ଓ ବିଧାନସଭା ବାହାରେ ଓଲଟା କଥା କହୁଛି । କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତା ପ୍ରସ୍ତାବକୁ ସେତେବେଳେ ସେମାନେ ଅଗ୍ରାହ୍ୟ କରିଥିଲେ । ଛତିଶଗଡ଼ ସରକାର ଆଲୋଚନା ପାଇଁ ଆଗ୍ରହ ଦେଖାଇନଥିଲେ । ତେଣୁ ଆଜିର ତାରିଖରେ କାନ୍ଦିବାର ମାନେ କିଛି ନାହିଁ । ଗତ ୮ ବର୍ଷ ଧରି ଜଣେ ଦକ୍ଷିଣ ଭାରତୀୟ ଲୋକଙ୍କ କଥାରେ ବିଜେଡି ପରିଚାଳିତ ହୋଇଥିଲା । ଏବେ ଜଣେ ଦକ୍ଷିଣ ଭାରତୀୟ ନେତାଙ୍କ ଇସାରାରେ ଚାଲିବାରେ ଅସୁବିଧା କ'ଣ । କୁଆଡ଼େ ଗଲା ବିଜେଡିର ସମଦୂରତା ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଶ୍ନ କରିଛନ୍ତି ।

## ପ୍ରଶାସନର ଚଢଉ: ଗୋଟିଏ ମିଲ୍ ସିଲ୍

**ମାଲକାନଗିରି, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ମଣ୍ଡି ସରିବା ପରେ ମିଲରମାନେ ଧାନ ଉଠାଇଛନ୍ତି । ତେବେ ଗତ କିଛି ଦିନ ତଳେ ଯୋଗାଣ ଓ ଖାଉଟି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାର ମଣ୍ଡିକୁ ନେଇ ମନ୍ତ୍ରୀ ସମୀକ୍ଷା କରିବା ପରେ ତୁରନ୍ତ ମିଲଗୁଡିକରେ କେତେ ଧାନ ରହିଛି ଏବଂ ଏସଓପି ପାଳନ କରାଯାଉଛି କି ନାହିଁ ସେନେଇ ଜିଲ୍ଲାପାଳଙ୍କୁ ତୁରନ୍ତ ଚଢଉ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମଧ୍ୟ ମନ୍ତ୍ରୀଙ୍କ ସମୀକ୍ଷା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କୁ ଏନେଇ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଜିଲ୍ଲାର ତିନୋଟି ମିଲ୍ ଉପରେ ଚଢାଉ କରିଥିଲେ । ତିନୋଟି ମିଲଗୁଡିକ ହେଲା ମହାବୀର ମିଲ, ତାରାତାରିଣୀ ମିଲ୍ ଏବଂ ପୃଥିବୀ ମୋର୍ଡେନ ମିଲ୍ ।



ପୃଥିବୀ ମୋର୍ଡେନ ମିଲରେ କାଗଜପତ୍ର ଠିକ ନଥିବା, ଷ୍ଟକରେ (ପୃଷ୍ଠା ୭ରେ)

## ବୁଧବାର ଶପଥ ନେବେ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି

**କଟକ, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନ୍ ବୁଧବାର ଶପଥ ଗ୍ରହଣ କରିବେ । ହାଇକୋର୍ଟ ପରିସରରେ ପୂର୍ବାହ୍ଣ ୧୦ଟାରେ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଷ୍ଟିସ ଟଣ୍ଡନ୍‌ଙ୍କୁ ଶପଥପାଠ କରାଇବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ



ବରିଷ୍ଠ ଅଧିକାରୀଙ୍କ ସହ ହାଇକୋର୍ଟର ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ସୁପ୍ରିମ୍‌କୋର୍ଟ (ପୃଷ୍ଠା ୭ରେ)

## ପୁଲିସ ନିକଟରେ ୨୨ ଜଣ ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲା ପୁଲିସ ନିକଟରେ ୨୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଗତ ୨୦ ତାରିଖରେ ବିଜାପୁର ପୁଲିସ ୨୬ ଜଣ ନକ୍ସଲଙ୍କୁ ମାରିବା ପରେ ସଂଗଠନରେ ହଡକମ୍ପ ମଚିଥିଲା । ଏମାନେ ନକ୍ସଲ ମୃତ୍ୟୁକୁ ଭୟ କରିବା ସହ ସଂଗଠନ ଛାଡିବା ପାଇଁ ଆଗେଇ ଆସିଥିଲେ ।

ନକ୍ସଲ ସଂଗଠନରେ ନିର୍ଯାତନା ଏବଂ ପୁଲିସର ଘନ ଘନ ଚଢଉରେ ନକ୍ସଲଙ୍କର ମୃତ୍ୟୁ ଅନ୍ୟ ନକ୍ସଲମାନଙ୍କୁ ଭୟଭୀତ



କରାଇଛି । ଆନ୍ଧ୍ର ଓଡ଼ିଶା ବର୍ଡର ଡିଭିଜନ ଏବଂ ତେଲେଙ୍ଗାନା ଷ୍ଟେଟ ଏରିଆ କମିଟିର ୨୨ ଜଣ ନକ୍ସଲ ଜିଲ୍ଲା ପୁଲିସ ଏବଂ ଆଇଜି ନିକଟରେ (ପୃଷ୍ଠା ୭ରେ)

### କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ

## ଜୋରଦାର : ୧୧ ଜଣ ଗିରଫ

**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

କମିଶନରେଟ ପୋଲିସ ପକ୍ଷରୁ ଜୋରଦାର ହୋଇଛି ସ୍ପେଶାଲ ଡ୍ରାଇଭ । ୧୧ଜଣଙ୍କୁ ଗିରଫ କରାଯାଇଛି । ଷ୍ଟ୍ରିଟ କ୍ରାଇମ ରୋକିବା ପାଇଁ କଡ଼ା ଆଭିମୁଖ୍ୟ ନେଇଛି ପୋଲିସ । ଆର୍ମ ଆକ୍ଟ ଲଗାଇଛି ପୋଲିସ । ପିସିଆର ଦ୍ୱାରା ଇଣ୍ଟେନସିଭ ପାଟ୍ରୋଲିଂ କରାଯାଇଛି ।

ସନ୍ଦିଗ୍ଧ ବୁଲୁଥିବା ବେଳେ ଯାଞ୍ଚ କରିଥିଲା ପିସିଆର । ସର୍ଚ୍ଚ ବେଳେ ଅଧାକିଲୋ ରୁପା ଅଳଙ୍କାର ମିଳିଛି । ନୟାପଲ୍ଲୀ ଅଞ୍ଚଳର ଏକ ଅଳଙ୍କାର ଦୋକାନରୁ (ପୃଷ୍ଠା ୭ରେ)

## ଏକାଳ ପଖାଳ




ଉଃ କି ମାଡ଼ ଆଃ କି ମାଡ
ଜମେ ଆଇପିଏଲ୍ ଖେଳ
ଆରମ୍ଭରୁ ସବୁ ରେକର୍ଡ ଭାଙ୍ଗଇ
ଆହୁରି ଅଛି ଯେ ବେଳ
ଟିଭି ଆଗେ ସବୁ ମେଳ
ଖେଳାଳି ଖେଳନ୍ତି ଖେଳ ଆଉ
ଦର୍ଶକ ବୁହାନ୍ତି ଝାଳ ।

## ନିଷ୍କ୍ରିୟ ମୋବାଇଲ ନମ୍ବରରେ ଏପ୍ରିଲ ୧ରୁ ମିଳିବନି ୟୁପିଆଇ ସେବା




**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ଆର୍ଥିକ ଠକେଇ ରୋକିବା ପାଇଁ ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) ସହ ଜଡ଼ିତ ଅନେକ ନିୟମ ପରିବର୍ତ୍ତନ କରାଯାଇଛି । ଏହି କ୍ରମରେ ବ୍ୟାଙ୍କରେ ଲିଙ୍କ ହୋଇଥିବା ଉପଭୋକ୍ତାଙ୍କ ମୋବାଇଲ ନମ୍ବର ଦୀର୍ଘ ସମୟ ଧରି ନିଷ୍କ୍ରିୟ ଥିଲେ, ସେମାନେ ଏପ୍ରିଲ ୧ରୁ ୟୁପିଆଇ ସେବାରୁ ବଞ୍ଚିତ ହେବେ । ନିଷ୍କ୍ରିୟ କିମ୍ବା ପରିବର୍ତ୍ତିତ ମୋବାଇଲ ନମ୍ବର ଅପସାରଣ ପାଇଁ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସପି) କମ୍ପାନୀ ମାର୍ଚ୍ଚ ୩୧ ପୂର୍ବରୁ ସେମାନଙ୍କ ଡାଟାବେସ ଅପଡେଟ କରିବାକୁ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ନିର୍ଦ୍ଦେଶ ଦେଇଛି । ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ (ଡିଆଇପି)ରେ ଉପଲବ୍ଧ ମୋବାଇଲ ନମ୍ବର ରିଭୋକେସନ ଲିଷ୍ଟ (ଏମ୍ଏନଆର୍ଏଲ୍) ବ୍ୟବହାର କରିବାକୁ କୁହାଯାଇଛି । ଫଳରେ ନିଷ୍କ୍ରିୟ ମୋବାଇଲ ନମ୍ବର ସହିତ ଲିଙ୍କ ହୋଇଥିବା ୟୁପିଆଇର ବ୍ୟବହାର ବନ୍ଦ ହୋଇଯିବ । ବ୍ୟାଙ୍କ ଏବଂ ଗୁଗଲ ପେ, ଫୋନ ପେ ଭଳି ୟୁପିଆଇ ଆପ ସପ୍ତାହରେ ଅତି କମ୍‌ରେ ଥରେ ମୋବାଇଲ ନମ୍ବର (ପୃଷ୍ଠା ୭ରେ)

## ଆଉ ୩ ଦିନ କାଳବୈଶାଖୀ ପ୍ରବଳରୁ ଅତି ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୨୩।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ୨ ଦିନ ଧରି ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୧୨୩.୪ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ବାଲେଶ୍ୱରରେ ୩୩.୪ ମି.ମି., ରାଉରକେଲାରେ ୩୦.୬ ମି.ମି., ଅନୁଗୋଳରେ ୨୩ ମି.ମି., କଟକରେ ୨୧.୨ ମି.ମି., ତାଳଚେରରେ ୧୭.୮ ମି.ମି. ବର୍ଷା ହୋଇଛି । ଭୁବନେଶ୍ୱରରେ ମଧ୍ୟ ଶନିବାର ଦିନସାରା କୋହଲା ପାଗ ସହ ଝିପିଝିପି ବର୍ଷା ଲାଗିରହିଥିଲା । ଏଠାରେ ୩ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତେବେ ଆସନ୍ତା ୩ ଦିନ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି ଆଞ୍ଚଳିକ (ପୃଷ୍ଠା ୭ରେ)







## ବାଲେଶ୍ୱର ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

# ଯୁବପିଢ଼ିଙ୍କୁ ସ୍ୱରୋଜଗାରକ୍ଷମ କରିବା ପ୍ରାଥମିକ ଲକ୍ଷ୍ୟ : ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୮ ମାର୍ଚ୍ଚ ତାରିଖରେ ସ୍ଥାନୀୟ ନୋସି ବିଜନେସ ପାର୍କଠାରେ ଏକ ବିଶାଳ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭାରପ୍ରାପ୍ତ ଉପଜିଲ୍ଲାପାଳ ବାଲେଶ୍ୱର ଡ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମୀରଂଜିତ ଦଳ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବେସରକାରୀ, ଘରୋଇ ଅନୁଷ୍ଠାନ, ଶିକ୍ଷଣଅନୁଷ୍ଠାନର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା



ରାଜ୍ୟ ବାହାରର ମୋଟ ୪୦ ଗୋଟି ବେସରକାରୀ, ଘରୋଇ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ନିଯୁକ୍ତିଦାତା ଯୋଗ ଦେଇ ପ୍ରାର୍ଥୀପ୍ରାର୍ଥୀନୀଙ୍କୁ ଚୟନକରି ସିଧାସଳଖ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ ଯୋଗଦେଇ ଦେୟ ମୁକ୍ତ ତାଲିମ ପାଇଁ ଚୟନ କରି ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ପଞ୍ଚମ ପାସ୍ ଠାରୁ ଉର୍ଦ୍ଧ୍ୱ, ମେଟ୍ରିକ, ଯୁକ୍ତ ଦୁଇ, ସ୍ନାତକ, ଆଇ.ଟି.ଆଇ, ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀ, ପ୍ରାର୍ଥୀନୀମାନେ ନିଯୁକ୍ତି ମେଳାରେ ଭାଗନେଇ ପାରିବେ। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ପାସ୍‌ପୋର୍ଟ ଫଟୋ, ଆଧାର କାର୍ଡ ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ ପ୍ରାର୍ଥୀନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ଏମକେସିଜିରେ ନିରାଶ କରୁଛି ନିଦାନ ବିଭାଗ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରୋଗୀଙ୍କ ଚିକିତ୍ସା ପୂର୍ବରୁ ରୋଗୀ ସମ୍ପର୍କିତ ସଠିକ୍ ରୋଗ ନିଦାନ ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ। ଏହି ରିପୋର୍ଟ ଆଧାରରେ ଡାକ୍ତର ରୋଗୀଙ୍କ ଚିକିତ୍ସା କରିଥାନ୍ତି। କିନ୍ତୁ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ଥିବା ପାଥୋଲୋଜି ବିଭାଗ ରୋଗୀଙ୍କୁ ସେବା ପ୍ରଦାନ ପରିବର୍ତ୍ତେ ନିରାଶ କରୁଥିବା ଅଭିଯୋଗ ହୋଇଛି। ଫଳରେ ଚିକିତ୍ସା ଆଶାରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ସଠିକ୍ ସମୟରେ ରିପୋର୍ଟ ନ ପାଇ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏମ୍‌କେସିଜି ମେଡ଼ିକାଲ୍‌ରେ ୨୦ରୁ ଅଧିକ ବିଭାଗ ରହିଛି। ଏଠାକୁ ଚିକିତ୍ସା ନିମନ୍ତେ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ରୋଗୀ ଆସିଥାନ୍ତି। ମେଡ଼ିକାଲ୍ ଓପିଡ଼ିରେ ରୋଗୀଙ୍କ ଚିକିତ୍ସା ପରେ ସଠିକ୍ ରୋଗ ନିରୁପଣ ନିମନ୍ତେ ବହୁ ପରୀକ୍ଷା କରିବାକୁ ରୋଗୀଙ୍କୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଭିନ୍ନ ଭିନ୍ନ ରୋଗ ପାଇଁ ପରୀକ୍ଷା ରହିଥିବା ବେଳେ ଏଫଏନ୍‌ଏସି ବା ଛୁଞ୍ଚ ପରୀକ୍ଷା ଅନ୍ୟତମ। ରୋଗୀଙ୍କ ଶରୀରରେ କୌଣସି ସ୍ଥାନରେ ମାଂସ ଜମାଟ କିମ୍ବା ଅଧିକ ଦିନ ଧରି ମାଂସ ଫୁଲି ରହିବା ଭଳି କିଛି ସମସ୍ୟା ରହିଥିଲେ ସମ୍ପୃକ୍ତ ରୋଗୀଙ୍କୁ ଡାକ୍ତର ଏହି ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି। ଶରୀରର ଉକ୍ତ ସ୍ଥାନରେ କର୍କଟ କୋଷ ରହିଛି କିମ୍ବା ନାହିଁ ତାହାର ପରୀକ୍ଷା ନିମନ୍ତେ ରୋଗୀଙ୍କୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ସେହିକ୍ରମରେ ରୋଗୀମାନେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ମେଡ଼ିକାଲ୍ ପରିସରରେ ଥିବା ପାଥୋଲୋଜି ବିଭାଗକୁ ପରୀକ୍ଷା ପାଇଁ ଯାଇଥାନ୍ତି। ଏଭଳି ଭାବେ ପ୍ରତ୍ୟେକ ଦିନ ଡାକ୍ତର ୬୦ ରୁ ୭୦ ଜଣ ରୋଗୀଙ୍କୁ ଛୁଞ୍ଚ ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ବିଭାଗରେ ପ୍ରତ୍ୟେକ ଦିନ କେବଳ ୨୫ ରୁ ୩୦ ଜଣ ରୋଗୀଙ୍କ ନମୁନା ସଂଗ୍ରହ କରାଯାଉଛି। ସକାଳ ୧୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ନମୁନା ସଂଗ୍ରହ କରାଯାଉଛି। ପରେ ନମୁନା ସଂଗ୍ରହ ବନ୍ଦ କରାଯାଉଥିବାରୁ ପ୍ରତ୍ୟହ ୨୦ରୁ ୩୦ ଜଣ ରୋଗୀ ପରୀକ୍ଷା ନ କରି ଫେରି ଯାଉଥିବା ପରିଲକ୍ଷିତ ହେଉଛି। ମେଡ଼ିକାଲ୍‌ରେ ପ୍ରଥମେ ଧାଡ଼ିରେ ରହି ଓପିଡ଼ି ଟିକେଟ କରିବା ପରେ ଡାକ୍ତରଙ୍କ ଠାରୁ ଚିକିତ୍ସା ପରାମର୍ଶ ନେବାକୁ ହୁଏ। ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆବଶ୍ୟକ ପରୀକ୍ଷା ନିମନ୍ତେ ଆର୍‌ଡ଼ିସିରେ ଉକ୍ତ ନମୁନା ଦେଇ ପୁଣି ଗୋଟାଏ ସୁଦ୍ଧା ନିଦାନ ବିଭାଗରେ ପହଞ୍ଚ ଛୁଞ୍ଚ ପରୀକ୍ଷା ପାଇଁ ପୁଣି ନମୁନା ଦେବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ବାଧ୍ୟ ହୋଇ ସହରରେ ଥିବା ବିଭିନ୍ନ ଘରୋଇ ପାଥୋଲୋଜି ସେଣ୍ଟରରେ ୩୦୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ଛୁଞ୍ଚ ପରୀକ୍ଷା କରିଥାନ୍ତି। ସବୁଠାରୁ ବଡ଼ କଥା ହେଲା ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ପାଥୋଲୋଜି ବିଭାଗରେ ୩ ଜଣ ପ୍ରଫେସର, ୩ ଜଣ ଆସୋସିଏଟ୍ ପ୍ରଫେସର, ୧୮ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୪ଜଣ ସିନିୟର ରେସିଡାଣ୍ଟ ପ୍ରଫେସର ଓ ୩୩ ଜଣ ଜୁନିୟର ରେସିଡାଣ୍ଟଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତଥାପି ରୋଗୀଙ୍କ ପରୀକ୍ଷାରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ବିଭାଗର ବହୁ ଡାକ୍ତର ସହରରେ ଥିବା ବିଭିନ୍ନ ଘରୋଇ ପାଥୋଲୋଜି ସେଣ୍ଟରରେ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରି ସେମାନଙ୍କୁ ରିପୋର୍ଟ ପ୍ରଦାନ କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବିଭାଗରେ ଲ୍ୟାବ୍ ଟେକ୍ନିସିଆନ୍‌ଙ୍କ ସଂଖ୍ୟା ଆବଶ୍ୟକ ଠାରୁ କମ୍ ରହିଛି। ସେପଟେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ କଲେଜରେ ମଧ୍ୟାହ୍ନ ପରେ ରୋଗୀଙ୍କ ଏଫଏନ୍‌ଏସି ପରୀକ୍ଷା ପାଇଁ ନମୁନା ସଂଗ୍ରହ କରି ଗୋଟିଏ ଦିନରେ ରିପୋର୍ଟ ଦେବା କଷ୍ଟକର ବୋଲି କହିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଲତା ଚୌଧୁରୀ।

# ସରକାରୀ ଆଇଟିଆଇରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଆଇଟିଆଇ ରାଉରକେଲା ଠାରେ ଆନ୍ତର୍ଜାତୀକ ମହିଳା ଦିବସ ପାଳନ ସହ ରାଜ୍ୟସ୍ତରୀୟ ଫେଷ୍ଟରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ସେମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଆଇଟିଆଇର ଅଧ୍ୟକ୍ଷ ଇଂ ଡମାନ ସୋରେନଙ୍କ ପୌରୋହିତ୍ୟ ଓ କୁନମୁନ ବେହେରା, ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଜେଲ୍‌ର ସୁପରିଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଦୀପ୍ତିମୟୀ ସୁନ୍ଦରାୟ, ଲୀନା ତ୍ରିପାଠୀ, ଶ୍ରଦ୍ଧା ପରିଡ଼ା, ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ଆଇଟିଆଇର ଉପସଭାପତି ଉତ୍ତମ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଗଣ ସେମାନଙ୍କ ବକ୍ତବ୍ୟରେ ଆନ୍ତର୍ଜାତିକ ମହିଳା ଦିବସର ଆଭିମୁଖ୍ୟ ଓ ସଶକ୍ତିକରଣ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଏହା ସହ ଶିକ୍ଷା ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ତଥା ସେଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୬ ଓ ୭ ତାରିଖରେ କଟକରେ ହୋଇଥିବା ରାଜ୍ୟ ସ୍ତରୀୟ ଆଇଟିଆଇ ଫେଷ୍ଟ ୨୦୨୪-୨୫ରେ ରାଉରକେଲା ସରକାରୀ ଆଇଟିଆଇର ୧୫୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ କବାଡ଼ି, ଭଲିବଲ୍, ଫୁଟବଲ, ଖୋଖୋ, ବ୍ୟାଡ଼ମିଣ୍ଟନ, କ୍ରିକେଟ, ଡ୍ରାମା, ମନୋଆକ୍ଟ, ମିମିକ୍ରୀ, ବକ୍ତୃତା, ସାଧାରଣ ଜ୍ଞାନ, ବିଭିନ୍ନ ନୃତ୍ୟରେ ଅଂଶଗ୍ରହଣ କରି ସୁନ୍ଦରଗଡ଼ ଜୋନ୍‌କୁ ଚାମ୍ପିଅନ କରାଇଥିଲେ। ଏଥିପାଇଁ ଚାମ୍ପିଅନ କପ୍ ସହ ବିଭିନ୍ନ ପୁରସ୍କାର ଜିତି ରାଉରକେଲା ସରକାରୀ ଆଇଟିଆଇକୁ ଗର୍ବିତ କରାଇଥିଲେ। ଏଥିପାଇଁ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ସୋରେନ୍ ସମସ୍ତ ଛାତ୍ରଛାତ୍ରୀ, ପ୍ରଶିକ୍ଷିକା, ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି
## ୭୦ ମାମଲା ପଞ୍ଜିକୃତ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ ହଲ୍‌ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଗ୍ରାମାଞ୍ଚଳ, ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଉପ-ଆୟୁକ୍ତ, ପୋଲିସ କମିଶନରେଟ, କଟକ ଅମରେନ୍ଦ୍ର ପଣ୍ଡା, କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ସୁଜୟ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୭୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଗୋଟି ସାମୁହିକ ଅଭିଯୋଗ ରହିଛି। ଅଭିଯୋଗ ଶୁଣାଣି ଶିବିରରେ ୨୦ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କ ପାଇଁ ଓରିଏଣ୍ଟେସନ କର୍ମଶାଳା

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ଓରିଏଣ୍ଟେସନ କର୍ମଶାଳା ଜିଲ୍ଲା ଜରୁରୀ କାଳୀନ ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟସ୍ଥ ସଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ କରି ରଖିବେ ସେଥିପାଇଁ ଆୟୋଜିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀକାଳୀନ ଶାଖା ଅଧିକାରୀ ତଥା ଡେପୁଟୀ କଲେକ୍ଟର ଶେଖ୍ ନସିମ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ବୈଠକକୁ ସମ୍ବୋଧନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା



ପାଇଁ ସମସ୍ତ ବିଡ଼ିଓ, ତହସିଲଦାର ତଥା ସମସ୍ତ ବିଭାଗ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ପ୍ରାକ ପ୍ରସ୍ତୁତି ସହ ଜରୁରୀ କାଳୀନ ପରିଚାଳନା ଉପରେ ବିଶଦ ଭାବରେ ବୁଝାଇ ଥିଲେ। ସେ କହିଲେଯେ ଗ୍ରୀଷ୍ମ ପ୍ରବାହରୁ ଆମକୁ କେବଳ ମଣିଷ ସମାଜ ନୁହେଁ ଏହା ସହିତ ସମସ୍ତ ଗୃହପାଳିତ ପଶୁ, ଜୀବଜନ୍ତୁ ଏବଂ ବୃକ୍ଷଲତାର ସୁରକ୍ଷା କରିବା ଆବଶ୍ୟକ। ଏଥିପାଇଁ ଅଧିକାରୀମାନେ ନିଜ ନିଜ ବିଭାଗ ସହିତ ଲୋକ ପ୍ରତିନିଧି ମାନଙ୍କୁ ମଧ ସାମିଲ୍ କରନ୍ତୁ। ଘରପୋଡ଼ି ହେଲେ ରାଜସ୍ୱ ଅଧିକାରୀମାନେ ୨୪ ଘଣ୍ଟା ମଧ୍ୟରେ ସହାୟତା ଯୋଗାଇ ଦେବେ। ସମସ୍ତ ସତର୍କତା ସହିତ ଜିଲ୍ଲାରେ ମନରେଗା ଯୋଜନାରେ କାମ ଚାଲୁ ରହିବ। ପଞ୍ଚାୟତିରାଜ, ନଗର ଉନ୍ନୟନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସମସ୍ତ ସହର, ବସ୍ତି, ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ସମାଧାନ କରିବେ। ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ନଜର ରଖିବେ। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୁପେ ନିର୍ବାହ କରିବେ। ଜିଲ୍ଲା ଜରୁରୀ ଶାଖା ଡିପିଓ ମହେନ୍ଦ୍ର କୁମାର ସ୍ୱାଇଁ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟାନ୍ୱୟନର ପାଓ୍ୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ। ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ମହାଦେବ ବଡ଼ାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସିଡିଏମ୍‌ଓ ଡଃ ଗୁରୁପ୍ରସାଦ ଜେନା ସମେତ ସମସ୍ତ ତହସିଲ୍‌ଦାର, ବିଡ଼ିଓ, କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହର ସଠିକ୍ ତଥା ସମୟୋଚିତ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଜନ୍ମଦିବସରେ ରୋଗୀମାନଙ୍କୁ ଫଳ ବଣ୍ଟନ କଲେ ବିଧାୟକ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଜନ୍ମଦିନ। ଏହି ଅବସରରେ ତାଙ୍କ ସମର୍ଥକ ଏବଂ ବନ୍ଧୁ ପରିଜନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ଥିଲା। ବିଧାୟକ କଣ୍ଟାବାଞ୍ଜି ଡାକ୍ତରଖାନା ଅଚାନକ ପରିଦର୍ଶନ କରିବା ସହ ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ଫଳ, ବିସ୍କୁଟ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ବିଧାୟକ ପରିଦର୍ଶନ ସମୟରେ କିଛି ରୋଗୀ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଅବଗତ କରିଥିବା ବେଳେ ବିଧାୟକ ତାହା ଶୁଣି କେମିତି ତାଙ୍କ ସମସ୍ୟା ସମାଧାନ ହେବ ସେନେଇ ଡାକ୍ତରଙ୍କୁ କହିଥିଲେ। ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର, ଷ୍ଟାଫ୍‌ନର୍ସ ସହ ଅନ୍ୟ କର୍ମଚାରୀ ମାନେ ଠିକ୍‌ରେ କାମ କରୁଛନ୍ତି ଏବଂ ଆଜିର ଦିନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଥିବା ଯୋଗୁ ନିଜ ସମର୍ଥକ ଏବଂ ବନ୍ଧୁ ପରିଜନଙ୍କୁ ଧନ୍ୟବାଦ ଦେଇଥିଲେ ବିଧାୟକ।

# ସୁବୋଧକୃଷ୍ଣ କୁଟୀରରେ ଭାଗବତ ସପ୍ତାହ ଉଦ୍‌ଯାପିତ



**କଟକ, ନ୍ୟୁଜ୍‌ବ୍ୟୁରୋ**

ସୁବୋଧକୃଷ୍ଣ ମିଶନ ପକ୍ଷରୁ ସୁବୋଧକୃଷ୍ଣ କୁଟୀର ସମ୍ମୁଖ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଡଃ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ମହାରାଜଜୀ ସପ୍ତାହ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳା ଅମୃତକୁ ବିଭିନ୍ନ ପ୍ରସଙ୍ଗ ମାଧମରେ ପ୍ରାଞ୍ଜଳ ଓଡ଼ିଆ ଭାଷାରେ ଆଶୀର୍ବଚନ ଶ୍ରଦ୍ଧାଳୁ କୃଷ୍ଣପ୍ରେମୀ ଶ୍ରୋତାଙ୍କ ସମ୍ମୁଖ ରଖିଥିଲେ। ଶତାଧିକ ଅଞ୍ଚଳବାସୀ ତଥା କୃଷ୍ଣପ୍ରେମୀ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାମୃତ ପାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବୋଧକୃଷ୍ଣ ମିଶନ ରାଜ୍ୟ ଲୋକ-ସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ, ସଭାପତି ପ୍ରାକ୍ତନ ନାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ପ୍ରାକ୍ତନ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ଯୁଗଳ କିଶୋର ପଣ୍ଡା, ମଞ୍ଚ ପୁରୋଧା ନୟନ କିଶୋର ପଣ୍ଡା, ପ୍ରାକ୍ତନ ନାୟମୂର୍ତ୍ତି ବାସୁଦେବ ପାଣିଗ୍ରାହୀ, ପ୍ରାକ୍ତନ ଜିଲ୍ଲାପାଳ ଲିଙ୍ଗରାଜ ଖାଡ଼ଙ୍ଗା, ଡାକ୍ତର ଦୀପକ କୁମାର ରାଜ, ସମ୍ପାଦକ ବିନୟ ନାୟକ, ପଣ୍ଡିତ ରଞ୍ଜନ ମହାପାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ-୧, କଟକର ଅଧ୍ୟକ୍ଷ ଆନନ୍ଦବଲ୍ଲଭ ପାଣ୍ଡେ, ସୁରେଶ କୁମାର କମାନୀ, ପ୍ରଫୁଲ୍ଲ କୁମାର ମହାନ୍ତି, ଜଗନ୍ନାଥ ବେହେରା, ଅଜିତ ମଣ୍ଡଳ, ବିଭୁଦତ୍ତ ବେଉରିଆ, ନଗେନ ଦାସ, ଜ୍ୟୋତି ଚୌଧୁରୀ, ଶ୍ରଦ୍ଧା ବେଉରିଆ, ଗୀତାଞ୍ଜଳି ମହାପାତ୍ର, ସଂଗୀତା ନାୟକ, ସବିତା ରାଉତରାୟ, ସସ୍ମିତା ଦେବତା, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଲୋକ-ସମ୍ପର୍କ ପ୍ରମୁଖ ଶ୍ରୀ ରାଉତରାୟ ସମସ୍ତ ଉପସ୍ଥିତ ଜନତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଆର୍ଟ ଚଳଚ୍ଚିତ୍ର ପ୍ରଦର୍ଶନୀରେ 'ବିଜୟିନୀ' ସ୍ଥାନିତ

**ଗୁଣପୁର, ନ୍ୟୁଜ୍‌ବ୍ୟୁରୋ**

ବଳେ ମାଆ କେତେବେଳେ ଏକ ଅନାଥ ହୋଇ ସ୍ତ୍ରୀ ତ ଆଉ କେତେବେଳେ ଭଉଣୀ ରୂପରେ ପରିଚିତ ନାରୀ ଓ ନାରୀର ସମ୍ମାନ ଓ ମର୍ଯ୍ୟାଦାକୁ ନେଇ ନିର୍ମିତ ହୋଇଛି ନୂଆ ଚଳଚ୍ଚିତ୍ର 'ବିଜୟିନୀ'। ଶିଶୁର ସଂଘର୍ଷର କାହାଣୀ 'ବିଜୟିନୀ' ଏକ ସାମାଜିକ ଚଳଚ୍ଚିତ୍ର। ଆଦ୍ୟାଶା ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ସଂସ୍ଥା ପକ୍ଷରୁ ଜାତୀୟସ୍ତରରେ ଆୟୋଜିତ ହୋଇଥିବା ଆର୍ଟ ଚଳଚ୍ଚିତ୍ର ପ୍ରଦର୍ଶନୀରେ ଏହି ଫିଲ୍ମ ସ୍ଥାନିତ ହୋଇଥିବାରୁ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଗୁଣପୁରର କେତେଜଣ ଉଦ୍ୟମୀ ଯୁବକ ୩ ପୌଢ଼ କଳାକାରଙ୍କ ପ୍ରୟାସରେ ପ୍ରସ୍ତୁତ ହୋଇଥିବା ଏହି ସାମାଜିକ ଚଳଚ୍ଚିତ୍ର ପ୍ରଥମ ଥର ପାଇଁ ଗୁଣପୁରର ଗର୍ବ ଓ ଗୌରବକୁ ଜାତୀୟ ଆର୍ଟ ଚଳଚ୍ଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ପୁରସ୍କୃତ ହେବା ଜାତୀୟ ସ୍ତରରେ ସମାହିତ କରିପାରିଛି। ଗୁଣପୁରର ବିଭିନ୍ନ ସ୍ଥାନରେ ଏହି ଚଳଚ୍ଚିତ୍ରର ଶୁଟିଂ ହୋଇଛି। ରାଜ୍ୟସ୍ତର ଓ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ନେଇ ଏହା ପ୍ରସ୍ତୁତ ହୋଇଥିବା ଚଳଚ୍ଚିତ୍ରର ମୁଖ୍ୟ ନିର୍ଦ୍ଦେଶକ ଶକ୍ତି ଦାଶ ସୂଚନା ଦେଇଛନ୍ତି। ରଶ୍ମିତା ସରୋଜ ରାଉତଙ୍କ ଦ୍ୱାରା ପ୍ରଯୋଜିତ ଏବଂ ନିବେଦିତ ଏହି ଚଳଚ୍ଚିତ୍ରରେ ଯାନ୍ତ୍ରିକ ନିର୍ଦ୍ଦେଶକ ଭାବେ ମନୋରଞ୍ଜନ ନାୟକ ଦାୟିତ୍ୱ ତୁଲାଇଛନ୍ତି। ସଂଳାପ




ଓ କାହାଣୀ ଲେଖକ ଭାବେ ସିଦ୍ଧାର୍ଥ ଦାଶ, ଚିନ୍ତାକଳ୍ପ ବା ଧାରଣା ସରୋଜ ରାଉତ, ଡିଓପି ଏବଂ ଡିଆଇ ମାଷ୍ଟର ତନ୍ମୟ, ରୂପସଜ୍ଜା ସୋନାଲି ଓ ଚଳଚ୍ଚିତ୍ର ସଂସ୍କରଣ କରିଛନ୍ତି ଅଜିତ୍। ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ନରସିଂହ ଶତପଥୀ, ଆଳିଆ ରାଉତ, ମିତାଲି ଜେନା, ହରିହର ଶତପଥୀ ଓ ସତ୍ୟ ସାହୁ ରହିଥିବା ବେଳେ ଶିଶୁ କଳାକାର ଭାବେ ଇନ୍‌ଷ୍ଟା ଗାର୍ଲ ମିଷ୍ଟି, ସିପ୍ରାଶ୍ରୀ ଓ ସାମ୍ୟା ଆନନ୍ଦିତା ଅଭିନୟ କରିଛନ୍ତି। ସାଇ ସିପ୍ରା ଫିଲ୍ମସ ପ୍ରଡକ୍ସନ ହାଉସର ସହଯୋଗରେ ଆଦ୍ୟାଶା ଫାଉଣ୍ଡେସନ ଓ ଓଲିଉଡ୍ ଧମାକା ବ୍ୟାନରର ଦ୍ୱାରା ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି। ଏହି ଚଳଚ୍ଚିତ୍ର ଖୁବ୍ ଅଭିନବ ଓ ହୃଦୟସ୍ପର୍ଶୀ ହୋଇଥିବାରୁ ବିଭିନ୍ନ ସ୍ତରର କଳାକାର ଓ ବୁଦ୍ଧିଜୀବୀଙ୍କ ଠାରୁ ଅଭିନନ୍ଦନର ସୁଅ ଛୁଟିଛି। ଗତ ୮ ତାରିଖରେ ମହିଳା ଦିବସ ଉପଲକ୍ଷେ ଏହାର ସ୍କ୍ରିନିଂ କାର୍ଯ୍ୟକ୍ରମ ହୋଇଥିଲା।

# ସଚେତନ ନାଗରିକ ମଞ୍ଚର ୧୨ତମ ପ୍ରତିଷ୍ଠା ଦିବସ ପାଳନ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସେକ୍ଟର ୩ସ୍ଥିତ ଖଡ୍ଗ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଇଂ ବିମଳ କୁମାର ବିଶିଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ପି.ପି. ରାୟଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଡାକ୍ତର ଗୋପବନ୍ଧୁ ବଳ ଓ ଇଂ ଉତ୍ତମ କୁମାର ସାମଲ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ମଧ୍ୟରେ ମଞ୍ଚର ଆୟ ବ୍ୟୟ, ଚଳିତ ବଜେଟରେ ରାଉରକେଲା ଓ ସୁନ୍ଦରଗଡ ଜିଲ୍ଲାକୁ ଅବହେଳା, ତାଳଚେର ବିମଳାଗଡ ରେଳପଥର ଅଗ୍ରଗତି ଓ ଓକିଲଙ୍କ ତଥ୍ୟ, ଆବଶ୍ୟକ ଭିତ୍ତିଭୂମି ସତ୍ତ୍ୱେ ରାଉରକେଲାରେ ରେଳ ଡିଭିଜନ ନକରିବା, ବେଦବ୍ୟାସକୁ ଜାତୀୟ ତୀର୍ଥସ୍ଥଳୀର ମାନ୍ୟତା ଓ ଝୁଲାପୋଲ, ଏକ ସରକାରୀ ମେଡ଼ିକାଲ କଲେଜ ଯାହା ଜିଲ୍ଲା ସ୍ତରୀୟ ମେଡିକାଲର ମାନ୍ୟତା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ରାଉରକେଲା ବିମାନ ବନ୍ଦରକୁ ପୂର୍ଣ୍ଣକ୍ଷମ ଓ ୪ସି



ମାନ୍ୟତା ପ୍ରଦାନ, ଜିଲ୍ଲା ଏକ ଜନଜାତି ବହୁଳ ଜିଲ୍ଲା ହୋଇଥିବାରୁ ଏକ ଜନଜାତି ଆବାସିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଆଇଟି ହବ୍, ବୃହତ୍ତର ରାଉରକେଲା ପରିକଳ୍ପନା ନେଇ ଆଉଟର ରିଙ୍ଗ ରୋଡ୍ ନିର୍ମାଣ, ମହର୍ଷି ବ୍ୟାସଦେବଙ୍କ ନାମରେ ଏକ ଲାଇବ୍ରେରୀ ଓ ଆର୍ଯ୍ୟ ସାଧନା, ଏୟାର ପୋର୍ଟକୁ ବ୍ୟାସ ଦେବଙ୍କ ନାମରେ ନାମିତ,ହାଉସିଂ ପ୍ରୋଜେକ୍ଟ, ଜୟ ନାରାୟଣ ମିଶ୍ରଙ୍କ ବକ୍ତବ୍ୟ ନେଇ ଉପସ୍ଥିତ ବୁଦ୍ଧିଜୀବୀ ଓ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନଳିନୀକାନ୍ତ ଧର, ଅମୂଲ୍ୟ ବରାଳ, ଉପେନ୍ଦ୍ର କୁମାର ନାୟକ, ଡା. ବସନ୍ତ କୁମାର ଦାସ, ଜଟାଧାରୀ ମାଝୀ, ଚିତ୍ତରଞ୍ଜନ ଦାସ, ଦିଗମ୍ବର ମହାନ୍ତି, ଚନ୍ଦ୍ରଶେଖର ଶତପଥୀ, ନିତ୍ୟାନନ୍ଦ ଦାଶ, ଗଙ୍ଗାଧର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଅନୁଷ୍ଠାନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ସୁବ୍ରତ ମଲ୍ଲିକ, ରମେଶ ମହାନ୍ତି, ପ୍ରମୋଦ ଜଗଦ୍ଦେବ, ବିଷ୍ଣୁ ଚରଣ ସାମଲ, ଉମାଶଙ୍କର ତିଓ୍ୱାରୀ, ଅଟମ ରଥ, ଅମୂଲ୍ୟ ରାଉତ, ଅକ୍ଷୟ ଦାସ, ଅରୁଣ କୁମାର ପରିଡ଼ା, ଶଶଧର ପାତ୍ର,ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ସସ୍ମିତା ପ୍ରଧାନ, ଭୁବନାନନ୍ଦ ବେହେରା, ଶାନ୍ତନୁ ମୁଦାଲି, ଜ୍ୟୋତିର୍ମୟ ଆଚାର୍ଯ୍ୟ, କମ୍ୟୁନିଷ୍ଟ ଗୌଡ, ଛୋଟରାୟ ରଞ୍ଜିତ ନାୟକ, ରଜନୀକାନ୍ତ ସ୍ୱାଇଁ, ଅକ୍ଷୟ ଜେନା, ତରୁଣ ବେହେରା, ଦେବରାଜ ଗୌଡ, ଭାଗିରଥି ଗୌଡ଼, ଦୀନବନ୍ଧୁ ନାୟକ, ପ୍ରଦୀପ ପାତ୍ର, ପ୍ରୀତମ ମହାନ୍ତି, ରମେଶ ସେଠୀ, ଦିଲ୍ଲିପ ଜେନା, ନାରାୟଣ ସିଂହ, କୁଞ୍ଜବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ବିଶି ସ୍ୱାଗତ ଭାଷଣ ଓ ସମ୍ପାଦକ ଶ୍ରୀ ରାୟ ଅନୁଷ୍ଠାନର ଆଭିମୁଖ୍ୟ ଓ ଗତ ବାର୍ଷିକ ଉତ୍ସବର ସଫଳତା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନବୋନ୍ମେଷ କାର୍ଯ୍ୟକ୍ରମ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନବୋନ୍ମେଷ-ନବସୃଜନର ନୂତନ ଅଧ୍ୟାୟ ନାମକ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପି.ଏମ୍ ଉଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ମିଡ଼ିଆ କ୍ଲବ୍ ଓ ରିସର୍ଚ୍ଚ କ୍ଲବ୍‌ର ମିଳିତ ସହଯୋଗରେ ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପୋଷ୍ଟର, ରିଲ୍‌ସ୍ ଓ ମଡେଲ/ ପ୍ରୋଟୋଟାଇପ୍ ଆଦି ପ୍ରତିଯୋଗିତା ସ୍ନାତକ ଓ ସ୍ନାତକୋତ୍ତର ଭିନ୍ନ ଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା। ପୋଷ୍ଟର ପ୍ରତିଯୋଗିତାରେ ସମୁଦାୟ ୪୯ ଜଣ, ରିଲ୍‌ସ୍ ପ୍ରତିଯୋଗିତାରେ ୧୩୩ ଜଣ ଓ ମଡେଲ/ ପ୍ରୋଟୋଟାଇପ୍ ପ୍ରତିଯୋଗିତାରେ ୬୫ ଜଣ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ



ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ ଏବଂ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟ ସ୍ୱଳ୍ପ ସମୟରେ ଏଭଳି ଏକ ଅଭିନବ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଗର୍ବ ଅନୁଭବ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ଏଥିରେ ଭାଗନେଇଥିବାରୁ ସାଧୁବାଦ ଜଣାଇଥିଲେ। ପି.ଏମ୍ ଉଷାର ବିଶ୍ୱବିଦ୍ୟାଳୟର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ଭାରତ ସରକାରଙ୍କ ପି.ଏମ୍ ଉଷା କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଦେଇଥିଲେ। ମିଡିଆ କ୍ଲବ୍‌ର ସଂଯୋଜକ ଡ. ସ୍ୱରୂପାନନ୍ଦ ବିଷୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ରିସର୍ଚ୍ଚ କ୍ଲବ୍‌ର ସଂଯୋଜିକା ଡ. କୁକୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ନାଟ୍ୟ-ଚେତନାର କଳାକାର ସୁଜାତା ପ୍ରିୟମ୍ବଦା ତାଙ୍କରି ଚିତ୍ତାକର୍ଷକ ଲୋକପ୍ରିୟ ନାଟକ 'ରେବତୀ ଏବତୀ ସେବତୀ' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ପୋଷ୍ଟର ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଚିତ୍ରକଳା ଶିକ୍ଷକ ନିତ୍ୟାନନ୍ଦ ସାହୁ, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଫଟୋ ଗ୍ରାଫର ଚାରୁଚନ୍ଦ୍ର ଦାସ, ବାରିପଦାର ସୁନାମଧନ୍ୟ ଚିତ୍ରକାର ମାନସ ରଞ୍ଜନ ପତି ପ୍ରମୁଖ ରହିଥିଲେ। ସେହିପରି ରିଲ୍‌ସ୍ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ବାରିପଦାର ସୁନାମଧନ୍ୟ ୟୁଟ୍ୟୁବର୍ ସୋନିଆ ସାଉ, ମୟୂରଭଞ୍ଜ କ୍ରିଏଟର୍‌ସ୍ କନ୍‌ସୋର୍ଟିୟମ୍‌ର ପ୍ରତିଷ୍ଠାତା ଶ୍ରୀୟାଂଶୁ ପ୍ରଧାନ ପ୍ରମୁଖ ବିଚାରକ ଭାବେ ରହିଥିଲେ। ମଡେଲ/ପ୍ରୋଟୋଟାଇପ୍ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଷ୍ଣୁ ପ୍ରସାଦ ଦାସ, ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, ପ୍ରଫେସର ପଙ୍କଜ ପାଢ଼ି, ଡ. ସନ୍ତୋଷ କୁମାର ଅଗ୍ରାଲ୍, ଡ. ପବିତ୍ରମୋହନ ନାୟକ, ଡ. ଗୀତାଞ୍ଜଳି ପଣ୍ଡା, ଡ. ଅଶାନ୍ତ ରଞ୍ଜନ ରାଉତରାୟ ପ୍ରମୁଖ ବିଚାରକ ମଣ୍ଡଳୀରେ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସିଡିସିର ନିର୍ଦ୍ଦେଶିକା ପ୍ରଫେସର ସୁସ୍ମିତା କର, କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ବିଶ୍ୱବିଦ୍ୟାଳୟରେ ଫଗୁ ଉତ୍ସବ ଅନୁଷ୍ଠିତ ହୋଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଉଲ୍ଲାସମୟ ବାତାବରଣ ସୃଷ୍ଟି କରିଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ମାର୍ଚ୍ଚ ୨୦୨୫ ସୋମବାର





# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କବିତା ଦିବସ ପାଳିତ : ୪ ଜଣ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କବିତା ମାନବ ଜାତିର ମୌଖିକ ଓ କଥିତ ଭାଷା, ପରମ୍ପରା ଓ ଜନ ଜୀବନକୁ ଆଧାର କରିଥିବାବେଳେ ଭବିଷ୍ୟତର ପୃଥିବୀରେ ଶାନ୍ତି ତଥା ଅନ୍ତର୍ଭୁକ୍ତିକୁ ସଶକ୍ତ କରିପାରିବ ବୋଲି ଅତିଥିମାନେ ମତାମତ ବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ବିଶ୍ୱ କବିତା ଦିବସ' ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶିଷ୍ଟ କବି ତଥା ସାହିତ୍ୟ ଏକାଡେମୀ ପୁରସ୍କୃତ ଅନୁବାଦକ ଡ଼. ସଂଗ୍ରାମ ଜେନା, ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, କଥାକାର ସଦାନନ୍ଦ ତ୍ରିପାଠୀ, କବି ଓ କଥାକାର ରାଜକିଶୋର ଦାସ କବିତାର ଉଦ୍ଦେଶ୍ୟ, ଆଭିମୁଖ୍ୟ, ସାମାଜିକ ଭୂମିକା ଓ ସୁନ୍ଦର ବିଶ୍ୱ ନିର୍ମାଣରେ




ତାର ଭୂମିକା ଉପରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉପରୋକ୍ତ ଚାରିଜଣ କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ଼. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ ବିଶ୍ୱବିଦ୍ୟାଳୟର ଅନେକ ବିଦ୍ୟାର୍ଥୀ ସ୍ୱରଚିତ କବିତା ପାଠ କରିଥିଲେ ।

# ମ୍ୟୁଚୁଆଲ ଫଣ୍ଡରେ ନିବେଶ କରୁଥିଲେ ସାବଧାନ : ବନ୍ଧା ହେଲେ ବ୍ୟାଙ୍କ ପରିଚାଳକ

**କଟକ, ନ୍ୟୁଜ ବ୍ୟୁରୋ**

ମ୍ୟୁଚୁଆଲ୍ ଫଣ୍ଡରେ ଟଙ୍କା ଲଗାଉଥିଲେ ସାବଧାନ ! ବିଶେଷକରି ଅନ୍ୟ କାହା କଥାରେ ପ୍ରଲୋଭିତ ହୋଇ ଯଦି ଟଙ୍କା ନିବେଶ କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ । ନଚେତ୍ ଆପଣ ଫସି ଯାଇପାରନ୍ତି । ନିବେଶ ଆଳରେ ତିନି ଜଣ ବରିଷ୍ଠ ଗ୍ରାହକଙ୍କ ଠାରୁ ୧ କୋଟି ୫୮ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଜଣେ ବ୍ୟାଙ୍କ ପରିଚାଳକକୁ ଗିରଫ କରିଛି କଟକ ଲାଲବାଗ ଥାନା ପୋଲିସ। ଅଭିଯୁକ୍ତ ଜଣକ ନାଁ ଆଶିଷ ଜେନା ଘର ଜଗତସିଂହପୁର ଜିଲ୍ଲା ବାଲିକୁଦା ମାଛଗାଁ ଆସିଲୋ ଗ୍ରାମରେ । ଏନେଇ କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି,'ଅଭିଯୋଗ ମୁତାବକ ଭୁବନେଶ୍ୱର ବାସିନ୍ଦା ୭୦ ବର୍ଷୀୟ ବୟସ୍କା ନିବେଦିତା ଗୁରୁଙ୍କ ସହ କଟକ ମର୍କତନଗର ସ୍ଥିତ ଘରୋଇ ବ୍ୟାଙ୍କର ବିଡାନାସୀ ଶାଖାରେ ରିଲେସନସିପ ପରିଚାଳକ ଆଶିଷ ସହ ଗତବର୍ଷ ପରିଚୟ ହୋଇଥିଲା। ନିବେଦିତା କିଛି ଜମି ବିକ୍ରି କରିଥିଲେ ଏବଂ ସେହି ଜମି ବାବଦରେ ତାଙ୍କ ୭୦ଲକ୍ଷ ଟଙ୍କା ତାଙ୍କୁ ମିଳିଥିଲା । ଏହି ଟଙ୍କାକୁ ସେ ଅଭିଯୁକ୍ତ ଆଶିଷଙ୍କ ବ୍ୟାଙ୍କରେ ଜମା କରିବାକୁ ନିଷ୍ପତ୍ତି ନେଇଥିଲେ। ଏବଂ ସେ ଟଙ୍କା ଧରି ଆଶିଷଙ୍କ ନିକଟରେ ପହଞ୍ଚିଥିଲେ । ତାଙ୍କଠାରୁ ସବୁକଥା ଶୁଣିବା ପରେ ଆଶିଷ ତାଙ୍କୁ ବ୍ୟାଙ୍କରେ ଉକ୍ତ ଟଙ୍କା ଜମା ପରିବର୍ତ୍ତେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା । ମାତ୍ର ୫ ବର୍ଷରେ ୮୮ଲକ୍ଷ ଟଙ୍କା ମିଳିବ ବୋଲି କହିଥିଲା । ଫଳରେ ଏହି କଥାକୁ ବିଶ୍ୱାସ କରି ନିବେଦିତା ଆଣିଥିବା ୭୦ଲକ୍ଷ ଟଙ୍କା ତାଙ୍କୁ ଦେଇଥିଲେ। କିଛି ମାସ ପରେ ଏକ ବୀମା କମ୍ପାନୀରୁ ବାର୍ଷିକ ପ୍ରିମିୟମ ତୁରନ୍ତ ପୈଠ ନକରିଲେ ମୂଳଜମା ରାଶି ୩୫ ଲକ୍ଷ ଟଙ୍କା ଫେରସ୍ତ ମିଳିବନି ବୋଲି ତାଙ୍କୁ ଫୋନ ଆସିଥିଲା । ଏହା ପରେ ଠକେଇର ଶିକାର ହୋଇଥିବା ଜାଣି ନିବେଦିତା ଲାଲବାଗ ଥାନାରେ ଏତଲା ଦେଇଥିଲେ ।' ସେ ଆହୁରି ମଧ୍ୟ କହିଛନ୍ତି,'ତଦନ୍ତ ସମୟରେ ବ୍ୟାଙ୍କ କର୍ମଚାରୀ ଆଶିଷ ହିଁ ଠକେଇର ମୁଖ୍ୟ ହୋଇଥିବା ଜଣାପଡ଼ିଲା । ସେବା ଯୋଗାଇବା ଆଳରେ ବରିଷ୍ଠ ଗ୍ରାହକଙ୍କୁ ଠକୁଥିଲା । ଏହି କ୍ରମରେ ନିବେଦିତାଙ୍କ ଠାରୁ ସେ ନେଇଥିବା ୭୦ ଲକ୍ଷକୁ ମ୍ୟୁଚୁଆଲ ଫଣ୍ଡ ବଦଳରେ ୩୫ଲକ୍ଷ ଟଙ୍କା ଏକ ବୀମା ସଂସ୍ଥାରେ ଲଗାଇଥିଲା। ବାକି ୩୫ଲକ୍ଷ ସେ ଠକି ନେଇଥିଲା । କେବଳ ନିବେଦିତା ନୁହଁନ୍ତି ଆଉ ଦୁଇ ବରିଷ୍ଠ ନାଗରିକଙ୍କୁ ମଧ୍ୟ ସମାନ ତରିକାରେ ଆଶିଷ ୮୨ ଲକ୍ଷ ଓ ୬ ଲକ୍ଷ ଟଙ୍କା କରି ମୋଟ ୧ କୋଟି ୫୮ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡ଼ିଥିଲା । ଏହି ଠକେଇ ଟଙ୍କାରେ ସେ ଏକାଧିକ ଥର ବିଦେଶ ଭ୍ରମଣ କରିବା ସହିତ ପ୍ରତିଷ୍ଠିତ ହୋଟେଲରେ ରହିବା, ଖାଇବା ଏବଂ ଏକ ଦାମୀ କାର କିଣିଥିବା ଜଣାପଡ଼ିଥିଲା । ' ବର୍ତ୍ତମାନ ଆଶିଷ ଲିଙ୍କ୍ ରୋଡ ସ୍ଥିତ ଏକ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ପୋଲିସ ସେଠାରେ ଚଢ଼ଉ କରି ତାକୁ ଗିରଫ କରିଛି । ଅଧିକ ଖୋଳତାଡ଼ ପରେ ତା' ନାମରେ ୬ଟି ବ୍ୟାଙ୍କ ଆକାଉଣ୍ଟ ରହିଥିବା ଜଣାପଡ଼ିବା ପରେ ପୋଲିସ ତାକୁ ଅଚଳ କରିଛି । ତା' ପାଖରୁ ଏକ କାର, ୨ଟି ମୋବାଇଲ, ଲାପଟପ ଜବତ କରାଯାଇଛି । ବଡ଼ କଥା ହେଉଛି ଏହି ଟଙ୍କାରେ ସେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲା । ଏବଂ ସେ ବିଦେଶ ଯାଇ ଉପଭୋଗ କରୁଥିଲା ବୋଲି କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ।

# ଓଡିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆସନ୍ତା ଏପ୍ରିଲ ୧ ତାରିଖ ଦିନ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହେବାକୁ ଥିବା ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଲିଆର ସିଂ ସୁଚନା ଦେଇଥିଲେ । ଓଡିଶା ଦିବସ ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ, ପ୍ରଭାତ ଫେରି, ଉତ୍କଳର ବରପୁତ୍ର ମାନଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ ଓ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ କରାଯିବ । ସନ୍ଧ୍ୟାରେ ଟାଉନ ହଲ ଠାରେ ସାଧାରଣ ସଭା, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ ଆଦି କାର୍ଯ୍ୟକ୍ରମ ଉପରେ ଆଲୋଚ଼ନା ହୋଇଥିଲା।

# ଜଗନ୍ନାଥ ମହୋତ୍ସବ : ସାଧୁସନ୍ଥଙ୍କ ସମାଗମ ସୃଷ୍ଟିକରିଛି ଆଧାତ୍ମିକ ପରିବେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଆଧାତ୍ମିକ ସହର ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମ ଠାରେ ଚାଲିଥିବା ଜଗନ୍ନାଥ ମହୋତ୍ସବ ରେ ପୂର୍ବଦିନମାନଙ୍କ ଭଳି ଆଜି ମଧ୍ୟ ପଞ୍ଚକୁଣ୍ଡିୟ ଯଜ୍ଞ, ଜଗନ୍ନାଥଙ୍କ ୩୨ବେଶ ସାମ୍ନାରେ ବିଷ୍ଣୁ ସହସ୍ର ନାମ ସହ ରାମେଶ୍ୱର ମନ୍ଦିର ପାଖ ନାମ ମଣ୍ଡପରେ ଚବିଶ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମୁଖ୍ୟମଞ୍ଚରେ ଆୟୋଜିତ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ପ୍ରବୀଣ ପ୍ରବାଚକ ଡ଼ଃ କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ପ୍ରବଚନ ପ୍ରଦାନକୁ ହଜାର ହଜାର ଶ୍ରଦ୍ଧାଳୁ ଉପଭୋଗ କରିଥିବା ବେଳେ ମହୋତ୍ସବ ପରିସରରେ ପଡିଥିବା ମିନା ବଜାରରେ ମଧ୍ୟ ହଜାର ହଜାର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସେହିପରି ମହୋତ୍ସବ ପରିସରରେ ପୁରୀରୁ ଆସିଥିବା ମହାସୁଆରଙ୍କ ପ୍ରସ୍ତୁତ ଖଜା ଓ ଭୋଗ ଷ୍ଟଲ ଆଗରେ ପ୍ରବଳ ଭିଡଦେଖିବାକୁ ମିଳୁଥିବା ବେଳେ



ମହୋତ୍ସବକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଆନନ୍ଦ ବଜାରରେ ମାଗଣାରେ ପ୍ରସାଦ ଗ୍ରହଣ କରୁଛନ୍ତି। ମହୋତ୍ସବର ଆବାହକ ନାଟ୍ୟଶ୍ରୀ ଗଦାଧର ବାରିକ, ସଂପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ର, ବୈକୁଣ୍ଠନାଥ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ବିଘ୍ନରାଜ ପଣ୍ଡା, ମନୋଜ ବାରିକ, ଦୁର୍ଜଧନ ସାହୁ, ଗଣପତି ବାଘ ପ୍ରମୁଖ କାର୍ଯ୍ୟକର୍ତ୍ତା ମହୋତ୍ସବ ସଞ୍ଚାଳନ କରୁଛନ୍ତି ସେହିପରି ସୁଭଦ୍ରା ବାହିନୀ ମହିଳା କର୍ମକର୍ତ୍ତାଙ୍କ ମଧ୍ୟରେ ଆରତୀ ଖମାରୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁନନ୍ଦା ସାହୁ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ,ଗୀତାଞ୍ଜଳି ବହିଦାର, ନିରୂପମା ପରଡ଼ିଆ, ପୂର୍ଣ୍ଣିମା ସା, ସଂଯୁକ୍ତା ହୋତା, ସୁଜ୍ଞାନୀ ପାଣିଗ୍ରାହୀ, କଲ୍ୟାଣି ମିଶ୍ର, ପ୍ରତିମା ସେଠି, ଜ୍ୟୋତିର୍ମୟୀ ପାତ୍ର, ସ୍ମିତାରାଣୀ ମେହେର ପ୍ରମୁଖ ମହୋତ୍ସବ ପରିଚାଳନା କରୁଛନ୍ତି । ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ରାଜୀବ ଲୋଚନ ପଣ୍ଡା ଓ ରାଧେଶ୍ୟମ ପୁରୋହିତଙ୍କ ନେତୃତ୍ୱରେ ଶତାଧିକ ପଣ୍ଡିତ ସମସ୍ତ ଯଜ୍ଞକାର୍ଯ୍ୟରେ ସାମିଲ ଅଛନ୍ତି।

# ଏଫଏମୟୁରେ ସୀମାନ୍ତ ପଦାର୍ଥ ବିଜ୍ଞାନ ବିଷୟରେ ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ**

'ଆଧୁନିକ ଗବେଷଣା ଏବଂ ସୀମାନ୍ତ ପଦାର୍ଥ ବିଜ୍ଞାନର ନୂତନ ଉନ୍ନତି ୨୦୨୫' ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏବଂ ପୋଷ୍ଟ ଗ୍ରାଜୁଏଟ ପରିଷଦର (ଭାରପ୍ରାପ୍ତ) ଅଧ୍ୟକ୍ଷ ଡ଼କ୍ଟର ସୁନୀଲ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ, ପ୍ରଫେସର କରୁଣା କର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ ଏବଂ ଭୁବନେଶ୍ୱର ସ୍ଥିତ ନାଇଜର ଅନୁଷ୍ଠାନର ପ୍ରଫେସର ଶୁଭଙ୍କର ବେଦାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦାର୍ଥ ବିଜ୍ଞାନର ଆଧୁନିକ ଗବେଷଣାର ସୁଯୋଗଗୁଡ଼ିକ ବୁଝାଇଥିଲେ। ଏହି ସମ୍ମିଳନୀ ସଂକଳିତ ପଦାର୍ଥ ବିଜ୍ଞାନ, ନ୍ୟୁକ୍ଲିଅର ଫିଜିକ୍ସ,



ଆସ୍ଟ୍ରୋ-ପାର୍ଟିକଲ ଫିଜିକ୍ସ, ବ୍ରହ୍ମାଣ୍ଡ ବିଜ୍ଞାନ, କ୍ୱାଣ୍ଟମ୍ ଫିଜିକ୍ସ, ବାୟୋଫିଜିକ୍ସ, ବିକିରଣ ବିଜ୍ଞାନ ଏବଂ ବାଲିଷ୍ଟିକ୍ସ ଭଳି ଅନେକ ମୁଖ୍ୟ କ୍ଷେତ୍ର ଉପରେ ଆଧାରିତ ରହିଅଛି। ସମ୍ମିଳନୀରେ ୭ଟି ପ୍ରାଯୁକ୍ତିକ ଅଧିବେଶନ ରହଥିଲା, ଯେଉଁଥିରେ ବିଶେଷ ବ୍ୟାଖ୍ୟାନ, ମୁଖ୍ୟ ବ୍ୟାଖ୍ୟାନ, ଏବଂ ଭାରତର ବିଭିନ୍ନ ପ୍ରସିଦ୍ଧ ବିଦ୍ୟାନୁଷ୍ଠାନର ଶୀର୍ଷ ଅଧ୍ୟାପକ ଏବଂ ବୈଜ୍ଞାନିକମାନଙ୍କ ଦ୍ୱାରା ଆମନ୍ତ୍ରିତ ବକ୍ତୃତା ଦିଆଯାଇଥିଲା। ଏଥିସହ ବିଶେଷଜ୍ଞମାନେ ଫୋଟୋକଣ୍ଡକ୍ଟର, ଜୀବ ଅଂଶୁ ଘୂର୍ଣ୍ଣନ ଗୁଣଧର୍ମ (ସ୍ପିନ୍‌ଟ୍ରୋନିକ୍ସ), ନ୍ୟୁକ୍ଲିଅର ଫିଜିକ୍ସ ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ତଥ୍ୟ ବିଜ୍ଞାନ, ଦ୍ୱିମାତ୍ରିକ ଫ୍ଲୋକେ ସିଷ୍ଟମ୍, ଉଚ୍ଚ ଉର୍ଜା ଭୌତିକ ଏବଂ ବ୍ରହ୍ମାଣ୍ଡ ବିଜ୍ଞାନର ନୂତନ ଅଗ୍ରଗତି, ନୂତନ ପିଢ଼ି କୃତ୍ରିମ ବୁଦ୍ଧିମତାର ବିକାଶ ପାଇଁ ଭୌତିକ ବିଜ୍ଞାନ ଏବଂ ବସ୍ତୁ ଚିହ୍ନଟ ମଧ୍ୟରେ ସମନ୍ୱୟ, ବହୁ କାର୍ଯ୍ୟକାରୀ ଅଭିଗମନ ଦ୍ୱାରା ମଲ୍ଟିଫେରୋଇକ୍ ପଦାର୍ଥର ସମ୍ଭାବନା, କାର୍ବନ୍ ଆଧାରିତ ତନ୍ତୁ ଉପାଦାନ ଦ୍ୱାରା ବିଦ୍ୟୁତ୍‌ଚୁମ୍ବକୀୟ ପ୍ରତିରକ୍ଷା ଇତ୍ୟାଦିର ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ୧୮୦ରୁ ଅଧିକ ଗବେଷକ, ଅଧ୍ୟାପକ, ପୋଷ୍ଟଡକ୍‌ଟୋରାଲ୍ ବିଦ୍ୟାର୍ଥୀ, ଗବେଷଣାଛାତ୍ରଛାତ୍ରଛାତ୍ରୀ ତଥା ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ଶିକ୍ଷାର୍ଥୀମାନଙ୍କ ପାଇଁ ଅନେକ ଲାଭଦାୟକ ହୋଇପାରିଛି ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି । ଏଠି ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ଗବେଷଣା ପ୍ରକ୍ରିୟାର ସମ୍ପର୍କରେ ଜ୍ଞାନ ଲାଭ, ଶୀର୍ଷ ଗବେଷକମାନଙ୍କ ସହ ନେଟଓ୍ୱାର୍କିଂ କରିବାର ସୁଯୋଗ, ଏବଂ ନିଜ ଗବେଷଣା ଉପସ୍ଥାପନ କରିବାର ଅନୁଭବ ଅର୍ଜନ କରିପାରିଥିଲେ ଏବଂ ପଦାର୍ଥ ବିଜ୍ଞାନରେ ବୃତ୍ତିଗତ ଜୀବନ ଗଢ଼ିବା ପାଇଁ ପ୍ରେରଣାପ୍ରଦ ହୋଇଥିଲା। ଏଥିସହ ଭବିଷ୍ୟତରେ ବିଶ୍ୱର ନୂତନ ଆବିଷ୍କାର କ୍ଷେତ୍ରରେ ଅବଦାନ ଦେଇପାରିବେ ବୋଲି ଆୟୋଜକ ବିଭାଗ ଦ୍ୱାରା ମତପ୍ରକାଶ କରାଯାଇଥିଲା। ସମ୍ମିଳନୀର ଆବାହକ ସନ୍ତୋଷ କୁମାର ଅଗ୍ରଓ୍ୱାଲ୍, ପରିଚାଳନା ସେକ୍ରେଟେରୀ ଡ଼କ୍ଟର ରାଜୀବ ବିଶ୍ୱାଳ ସମ୍ମିଳନୀର ବିଷୟବସ୍ତୁ ଉପରେ ଗୁରୁତ୍ୱପୂର୍ଣ୍ଣ ମତ ପ୍ରଦାନ ଦେଇଥିଲେ। ଡ଼କ୍ଟର ବିବେକାନନ୍ଦ ନାୟକ ଅଧିବେଶନଗୁଡ଼ିକ ପରିଚାଳନା କରିଥିଲେ।

# ନିର୍ବାଚନ ପଞ୍ଜୀକରଣ, ମୁଖ୍ୟ ନିର୍ବାଚନ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ତୃଣମୂଳ ସ୍ତରୀୟ ବୈଠକ

**କେନ୍ଦୁଝର:ନ୍ୟୁଜ**

ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର (ନିର୍ବାଚନ ) କିରଣ କୁମାର ନାଏକ, ସୁଶ୍ରୀ ରୁପାଲି ହାଁସଦା ଓ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଦେଶ ସାରା ୪,୧୨୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ସେମାନଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ (ଏସି)ରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ସେହିପରି, ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ୩୬ ଜଣ ସିଇଓଙ୍କୁ ମଧ୍ୟ ଆରପି ଆଇନ - ୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ - ୧୯୬୦, ନିର୍ବାଚନ ଆଚରଣ ନିୟମ - ୧୯୬୧ ଏବଂ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇ ଥିବା ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଞ୍ଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଓ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି



ବୈଠକଗୁଡ଼ିକ ଜାତୀୟ/ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି । ଏପରି ସମସ୍ତ ବୈଠକଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ (ଏସି), ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ସମାପ୍ତ ହେବାକୁ ଯାଉଛି । ଏହା ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀର ଆଇଆଇଆଇଡିଓଏମ୍ ଠାରେ ଅନୁଷ୍ଠିତ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶର ସିଇଓ ଏବଂ ପ୍ରତ୍ୟେକ ରାଜ୍ୟରୁ ଜଣେ ଡିଇଓ ଏବଂ ଇଆରଓଙ୍କ ସମ୍ମିଳନୀରେ, ଡକ୍ଟର ସୁଖବୀର ସିଂହ ସିନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଜ୍ଞାନେଶ କୁମାରଙ୍କ ନେତୃତ୍ୱ ଏବଂ ନିର୍ବାଚନ ଆୟୋଗର ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି । ରାଜନୈତିକ ଦଳ ଏବଂ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଯେପରିକି ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ), ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ନିର୍ବାଚନ ଏଜେଣ୍ଟ ମାନଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ମଧ୍ୟ ରହିଛି । ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରିଛନ୍ତି । ନିର୍ବାଚନ ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି ଯାହା ଦ୍ୱାରା ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ସମୟସୀମା ମଧ୍ୟରେ ହୋଇପାରିବ।

ଦେଶବ୍ୟାପୀ ରାଜନୈତିକ ଦଳ ମାନଙ୍କ ସହିତ ବୈଠକର ଫଟୋ ଗୁଡ଼ିକ ଭାରତ ନିର୍ବାଚନ ଅଧିକାରୀଙ୍କର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉପଲବ୍ଧ ରହିଛି ।

# ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ପ୍ରଗତି ଉତ୍କଳ ସଂଘ ଓ ଓଡ଼ିଆ ଭାଷା ବିକାଶ ମଞ୍ଚ ର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ସଂଘ ପରିସରରେ ପାଳିତ ହୋଇଯାଇଛି । ସଂଘର ସମ୍ପାଦକ ଘନଶ୍ୟାମ ଧଳ ଓ ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ଇଂ ଅଶୋକ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ସଭାପତି ଓ ଅଧ୍ୟାପକ ତ ନଗେନ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଶ୍ରୀ ବୋଇତାଇ ସଭାପତିତ୍ୱ ଅଭିଭାଷଣ ରେ ଭାଷାକୁ ବ୍ୟକ୍ତିଗତ, ପ୍ରଶାସନିକ, ଅନୁଷ୍ଠାନ ମାନଙ୍କରେ ବ୍ୟବହାର ଏପରିକି ଛୋଟ ଛୋଟ କଥାରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଡଃ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଯେ କଥିତ ଓଡ଼ିଆ ଓ ଲିଖିତ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ରହିଛି। ଶିକ୍ଷାକୁ ଶକ୍ତିଶାଳୀ କରିଲେ ଭାଷା ଅବକ୍ଷୟ ହେବନାହିଁ। ଜାତିର ଅସ୍ମିତା ବୋଧ ଭାଷା ମାଧ୍ୟମରେ ହୋଇଥାଏ। ଜ୍ଞାନର ବୃଦ୍ଧି ବଳରେ ସଂସ୍କୃତି ପରିପ୍ରକାଶ ଘଟିଥାଏ। ଜ୍ଞାନ, ସଂସ୍କୃତି, ଭାଷା ଅଙ୍ଗାଅଙ୍ଗୀ ଭାବେ ଜଡିତ। ସଂସ୍କୃତ କୌଣସି ସମୟରେ କଥିତ ଭାଷା ନଥିଲା ବୋଲି ସେ ମତ ରଖିଥିଲେ। ଆବାହକ ଶ୍ରୀ ମହାପାତ୍ର ୨୦୧୪ ରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବା ସହ ଏହାର ଐତିହ୍ୟ ଓ ସଂଘର୍ଷମୟ ଇତିହାସ ଉପରେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ। ଭାଷା ହିଁ ଏକ ଜାତିର ପରିଚୟ ଓ ପ୍ରାଚୀନତା ହିସାବରେ ଭାଷାକୁ ଶାସ୍ତ୍ରୀୟତା ମାନ୍ୟତା ମିଳିଥାଏ ବୋଲି ମତ ରଖିଥିଲେ। ପରେ ବ୍ରଜେନ୍ଦ୍ର ଦାଶ ଏକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବଳରାମ ରାଉଳ ଙ୍କ ସଭାପତିତ୍ୱ ଓ କବି ରଶ୍ମି ସାହୁ ତଥା ଗୀତା ରାଣୀ ବେହେରାଙ୍କ ସଂଯୋଜନାରେ ସର୍ବଶ୍ରୀ ଅଜୟ ମହାନ୍ତି,ଧୋବେଇ ବେହେରା, କୁଞ୍ଜବିହାରୀ ରାଉତ, ଶ୍ରୀଧର ସୁନା, ନିକୁଞ୍ଜ ବିହାରୀ ଦାଶ,ସୁନିଲ ଦାସ, ସତ୍ୟନାରାୟଣ ଦାସ, ଗଦାଧର ରଥ, ଚିନ୍ମୟୀ ପୁରୋହିତ, ଅଶୋକ କୁମାର ପଟ୍ଟନାୟକ ଓ ସଂଯୋଜକ ଦ୍ୱୟ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଅରବିନ୍ଦ ପାତ୍ର, ଘନଶ୍ୟାମ ଧଳ, ଇନ୍ଦ୍ରମଣି ମହାପାତ୍ର, ପୁଷ୍ପା ରାଣୀ ପଟେଲ, ଡ଼ଲି ରାଣୀ ବ୍ରହ୍ମା, ଚିତ୍ତରଞ୍ଜନ ବ୍ରହ୍ମା, ଗୌତମ ଦାସ, କାଶୀନାଥ ପାତ୍ର, କୈଳାଶ ମହାନ୍ତି, ବସନ୍ତ ନାୟକ, ପ୍ରଦୀପ ପଟ୍ଟନାୟକ, ଧରଣୀଧର ସାମଲ, କରୁଣାକର ପାଟଶାଣୀ, ଧରିତ୍ରୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୩।୨୦୨୫, ଚୈତ୍ର ଦି୧୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୪୮।୨୦** **ଚନ୍ଦ୍ରୋଦୟ- ରାଘ ୨।୩୮।୫୬**

**ଦଶମୀ-** ନିଶାନ୍ତ ଘ୫।୦୫ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ରାଘ ୪।୨୬ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଦିଘ ୧୦।୨୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୧୦।୨୩ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ଦିଘ ୧୦।୨୩ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ନିଘ ୫।୦୫ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୧ ଗତେ ଘ ୭।୨୧ ମଧ୍ୟେ, ଦିଘ ୧୦।୪୦ ଗତେ ଘ ୧।୦୫ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଆରମ୍ଭ ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।


**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।


**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।


**କର୍କଟ:** କର୍ମାକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ। ଅଳସୁଆମି ଦୂର ହେବ। ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁଙ୍କ ସହଯୋଗ ଲାଭ କରିବେ। ରୋଜଗାର ମଧ୍ୟମ ହେବ। ପାରିବାରିକ ଶ୍ରଦ୍ଧା ଲାଭ ହେବ।


**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।


**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।


**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।


**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।


**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।


**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।


**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।


**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୫।୩।୨୦୨୫, ଚୈତ୍ର ଦି୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୭।୨୮** **ଚନ୍ଦ୍ରୋଦୟ- ରାଘ ୩।୨୪।୧୭**

**ଏକାଦଶୀ-** ରାଘ ୩/୪୫ ପର୍ଯ୍ୟନ୍ତ। **ଶ୍ରବଣାନକ୍ଷତ୍ର -** ରାଘ ୩/୪୯ ପର୍ଯ୍ୟନ୍ତ। **ମକରଚନ୍ଦ୍ର-** ଅହୋରାତ୍ର। ଚନ୍ଦ୍ରଶୁଦ୍ଧି- ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-**ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୩/୪୫ ପରେ ପୋଇ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮/୫୧ ଗତେ ଘ ୧୦/୪୦ ମଧ୍ୟେ, ଦିଘ ୪/୨୪ ଗତେ ଘ ୫/୦୭ ମଧ୍ୟେ।

**ପର୍ବୋତ୍ସବ-** ସ୍ମାର୍ତ୍ତ ସମ୍ମତ ପାପ ମୋଚିନୀ ଏକାଦଶୀ।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ୨୦୩୪ ସୁଦ୍ଧା ପହଞ୍ଚିବ ୧୯୦ ଲକ୍ଷ କୋଟି

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି । ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି । ବୋଷ୍ଟନ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକତା ବୁଝିବାର ଆବଶ୍ୟକତା ରହିଛି । ଯେଉଁ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ । ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି । କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି । ୨୦୩୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି । କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି । ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି । ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି। ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି । ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି ।

# ଜିଲ୍ଲାପାଳ ମାନେ ଯଦି ଗୋଟିଏ ଗୋଟିଏ ବ୍ଲକକୁ ପୋଷ୍ୟ ଭାବେ ଗ୍ରହଣ କରନ୍ତି ତେବେ ଦେଶର ଉନ୍ନତି ନିଶ୍ଚିତ



ଲକ୍ଷ୍ମୀ ନାରାୟଣ କର
ଅବସରପ୍ରାପ୍ତ ନିର୍ଦ୍ଦେଶକ
ଓଡ଼ିଶା କୃଷି ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ-୯୪୩୭୧୮୫୬୦୭

ପ୍ରଶାସକ ମାନଙ୍କ ଦ୍ୱାରା ଯଦି ଜିଲ୍ଲା ଅନ୍ତର୍ଗତ ବ୍ଲକ ଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇ ପାରିବ ତେବେ ରାଜ୍ୟରେ ବିକାଶର ଧାରା ତ୍ୱରାନ୍ୱିତ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ। ପ୍ରତି ରାଜ୍ୟରେ ଜିଲ୍ଲା ଗୁଡ଼ିକର ସୁଶାସନ ପାଇଁ ଜିଲ୍ଲା ପ୍ରଶାସକ ଭାବରେ ଜଣେ ଜଣେ ଜିଲ୍ଲାପାଳ ନିଯୁକ୍ତି ଦିଆଯାଇଛି । ତାଙ୍କ ପାଖରେ ଜିଲ୍ଲାର ଅର୍ଥ ଓ ସମସ୍ତ ପ୍ରକାର କ୍ଷମତା ରହିଛି । ତେଣୁ ସେମାନେ ଚାହିଁଲେ ଗ୍ରାମ ସ୍ତରରୁ ବିକାଶର ଧାରା ପ୍ରବାହିତ ହୋଇ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବ ଯାହା ଫଳରେ ଦେଶର ପ୍ରତି ଗ୍ରାମର ବିକାଶ ସହିତ ଜିଲ୍ଲା ଓ ପୁରା ଦେଶର ଉନ୍ନତି ତ୍ୱରାନ୍ୱିତ ହୋଇ ପାରିବ। କିନ୍ତୁ ବଡ ଦୁଃଖର ବିଷୟ ଏହି ଯେ ଜିଲ୍ଲାପାଳ ମାନେ ଗାଁ ଗହଳିରେ ଯାଇ କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରୁଛନ୍ତି ଓ ସରକାର କରୁଥିବା ଯୋଜନା ଓ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରୁଛନ୍ତି । ମୁଁ ମୋର ଚାକିରି ଜୀବନରେ ଥରେ ପିପିଲିର ଗୋଟିଏ ବ୍ଲକରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ କିଛି ଗ୍ରାମର ଉନ୍ନତି ମୂଳକ ପଦକ୍ଷେପ ନେଇ ଗ୍ରାମର ବିକାଶ ପାଇଁ ଯୋଜନା କରୁଥିବା ସମୟରେ ଗ୍ରାମବାସୀ ମାନଙ୍କୁ ପଚାରିଲି ଯେ ଆପଣମାନେ କେବେ ଜିଲ୍ଲାପାଳଙ୍କୁ ଦେଖିଛନ୍ତି କି ? ସେମାନେ ତୁରନ୍ତ ଉତ୍ତର ଦେଲେ ଯେ ଆମେ ତ ଆମେ, ଆମ ଚଉଦ ପୁରୁଷ ଜିଲ୍ଲାପାଳଙ୍କୁ ଦେଖି ନାହୁଁ । ସେତେବେଳେ ପୁରୀର କଲେକ୍ଟର ଶ୍ରୀ ଅଶୋକ ମିଶ୍ର IAS ଥିଲେ। ମୋର ଅନୁରୋଧ ରକ୍ଷାକରି ସେ ସେହି ଗ୍ରାମକୁ ଗସ୍ତ କରିବା ସମୟରେ ତାଙ୍କ ସହିତ SDO, BDO , କୃଷି ଅଧିକାରୀ , ଗ୍ରାମସେବକ ଓ ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ଗସ୍ତ କରିଥିଲେ । ସେହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଗ୍ରାମବାସୀ ମାନଙ୍କ ସହିତ ଅନେକ ପ୍ରକାର ଆଲୋଚନା କରି ଗ୍ରାମ ବିକାଶ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇ ପରବର୍ତ୍ତୀ ସମୟରେ ଗ୍ରାମ ବିକାଶ ପାଇଁ ଅନେକ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟକାରୀ କରାଇ ସଫଳ ହୋଇ ପାରିଥିଲେ । ଯେତେବେଳେ ଜଣେ କଲେକ୍ଟର ଗୋଟିଏ ବ୍ଲକରେ ଗ୍ରାମ ମାନଙ୍କୁ ଗସ୍ତ କରୁଛନ୍ତି ସେତେବେଳେ ତାଙ୍କ ସହିତ ଅନ୍ୟ ବିଭାଗର ଅଧିକାରୀ ମାନେ ମଧ୍ୟ ଗସ୍ତ କରୁଛନ୍ତି ସେହି ସମୟରେ ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା ଯଦି କରାଯାଇ ପାରନ୍ତା ତେବେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । ଯେଉଁ ଗ୍ରାମକୁ କଲେକ୍ଟର ଗସ୍ତ କରିବେ ସେଠାରେ ଥିବା ଗ୍ରାମବାସୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ଓ ଗ୍ରାମବାସୀ ମାନଙ୍କ ସହିତ ବିଶଦ ଆଲୋଚନା ନିହାତି ଜରୁରୀ ଅଟେ। ଯଦି ଗୋଟିଏ ବ୍ଲକ ଆଦର୍ଶ ବ୍ଲକ୍ ଭାବରେ ପରିଗଣିତ ହୁଏ ତା ଦେଖା ଦେଖି ଆଖ ପାଖ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକ ମଧ୍ୟ ନିଜର ଉନ୍ନତି ପାଇଁ ଚେଷ୍ଟା କରିବେ । ଏହିପରି ଭାବେ ଯଦି ଆମ ରାଜ୍ୟର ଥିବା ୩୦ ଗୋଟି ବ୍ଲକ୍‌କୁ ଜିଲ୍ଲାପାଳ ମାନେ ପଦକ୍ଷେପ ନେଇ ଆଦର୍ଶ ବ୍ଲକ୍ ଭାବରେ ପରିଗଣିତ କରିବାକୁ ଲକ୍ଷ୍ୟ ରଖନ୍ତି ତେବେ ସାରା ରାଜ୍ୟର ସବୁ ଗ୍ରାମ ଗୁଡ଼ିକର ଉନ୍ନତି ଅତ୍ୟନ୍ତ ଭାବରେ ସଫଳ ହୋଇ ପାରିବ। ଏହି ପରିପ୍ରେକ୍ଷୀରେ ଆଦିବାସୀ ବହୁଳ ଜିଲ୍ଲା ଅନ୍ତର୍ଗତ ବ୍ଲକ ଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ଜିଲ୍ଲାପାଳ ମାନେ ସେହି ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ହୋଇ ପାରନ୍ତା । ଆମର ସମସ୍ତ ଜିଲ୍ଲାପାଳ ମାନେ ଅତ୍ୟନ୍ତ ଶିକ୍ଷିତ, ଦକ୍ଷ ତାଲିମ ପ୍ରାପ୍ତ, ଶୃଙ୍ଖଳିତ ଅଟନ୍ତି କିନ୍ତୁ କେବଳ ସେମାନଙ୍କ ଆନ୍ତରିକତାର ଯାହା ଅଭାବ ରହିଛି । ନିଜ ଭିତରେ ଥିବା ଅହଙ୍କାର, ଗ୍ଲାନି, ଭେଦଭାବ ଇତ୍ୟାଦିକୁ ନିଜ ମନରୁ ଫୋପାଡି ଦେଇ ସେମାନେ IAS ପରୀକ୍ଷା ଦେଇ ସର୍ବଭାରତୀୟ ସ୍ତରରେ ନିଜର ସ୍ଥିତିକୁ ଦୃଢୀଭୂତ କରିବା ପରେ ଯେପରି ଦେଶ ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବନା ନେଇ ଶପଥ ପାଠ କରନ୍ତି ତାହାର ପ୍ରମାଣ ଏଠାରେ ପ୍ରମାଣିତ କରାଇବା ଉଚିତ୍ ।ତାହେଲେ ସେମାନଙ୍କ ଓଇଝ ପଦ୍ୱୀ ର ଇଜ୍ଜତ ମହତ ରହିବ ଓ ଜନସାଧାରଣ ଏକ ସ୍ୱରରେ ସର୍ବଦା ସମ୍ମାନ ଦେବାକୁ ଆଗେଇ ଆସିବେ। IAS ପଦବୀ ଏକ ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ରହିବା ପାଇଁ ଶିକ୍ଷା ଦେଇଥାଏ କେବଳ ତାହାକୁ ନିଜ କର୍ମ କ୍ଷେତ୍ରରେ ଯାହା ପ୍ରଦର୍ଶନ କରିବା ଦରକାର । ଏଥିରେ ବ୍ଲକ୍ ସହିତ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ନିଶ୍ଚିତ ।

# ଦେଶପ୍ରେମ ଆର୍ଦ୍ର ଗୋପବଂଧୁ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରବୃତ୍ତି ବଡ ଭୟାନକ; ଏହାର ବଶବର୍ତ୍ତୀ ହେଲେ ମାନବଜାତି ପଶୁତ୍ୱ ଆଡେ ମୁହାଁଏ, ଦେଶର ଅଧୋପତନ ଘଟେ, ମାନବିକତାବାଦରେ କଳଙ୍କ ଲାଗେ। ଜାତିର ଏପରି ଘଡିସନ୍ଧି ମୁହୂର୍ତ୍ତ ଆସେ, ଯେତେବେଳେ ଜଣେ ଜଣେ ମାନବ ଦେହଧାରୀ ଦେବତା ଭୂପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ସେମାନେ ମାନବକୁ କର୍ତ୍ତବ୍ୟର ବାଟ ଦେଖାନ୍ତି; ନଚେତ୍ ମଣିଷ ଦିନେ ବର୍ବର ପଶୁରେ ପରିଣତ ହୋଇଯାଇଥାନ୍ତା। ଏଭଳି ଯୋଗଜନ୍ମା ମହାପୁରୁଷମାନେ ଗୋଟେ ଗୋଟେ ଦେଶ ବା ଜାତିକୁ ଧ୍ୱଂସ ମୁଖରୁ ରକ୍ଷା କରି ଦିଅନ୍ତି, ଜାତି ପ୍ରାଣରେ ଅମୃତଧାରା ବୁହାଇ ଦିଅନ୍ତି । ସେମାନଙ୍କଠାରୁ ଦେଶବାସୀ ଅଦମ୍ୟ ସାହସ, ତ୍ୟାଗ , ତିତିକ୍ଷା, ଦେଶପ୍ରେମ ଆଦି ମହନୀୟ ଗୁଣାବଳୀ ଶିକ୍ଷା କରନ୍ତି, ଜନନୀ ଜନ୍ମଭୂମି ନିମିତ୍ତ ଆତ୍ମୋତ୍ସର୍ଗ ପାଇଁ ଜନତା ଜନାର୍ଦ୍ଦନ ପ୍ରେରଣା ପାଆନ୍ତି । ଜାତି ଜୀବନ୍ତ, ଉଦ୍ଦୀପ୍ତ ହୋଇ ସନ୍ମାର୍ଗରେ ଅଗ୍ରସର ହୁଏ। ସେହିଭଳି ଜଣେ ପ୍ରାତଃ ସ୍ମରଣୀୟ, ମହାପୁରୁଷ ଗୋପବନ୍ଧୁ ଦାସ। ଯଥାର୍ଥରେ ସେ ପୁଣ୍ୟଶ୍ଳୋକ, ଦୀନ ଦରିଦ୍ରର ବଂଧୁ, ମହାପ୍ରାଣ, ଉତ୍କଳମଣି । ଆପଣାର ତ୍ୟାଗପୂତ ଜୀବନ, ଦରିଦ୍ର ନାରାୟଣ ସେବା ଆଦି ସଦ୍‌ଗୁଣାବଳୀ ତଥା ଜାତୀୟ ମୁକ୍ତି ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଚିରସ୍ମରଣୀୟ। ଗୋପବନ୍ଧୁ ମଣିଷ ପରି ମଣିଷ। ପବିତ୍ର କର୍ମମୟ ଜୀବନ ତାଙ୍କର 'ଗୋପବନ୍ଧୁ' ବା 'ଧରିତ୍ରୀର ବଂଧୁ' ନାମ ସାର୍ଥକ କରିଛି । ସେହି ମହାମାନବଙ୍କ ଅମ୍ଳାନ ପ୍ରତିଭାକୁ ଭିତ୍ତିକରି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରବନ୍ଧ 'ମହାପ୍ରାଣ ଗୋପବନ୍ଧୁ' । ଏଥିରୁ ସୁଧୀ ପାଠକେ ପାଇଥାନ୍ତି ଉତ୍କଳମଣିଙ୍କ ସାମଗ୍ରିକ ଜୀବନର ସଂକ୍ଷିପ୍ତ ରୂପଚିତ୍ର । ପ୍ରବନ୍ଧଟିର ଶୈଳ୍ପିକ ପରିପାଟୀ ଖୁବ୍ ମନଛୁଆଁ।

୧୮୭୬ ମସିହା, ଅକ୍ଟୋବର ୯ ତାରିଖ। ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ଜନ୍ମନେଲେ ଶିଶୁଟିଏ। ପିତା ଦୈତ୍ୟାରି ଦାସ, ମାତା ସ୍ୱର୍ଣ୍ଣମୟୀ ନାମ ଦେଲେ ଗୋପବନ୍ଧୁ। ବିଧିର ବିଧାନ ବିଚିତ୍ର। ଶୈଶବରୁ ଗୋପବନ୍ଧୁ ହେଲେ ମାତୃହରା। ଏଣିକି ଲାଳନ ପାଳନ ଦାୟିତ୍ୱ ପିତା ଦୈତ୍ୟାରିଙ୍କ ଉପରେ। ସେ କାଳର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଗୋପବନ୍ଧୁଙ୍କ ପାଠପଢା ଗାଁ ଚାଟଶାଳୀରୁ। ତଦାନୀନ୍ତନ ଖଡିପାଠ, ତାଳପତ୍ର ପୋଥି ଲିଖନ, ଅଙ୍କକଷା ପ୍ରଭୃତି ଶେଷ ହେଲା। ପୁରୀ ବ୍ରାହ୍ମଣ ଶାସନର ଅନ୍ୟ ପିଲାମାନଙ୍କ ପରି ଗୋପବନ୍ଧୁଙ୍କ ପାଠ ସେତିକିରେ ସରିଥାନ୍ତା; ମାତ୍ର ତାଙ୍କ ପିତା ଥିଲେ ସୁଶିକ୍ଷିତ। ଗତାନୁଗତିକତା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା। ସେ ଗୋପବନ୍ଧୁଙ୍କ ଉଚ୍ଚ ଶିକ୍ଷା ପାଇଁ ଯତ୍ନଶୀଳ ହେଲେ। ପୁରୀ ଜିଲ୍ଲା ସ୍କୁଲରେ ପାଠ ଶେଷ କରି ରେଭେନ୍ସା କଲେଜରୁ ବି.ଏ (୧୯୦୪), କଲିକତାରୁ ଆଇନ୍ ପାଶ୍ କଲେ (୧୯୦୬) ମେଧାବୀ ଗୋପବନ୍ଧୁ। ସେ ସମୟରେ ଇଂରାଜୀ ପାଠୁଆଙ୍କ ପାଇଁ ସରକାରୀ ଚାକିରିଟିଏ ଥିଲା ସହଜଲବ୍ଧ। କିନ୍ତୁ ସ୍ୱାଧୀନଚେତା ଗୋପବନ୍ଧୁ ବିଦେଶୀଙ୍କ ନିକଟରେ ଗୋଲାମଗିରିକୁ ପସନ୍ଦ କରିନଥିଲେ। ଆଇନ୍ ପାଶ୍ ପରେ ସେ କଟକରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୋପବନ୍ଧୁ ବାଲ୍ୟ ବିବାହ କରିଥିଲେ। ତାଙ୍କ ଧର୍ମ ପତ୍ନୀଙ୍କ ଅକାଳ ବିୟୋଗ ଘଟିଲା। ସେ ପୁନରାୟ ଦାରପରିଗ୍ରହ କରିନଥିଲେ, ସତେ ଯେମିତି ପତ୍ନୀ ବିୟୋଗ ଜନିତ ଅଘଟଣଟି ଥିଲା ଈଶ୍ୱରଙ୍କର ପରୋକ୍ଷ ଆଶୀର୍ବାଦ। ଏବେ ନାହିଁ ବଂଧନ ବା ସଂସାରର ଜଞ୍ଜାଳ ବେଡି । ଏଣିକି ଦେଶ ମାତୃକାର ସେବା। ଏଥିପାଇଁ ଗୋପବନ୍ଧୁ ଯୋଜନା ପ୍ରସ୍ତୁତ କଲେ, ଦୀନ ଓଡିଆଙ୍କ ଦୁର୍ଦ୍ଦଶା ମୋଚନ, ଭାରତ ମାତାଙ୍କୁ ସ୍ୱାଧୀନ କରିବା ପାଇଁ ନେଲେ ବଜ୍ର ଶପଥ। ନିଜକୁ ସମର୍ପଣ କରିଦେଲେ ଭାରତ ମାତାଙ୍କ ପାଦ କମଳରେ। ଅନେକ ସମୟରେ ସେ ଭାବ ବିହ୍ୱଳ ହୋଇ କହୁଥିଲେ, "ମୋର ମା ନାହିଁ – ଦେଶ ହିଁ ମୋର ମା; ମୋର ପରିବାର ନାହିଁ – ଜାତି ହିଁ ମୋର ପରିବାର।" ପରାଧୀନ ଭାରତ ବର୍ଷରେ ଏ ପ୍ରକାର ସାଧୁ ଚିନ୍ତନଟି ବିଶେଷ ଭାବରେ ଦେଖିବାକୁ ମିଳେ ନାହିଁ।

ବିଭିନ୍ନ ଧର୍ମଗ୍ରନ୍ଥ, ବେଦ, ବେଦାନ୍ତ, ଉପନିଷଦ, ନାନାଦି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହିତୋପଦେଶ, ନୀତିବାଣୀ ପଠନରେ ବ୍ୟକ୍ତିର ଚଳଣି ମାର୍ଜିତ ହୁଏ, ଜୀବନ– ଗତିପଥ ବଦଳିଯାଏ, ଲକ୍ଷ୍ୟ ଏକ ନିର୍ଣ୍ଣାୟକ ମୋଡ ନିଏ। ବିଶ୍ୱର ବହୁ ମନୁଷୀଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ। ଗୋପବନ୍ଧୁ ମଧ୍ୟ ଏଥିରୁ ବାଦ ପଡିନାହାଁନ୍ତି। ସେ ବାଲ୍ୟାବସ୍ଥାରୁ ସ୍ୱୀୟ ଗୃହ ଦେବତାଙ୍କ ସମକ୍ଷରେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରୁଥିଲେ, ଭାଗବତର ଲଳିତ, ଗଭୀର ଅର୍ଥଯୁକ୍ତ ପଦାବଳୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ତନ୍ମଧ୍ୟରେ ହଜି ମଜ୍ଜିଯିବା ସହ ଏହାକୁ କଣ୍ଠସ୍ଥ କରିଦେଇଥିଲେ। ସମ୍ଭବତଃ ଏହି ପ୍ରାଣସ୍ପର୍ଶୀ ରଚନା ଗୋପବନ୍ଧୁଙ୍କ କୋମଳ ପ୍ରାଣକୁ ଦ୍ରବିଭୂତ କରିଦେବା ସହ ଦେବତ୍ୱର ଉନ୍ମେଷ ଘଟାଇଲା !

ଦରଦୀ ବଂଧୁ ଗୋପବନ୍ଧୁ। ସେ ଅସହାୟର ମନକଥାକୁ ପଢି ବୁଝିପାରୁଥିଲେ, ଦୁର୍ଗତ ମାନଙ୍କ ଦୁରବସ୍ଥା ତାଙ୍କୁ ମ୍ରିୟମାଣ କରୁଥିଲା, ଏଣୁ ସେମାନଙ୍କ ଦୁଃଖର ଲାଘବ ପାଇଁ ବ୍ରତୀ ହୋଇଥିଲେ। ସେ କଲିକତାରେ ଆଇନ୍ ପଢୁଥିବା ସମୟରେ ସେଠାକାର ପ୍ରବାସୀ ଓଡିଆ କୁଲିମାନଙ୍କର ଦୁଃଖ, ହତାଶାକୁ ହୃଦୟଙ୍ଗମ କଲେ, ସେମାନଙ୍କୁ ଏକଜୁଟ୍ କରିବାରେ ମଧ୍ୟ ସଫଳ ହୋଇଥିଲେ, ଓଡିଆ ମାନଙ୍କ ମଧ୍ୟରେ ପ୍ରଥମକରି ଜାଗରଣ ସୃଷ୍ଟି କରିଥିଲେ।

କର୍ମବାଦରେ ଗଭୀର ବିଶ୍ୱାସୀ ଥିଲେ ଗୋପବନ୍ଧୁ ଦାସ। ତାଙ୍କ ବଂଧୁ, ଦେଶ-ହିତୈଷୀ ବ୍ରଜସୁନ୍ଦର ଦାସ। ଦେଶର ଉନ୍ନତି କଳ୍ପେ ଦୁହେଁ ଆଗେଇଲେ, ଓଡିଆ ସାହିତ୍ୟର ବିକାଶ ପାଇଁ ମନୋନିବେଶ କଲେ। ଶବ୍ଦ କାଠିନ୍ୟ, ଅର୍ଥ ଗୌରବ, ଆଳଙ୍କାରିକତା ଆଦି ନାନାବିଧ କ୍ଲିଷ୍ଟତା ଓଡିଆ ସାହିତ୍ୟକୁ ସାଧାରଣ ପାଠକଠାରୁ ଦୂରେଇ ନେଇଯାଉଥିଲା। ଏକଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ। ସାହିତ୍ୟର ବହୁମୁଖୀ ଉନ୍ନତି ପାଇଁ ଦୁଇବଂଧୁ 'ମୁକୁର' ନାମକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ। ଏଥିରେ ପ୍ରକାଶିତ ଲେଖା ସହଜ, ସରଳ, ବୋଧଗମ୍ୟ ହେଉଥିଲା, ଭାବସାରଲ୍ୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା। କହିବା ବାହୁଲ୍ୟ ଯେ ପତ୍ରିକାଟି ଓଡିଶାର ବହୁ ନବୀନ, ପ୍ରବୀଣ ସାହିତ୍ୟିକଙ୍କୁ ପ୍ରତିଷ୍ଠା ଦେଇଥିଲା। କ୍ରମେ ଗୋପବନ୍ଧୁଙ୍କ ଗୁଣାବଳୀ ଚଉଦିଗକୁ ପ୍ରସରିଗଲା। ମୟୂରଭଞ୍ଜର ଗୁଣଗ୍ରାହୀ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ତାଙ୍କ ପ୍ରତିଭାରେ ମୁଗ୍ଧ ହେଲେ। ତାଙ୍କୁ ନିଜର ସରକାରୀ ଆଇନ୍ ପରାମର୍ଶ ଦାତା ରୂପେ ନିଯୁକ୍ତି ଦେବା ସହ ବହୁ ଜନହିତକର କାମ ହାତକୁ ନେଲେ। କିନ୍ତୁ ଏତାଦୃଶ ବଂଧନ ଗୋପବନ୍ଧୁଙ୍କ ଭଳି ମୁକ୍ତ ପୁରୁଷଙ୍କୁ ଆନନ୍ଦ ଦେଇନଥିଲା। ରାଜାଙ୍କର ଅକାଳ ବିୟୋଗ; ଚାକିରି ପାଇଁ ବିତୃଷ୍ଣା ଯୋଗୁଁ ସେ ସେହି ଗୁରୁ ଦାୟିତ୍ୱରୁ ଅବ୍ୟାହତି ନେଲେ; ସମସ୍ତ ପ୍ରକାର ଝଡ, ଝଞ୍ଜା, ବାଧା ବଂଧନଙ୍କୁ ଅତିକ୍ରମ କରି ତମାମ ଜୀବନ ଦେଶ ମାତୃକା ପାଇଁ ଉତ୍ସର୍ଗ କଲେ।

ଜାତୀୟ ଶିକ୍ଷାର ପ୍ରସାର କ୍ଷେତ୍ରରେ ଗୋପବନ୍ଧୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତତ୍‌କାଳୀନ ସରକାରୀ ଶିକ୍ଷା ଖସଡାରେ ବହୁ ତ୍ରୁଟି ଥିବା ସେ ଲକ୍ଷ୍ୟ କରିଥିଲେ। ଏହାର ଦୂରୀକରଣ ତଥା ଯୁବପିଢିଙ୍କୁ ଦେଶପ୍ରେମ, ଆଦର୍ଶ ବୋଧରେ ଅବଗାହିତ କରିବା ଲକ୍ଷ୍ୟ ନେଇ ସେ ସତ୍ୟବାଦୀର ବକୁଳ ଛୁରିଆନା କୁଞ୍ଜରେ ବନବିଦ୍ୟାଳୟଟିଏ ପ୍ରତିଷ୍ଠାକଲେ। ସାହାଯ୍ୟ ନେଲେ କେତେକ ସମଧର୍ମା ଉଚ୍ଚଶିକ୍ଷିତ ଯୁବକଙ୍କର। ବିଦ୍ୟାଳୟ ଶିକ୍ଷା, ଦେଶାତ୍ମବୋଧ ଜନ୍ମାଇବା, ନୈତିକତା ଭିତ୍ତିରେ ଚରିତ୍ର ଗଠନ, ସହଜ ସରଳ, ନିରଳସ ଜୀବନ ଯାପନ ଆଦି ବିଷୟମାନ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା ଖସଡାର ବିଶେଷ ବିଶେଷ ଦିଗ। ଶେଷରେ ଏହା 'ମଣିଷଗଢା କାରଖାନା'ରୂପେ ଅଭିହିତ ହେଲା। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଅନେକ ମୁକ୍ତି ସଂଗ୍ରାମରେ ଯୋଗଦେଇ ଦେଶପ୍ରେମ ବହ୍ନି ପ୍ରଜ୍ୱଳିତ କରିବାରେ ସହାୟକ ହେଲେ। ଏଠାକାର ଋଷିପ୍ରତିମ ଗୁରୁମାନେ ମଧ୍ୟ ନିଃସ୍ୱାର୍ଥପର, ନିଷ୍କଳଙ୍କ, ଉତ୍ସର୍ଗୀକୃତ ମୁକ୍ତି ସଂଗ୍ରାମୀଭାବେ ଅକ୍ଷୟ କୀର୍ତ୍ତିର ଅଧିକାରୀ।

ଗୋପବନ୍ଧୁଙ୍କ ସମାଜ ସେବାର ପଟାନ୍ତର ନାହିଁ। ଓଡିଶାର ବଢି, ମରୁଡି, ଦୁର୍ଭିକ୍ଷ ଭଳି ମହାବିପତ୍ତିରେ ସେ ଅକୁଣ୍ଠ ଚିତ୍ତରେ ସେବାକାର୍ଯ୍ୟ ଚଳାଇଥିଲେ, ଭୟାନକ ବନ୍ୟା, କରାଳ ଦୁର୍ଭିକ୍ଷ (୧୯୦୭, ୧୯୧୯) ସମୟରେ ନିଜର ଛାତ୍ର, ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକଙ୍କ ସମେତ କେତେକ ଉତ୍ସାହୀ ଯୁବକଙ୍କୁ ନେଇ ଓଡିଶାର ଅଗମ୍ୟ ଗାଁ ଗହଳିରେ ଔଷଧ, ଚୂଡା, ଚାଉଳ, ଲୁଗାପଟା ଆଦି ବିତରଣ କରିଥିଲେ, ଲାଟ୍ ସଭାର ସଦସ୍ୟ ଥାଇ ସରକାରୀ ସାହାଯ୍ୟ ପାଇଁ ଦୃଢ ଦାବି ଜଣାଇଥିଲେ। ଫଳରେ ସରକାରୀ, ବେସରକାରୀ ସ୍ତରରୁ ସାହାଯ୍ୟର ସୁଅ ଛୁଟିଲା। ସେ କ୍ଷୁଧାର୍ତ୍ତ ମାନଙ୍କ ପାଇଁ ଆରମ୍ଭ କଲେ ଦରିଦ୍ର ନାରାୟଣ ସେବା। ଗୋପବନ୍ଧୁ ବୁଝିଥିଲେ ମାନବ ସେବା ହିଁ ମାଧବ ସେବା, ମାନବ ଧର୍ମ ହିଁ ମାଧବ ଧର୍ମ ।

୧୯୨୧ ମସିହା। କଂଗ୍ରେସର ରଣଭେରୀ ବାଜି ଉଠିଲା ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ। ଗୋପବନ୍ଧୁଙ୍କ ପ୍ରାଣ ଉଚ୍ଛନ୍ନ ହେଲା। ସତ୍ୟବାଦୀ ବନାଶ୍ରମ ତାଙ୍କୁ ଆଉ ବାନ୍ଧି ରଖିପାରିଲାନି। ସେ ଝାସ ଦେଲେ ଅସହଯୋଗ ମହାସଂଗ୍ରାମରେ, ତାଙ୍କ ପଛେ ପଛେ ଓଡିଆ ଜାତି ମଧ୍ୟ ଯୋଗ ଦେଲା। ଦୀନ ଓଡିଆଏ ପ୍ରମାଣିତ କରିଦେଲେ, ସେମାନେ ମୁକ୍ତି ସଂଗ୍ରାମରେ ପଛୁଆ ଅବା ହୀନ ନୁହଁନ୍ତି– ବରଂ ବହୁ ଆଗରେ । ଓଡିଆଙ୍କର ଏହି ସଫଳତା ପଛରେ ଥିଲା ଗୋପବଂଧୁଙ୍କ ପ୍ରେରଣା ତଥା ଆଦର୍ଶ। ଯେଉଁ ସଂଗ୍ରାମୀ ଓଡିଆ ବୀରମାନେ ଏହି ସମୟରେ କାରାବରଣ କରିଥିଲେ ଗୋପବନ୍ଧୁ ଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ।

ଗୋପବନ୍ଧୁ ଜଣେ ସଫଳ ସାରସ୍ୱତ ସାଧକ। ତାଙ୍କ ଛାତ୍ର ଜୀବନର ଲେଖା "ଅବକାଶ ଚିନ୍ତା" ଅତି ଭାବମୟ ଲଳିତ କବିତା ପୁସ୍ତକ। 'ଧର୍ମପଦ', 'ବନ୍ଦୀର ଆତ୍ମକଥା' – ଏ ଦୁଇଟି ତାଙ୍କର ଅମ୍ଳାନ୍ ସାହିତ୍ୟ କୃତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସତ୍ୟବାଦୀ', ସମ୍ବାଦପତ୍ର "ସମାଜ", ପ୍ରାକ୍ ସ୍ୱାଧୀନତା କାଳରେ ଜନତାଙ୍କୁ ଜଗାଇବା, ମତାଇବା, ତତାଇବାରେ ମୁଖ୍ୟ ଭୂମିକା ନେଇଥିଲା, ଅସହଯୋଗର ବାର୍ତ୍ତା ଘରେ ଘରେ ପହଁଞ୍ଚାଇ ଦେଇଥିଲା। ସ୍ନେହୀ ଗୋପବନ୍ଧୁ ତାଙ୍କ ଶ୍ରଦ୍ଧାଶୀଳ ବ୍ୟବହାରରେ ଅନ୍ୟକୁ ଆପଣାର କରିନେଉଥିଲେ, କାହାରି ଦୁଃଖକଷ୍ଟ ଦେଖିଲେ ତାଙ୍କ କଣ୍ଠରୋଧ ହୋଇଯାଉଥିଲା। ସେ ସମସ୍ତଙ୍କୁ ଆପଣାର କୁଟୁମ୍ବ ମନେକରୁଥିଲେ, ସେମାନଙ୍କ ଦୁର୍ଦ୍ଦଶାରେ କାନ୍ଦି ପକାଉଥିଲେ। ତାଙ୍କଭଳି ପୁଣ୍ୟାତ୍ମ, ଦରଦୀ ମଣିଷ ଏବେ ସମାଜରେ ଦୁଷ୍ପ୍ରାପ୍ୟ।

ବିଭିନ୍ନ ଧର୍ମଗ୍ରନ୍ଥ, ବେଦ, ବେଦାନ୍ତ, ଉପନିଷଦ, ନାନାଦି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହିତୋପଦେଶ, ନୀତିବାଣୀ ପଠନରେ ବ୍ୟକ୍ତିର ଚଳଣି ମାର୍ଜିତ ହୁଏ, ଜୀବନ– ଗତିପଥ ବଦଳିଯାଏ, ଲକ୍ଷ୍ୟ ଏକ ନିର୍ଣ୍ଣାୟକ ମୋଡ ନିଏ। ବିଶ୍ୱର ବହୁ ମନୁଷୀଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ। ଗୋପବଂଧୁ ମଧ୍ୟ ଏଥିରୁ ବାଦ ପଡିନାହାଁନ୍ତି। ସେ ବାଲ୍ୟାବସ୍ଥାରୁ ସ୍ୱୀୟ ଗୃହ ଦେବତାଙ୍କ ସମକ୍ଷରେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରୁଥିଲେ, ଭାଗବତର ଲଳିତ, ଗଭୀର ଅର୍ଥଯୁକ୍ତ ପଦାବଳୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ତନ୍ମଧ୍ୟରେ ହଜି ମଜ୍ଜିଯିବା ସହ ଏହାକୁ କଣ୍ଠସ୍ଥ କରିଦେଇଥିଲେ। ସମ୍ଭବତଃ ଏହି ପ୍ରାଣସ୍ପର୍ଶୀ ରଚନା ଗୋପବଂଧୁଙ୍କ କୋମଳ ପ୍ରାଣକୁ ଦ୍ରବିଭୂତ କରିଦେବା ସହ ଦେବତ୍ୱର ଉନ୍ମେଷ ଘଟାଇଲା !

ଦରଦୀ ବଂଧୁ ଗୋପବନ୍ଧୁ। ସେ ଅସହାୟର ମନକଥାକୁ ପଢି ବୁଝିପାରୁଥିଲେ, ଦୂର୍ଗତ ମାନଙ୍କ ଦୁରବସ୍ଥା ତାଙ୍କୁ ମ୍ରିୟମାଣ କରୁଥିଲା, ଏଣୁ ସେମାନଙ୍କ ଦୁଃଖର ଲାଘବ ପାଇଁ ବ୍ରତୀ ହୋଇଥିଲେ। ସେ କଲିକତାରେ ଆଇନ୍ ପଢୁଥିବା ସମୟରେ ସେଠାକାର ପ୍ରବାସୀ ଓଡିଆ କୁଲିମାନଙ୍କର ଦୁଃଖ, ହତାଶକୁ ହୃଦୟଙ୍ଗମ କରିଥିଲେ, ସେମାନଙ୍କୁ ଏକଜୁଟ୍ କରି ସଫଳ ହୋଇଥିଲେ, ଓଡିଆ ମାନଙ୍କ ମଧ୍ୟରେ ପ୍ରଥମକରି ମଧ୍ୟ ଜାଗରଣ ସୃଷ୍ଟି କରିଥିଲେ।

କର୍ମବାଦରେ ଗଭୀର ବିଶ୍ୱାସୀ ଥିଲେ ଗୋପବନ୍ଧୁ ଦାସ। ତାଙ୍କ ବଂଧୁ ଦେଶ-ହିତୈଷୀ ବ୍ରଜସୁନ୍ଦର ଦାସ। ଦେଶର ଉନ୍ନତି କଳ୍ପେ ଦୁହେଁ ଆଗେଇଲେ, ଓଡିଆ ସାହିତ୍ୟର ବିକାଶ ପାଇଁ ମନୋନିବେଶ କଲେ। ଶବ୍ଦ କାଠିନ୍ୟ, ଅର୍ଥ ଗୌରବ, ଆଳଙ୍କାରିକତା ଆଦି ନାନାବିଧ କ୍ଲିଷ୍ଟତା ଓଡିଆ ସାହିତ୍ୟକୁ ସାଧାରଣ ପାଠକଠାରୁ ଦୂରେଇ ନେଇଯାଉଥିଲା। ଏକଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ। ସାହିତ୍ୟର ବହୁମୁଖୀ ଉନ୍ନତି ପାଇଁ ଦୁଇବଂଧୁ 'ମୁକୁର' ନାମକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ। ଏଥିରେ ପ୍ରକାଶିତ ଲେଖା ସହଜ, ସରଳ, ବୋଧଗମ୍ୟ ହେଉଥିଲା, ଭାବସାରଲ୍ୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା। କହିବା ବାହୁଲ୍ୟ ଯେ ପତ୍ରିକାଟି ଓଡିଶାର ବହୁ ନବୀନ, ପ୍ରବୀଣ ସାହିତ୍ୟିକଙ୍କୁ ପ୍ରତିଷ୍ଠା ଦେଇଥିଲା। କ୍ରମେ ଗୋପବନ୍ଧୁଙ୍କ ଗୁଣାବଳୀ ଚଉଦିଗକୁ ପ୍ରସରିଗଲା। ମୟୂରଭଞ୍ଜର ଗୁଣଗ୍ରାହୀ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ତାଙ୍କ ପ୍ରତିଭାରେ ମୁଗ୍ଧ ହେଲେ,। ତାଙ୍କୁ ନିଜର ସରକାରୀ ଆଇନ୍ ପରାମର୍ଶ ଦାତା ରୂପେ ନିଯୁକ୍ତି ଦେବା ସହ ବହୁ ଜନହିତକର କାମ ହାତକୁ ନେଲେ। କିନ୍ତୁ ଏତାଦୃଶ ବଂଧନ ଗୋପବନ୍ଧୁଙ୍କ ଭଳି ମୁକ୍ତ ପୁରୁଷଙ୍କୁ ଆନନ୍ଦ ଦେଇନଥିଲା। ରାଜାଙ୍କର ଅକାଳ ବିୟୋଗ ଚାକିରି ପାଇଁ ବିତୃଷ୍ଣା ଯୋଗୁଁ ସେ ସେହି ଗୁରୁ ଦାୟିତ୍ୱରୁ ଅବ୍ୟାହତି ନେଲେ; ସମସ୍ତ ପ୍ରକାର ଝଡ, ଝଞ୍ଜା, ବାଧା ବଂଧନଙ୍କୁ ଅତିକ୍ରମ କରି ତମାମ ଜୀବନ ଦେଶ ମାତୃକା ପାଇଁ ଉତ୍ସର୍ଗ କଲେ।

ଜାତୀୟ ଶିକ୍ଷାର ପ୍ରସାର କ୍ଷେତ୍ରରେ ଗୋପବଂଧୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ତତ୍‌କାଳୀନ ସରକାରୀ ଶିକ୍ଷା ଖସଡାରେ ବହୁ ତ୍ରୁଟି ଥିବା ସେ ଲକ୍ଷ୍ୟ କରିଥିଲେ। ଏହାର ଦୂରୀକରଣ ତଥା ଯୁବପିଢିଙ୍କୁ ଦେଶପ୍ରେମ, ଆଦର୍ଶ ବୋଧରେ ଅବଗାହିତ କରିବା ଲକ୍ଷ୍ୟ ନେଇ ସେ ସତ୍ୟବାଦୀର ବକୁଳ ଛୁରିଆନା କୁଞ୍ଜରେ ବନବିଦ୍ୟାଳୟଟିଏ ପ୍ରତିଷ୍ଠାକଲେ। ସାହାର୍ଯ୍ୟ ନେଲେ କେତେକ ସମଧର୍ମା ଉଚ୍ଚଶିକ୍ଷିତ ଯୁବକଙ୍କର। ବିଦ୍ୟାଳୟ ଶିକ୍ଷା, ଦେଶାତ୍ମବୋଧ ଜନ୍ମାଇବା, ନୈତିକତା ଭିତ୍ତିରେ ଚରିତ୍ର ଗଠନ, ସହଜ ସରଳ, ନିରଳସ ଜୀବନ ଯାପନ ଆଦି ବିଷୟମାନ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା ଖସଡାର ବିଶେଷ ବିଶେଷ ଦିଗ। ଶେଷରେ ଏହା 'ମଣିଷଗଢା କାରଖାନା' ରୂପେ ଅଭିହିତ ହେଲା। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଅନେକ ମୁକ୍ତି ସଂଗ୍ରାମରେ ଯୋଗଦେଇ ଦେଶପ୍ରେମ ବହ୍ନି ପ୍ରଜ୍ୱଳିତ କରିବାରେ ସହାୟକ ହେଲେ। ଏଠାକାର ଋଷିପ୍ରତୀମ ଗୁରୁମାନେ ମଧ୍ୟ ନିଃସ୍ୱାର୍ଥପର, ନିଷ୍କଳଙ୍କ, ଉତ୍ସର୍ଗୀକୃତ ମୁକ୍ତି ସଂଗ୍ରାମୀଭାବେ ଅକ୍ଷୟ କୀର୍ତ୍ତିର ଅଧିକାରୀ।

ଗୋପବନ୍ଧୁଙ୍କ ସମାଜ ସେବାର ପଟାନ୍ତର ନାହିଁ। ଓଡିଶାର ବଢି, ମରୁଡି,ଦୁର୍ଭିକ୍ଷ ଭଳି ମହାବିପତ୍ତିରେ ସେ ଅକୁଣ୍ଠ ଚିତ୍ତରେ ସେବାକାର୍ଯ୍ୟ ଚଳାଇଥିଲେ, ଭୟାନକ ବନ୍ୟା, କରାଳ ଦୁର୍ଭିକ୍ଷ ( ୧୯୦୭, ୧୯୧୯) ସମୟରେ ନିଜର ଛାତ୍ର, ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକ, କେତେକ ଉତ୍ସାହୀ ଯୁବକଙ୍କୁ ନେଇ ଓଡିଶାର ଅଗମ୍ୟ ଗାଁ ଗହଳିରେ ଔଷଧ, ଚୂଡା, ଚାଉଳ, ଲୁଗାପଟା ଆଦି ବିତରଣ କରିଥିଲେ, ଲାଟ୍ ସଭାର ସଦସ୍ୟ ଥାଇ ସରକାରୀ ସାହାର୍ଯ୍ୟ ପାଇଁ ଦୃଢ ଦାବି ଜଣାଇଥିଲେ। ଫଳରେ ସରକାରୀ, ବେସରକାରୀ ସ୍ତରରୁ ସାହାଯ୍ୟର ସୁଅ ଛୁଟିଲା। ସେ କ୍ଷୁଧାର୍ତ୍ତ ମାନଙ୍କ ପାଇଁ ଆରମ୍ଭ କଲେ ଦରିଦ୍ର ନାରାୟଣ ସେବା। ଗୋପବଂଧୁ ବୁଝିଥିଲେ ମାନବ ସେବା ହିଁ ମାଧବ ସେବା, ମାନବ ଧର୍ମ ହିଁ ମାଧବ ଧର୍ମ।

୧୯୨୧ ମସିହା। କଂଗ୍ରେସର ରଣଭେରୀ ବାଜି ଉଠିଲା ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ। ଗୋପବଂଧୁଙ୍କ ପ୍ରାଣ ଉଚ୍ଛନ୍ନ ହେଲା। ସତ୍ୟବାଦୀ ବନାଶ୍ରମ ତାଙ୍କୁ ଆଉ ବାନ୍ଧି ରଖିପାରିଲାନି। ସେ ଝାସ ଦେଲେ ଅସହଯୋଗ ମହାସଂଗ୍ରାମରେ, ତାଙ୍କ ପଛେ ପଛେ ଓଡିଆ ଜାତି ମଧ୍ୟ ଯୋଗ ଦେଲା। ଦୀନ ଓଡିଆଏ ପ୍ରମାଣିତ କରିଦେଲେ, ସେମାନେ ମୁକ୍ତି ସଂଗ୍ରାମରେ ପଛୁଆ ଅବା ହୀନ ନୁହଁନ୍ତି– ବରଂ ବହୁ ଆଗରେ। ଓଡିଆଙ୍କର ଏହି ସଫଳତା ପଛରେ ଥିଲା ଗୋପବଂଧୁଙ୍କ ପ୍ରେରଣା ତଥା ଆଦର୍ଶ। ଯେଉଁ ସଂଗ୍ରାମୀ ଓଡିଆ ବୀରମାନେ ଏହି ସମୟରେ କାରାବରଣ କରିଥିଲେ ଗୋପବଂଧୁ ଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ।

ଗୋପବନ୍ଧୁ ଜଣେ ସଫଳ ସାରସ୍ୱତ ସାଧକ। ତାଙ୍କ ଛାତ୍ର ଜୀବନର ଲେଖା "ଅବକାଶ ଚିନ୍ତା" ଅତି ଭାବମୟ ଲଳିତ କବିତା ପୁସ୍ତକ। 'ଧର୍ମପଦ', 'ବନ୍ଦୀର ଆତ୍ମକଥା' – ଏ ଦୁଇଟି ତାଙ୍କର ଅମ୍ଳାନ୍ ସାହିତ୍ୟ କୃତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସତ୍ୟବାଦୀ', ସମ୍ବାଦପତ୍ର "ସମାଜ", ପ୍ରାକ୍ ସ୍ୱାଧୀନତା କାଳରେ ଜନତାଙ୍କୁ ଜଗାଇବା, ମତାଇବା, ତତାଇବାରେ ମୁଖ୍ୟ ଭୂମିକା ନେଇଥିଲା, ଅସହଯୋଗର ବାର୍ତ୍ତା ଘରେ ଘରେ ପହଁ ାଇ ଦେଇଥିଲା। ସ୍ନେହୀ ଗୋପବଂଧୁ ତାଙ୍କ ଶ୍ରଦ୍ଧାଶୀଳ ବ୍ୟବହାରରେ ଅନ୍ୟକୁ ଆପଣାର କରିନେଉଥିଲେ, କାହାରି ଦୁଃଖକଷ୍ଟ ଦେଖିଲେ ତାଙ୍କ କଣ୍ଠରୋଧ ହୋଇଯାଉଥିଲା। ସେ ସମସ୍ତଙ୍କୁ ଆପଣାର କୁଟୁମ୍ବ ମନେକରୁଥିଲେ, ସେମାନଙ୍କ ଦୁର୍ଦ୍ଦଶାରେ କାନ୍ଦି ପକାଉଥିଲେ। ତାଙ୍କଭଳି ପୁଣ୍ୟାତ୍ମ, ଦରଦୀ ମଣିଷ ଏବେ ସମାଜରେ ଦୁଷ୍ପ୍ରାପ୍ୟ।

କ୍ଷଣଜନ୍ମା ଗୋପବନ୍ଧୁ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସରେ ଓଡିଆ ମାନଙ୍କର ଗାର ପକାଇ, ଓଡିଆ ମାନଙ୍କୁ ତାଙ୍କର ଗନ୍ତବ୍ୟପଥ ନିର୍ଦ୍ଦେଶ କରି ସେ ଦେବଧାମକୁ ପ୍ରୟାଣ କଲେ (୧୯୨୮)। ଓଡିଶାର ମଉଡମଣି ଖସିପଡିଲା। ଏ ଜାତି ଯେତେଦିନ ଯାଏ ବିରାଜିତ ଥିବ, ଗୋପବନ୍ଧୁଙ୍କ ସ୍ମୃତି ତାର ମାନସପଟରୁ କେବେ ହେଁ ଲିଭିବ ନାହିଁ। ତାଙ୍କର ତ୍ୟାଗ, କର୍ମ ଉତ୍କଳ ମଣ୍ଡଳରେ ଅକ୍ଷୟ କୀର୍ତ୍ତି ସ୍ତମ୍ଭ ରୂପେ ବିରାଜମାନ ରହି ଅନାଗତ ଉତ୍କଳ ସନ୍ତାନକୁ ଉଦ୍‌ବୁଦ୍ଧ କରିଥିବ। "ମିଶୁ ମୋର ଦେହ ଏ ଦେଶ ମାଟିରେ/ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ/ ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ/ ପୂରୁ ତହିଁ ପଡି ମୋର ମଂସ, ହାଡ"– ଗୋପବନ୍ଧୁଙ୍କ ଏ ମର୍ମସ୍ପର୍ଶୀ ଉଦ୍‌ବୋଧନୀ ଗୀତିକା ଏ ଜାତିକୁ ସତତ ଜାଗରିତ କରିଥିବ। ମା,' ମାଟି, ଦେଶ କୁ ପ୍ରାଣଠାରୁ ଅଧିକ ଭଲ ପାଉଥିବା ମହାପ୍ରାଣ ଗୋପବଂଧୁ ଏ ଜାତିର ଚିରପ୍ରଣମ୍ୟ।

# ଦକ୍ଷିଣ ଭାରତର ସୁଇଜରଲ୍ୟାଣ୍ଡ–ଉଟୀ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ. - ୦୧୮୭୫୩୩୫

ଦକ୍ଷିଣ ଭାରତର ପ୍ରସିଦ୍ଧ ଏବଂ ସର୍ବାଧିକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର 'ଉଦକମଣ୍ଡଳ' ବା 'ଉଟୀ' ତାମିଲନାଡୁ ରାଜ୍ୟରେ କେରଳ ଓ କର୍ଣ୍ଣାଟକର ମିଳନ ସ୍ଥଳୀ– କୋଏମ୍ବାଟୁର ଠାରୁ ୮୬ କିଲୋମିଟର ଦୂରରେ ଅବସ୍ଥିତ । ଏହାକୁ ନୀଳ ପର୍ବତର ରାଣୀ (କୁଇନ ଅଫ୍ ଦ ମାଉଣ୍ଟେନସ୍) କୁହାଯାଏ । ଏହାକୁ ଦେଖିଲେ ଏବେବି ବ୍ରିଟିଶ ଶାସନର ଏକ ଉପନିବେଶ ଭଳି ମନେହୁଏ । ଘନ ଜଙ୍ଗଲ ଓ ପାହାଡ ପର୍ବତ ଘେରା ଏହି ସହରାଞ୍ଚଳରେ ବ୍ରିଟିଶ ଢାଞ୍ଚାରେ ନିର୍ମିତ ଏକ-ମହଲା ବିଶିଷ୍ଟ ଛୋଟ ଛୋଟ ବାସଗୃହ, ଉଭିଦ ଉଦ୍ୟାନ, ଝରଣା, ସୁନ୍ଦର ସୁନ୍ଦର ହ୍ରଦ ତଥା ଟୋଡା ନାମକ ଆଦିବାସୀ ମାନଙ୍କର ସଂସ୍କୃତି ସହିତ ଜଡିତ ବିବିଧ କୃତି ଦେଖିବାକୁ ମିଳିଥାଏ । ଏଠାକାର ଉଦ୍ୟାନରେ ଅସଂଖ୍ୟ ଦୁଃର୍ଲ୍ଲଭ ପ୍ରଜାତିର ମୂଲ୍ୟବାନ ବୃକ୍ଷ ତଥା ଜୀବାଶ୍ମ ସଂରକ୍ଷିତ ରହିଅଛି । ଏପରିକି କେତେକ ବୃକ୍ଷ ଓ ଜୀବାଶ୍ମ ୨ କୋଟି ବର୍ଷର ପୁରୁଣା। ଉଟୀ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଦକ୍ଷିଣ ଭାରତର ସବୁଠାରୁ ଉଚ୍ଚ ପାହାଡ 'ଦାଦାବେଟା' (୮୪୭୫ ଫୁଟ) ଅବସ୍ଥିତ । ଉକ୍ତ ପାହାଡର ଶିଖର ଦେଶରେ ଗୋଟିଏ ମାନମନ୍ଦିର ରହିଛି ଯେଉଁଠାରୁ ସମଗ୍ର ନୀଳଗିରି ପାର୍ବତ୍ୟ ଅଞ୍ଚଳ ଦୃଶ୍ୟମାନ ହୋଇଥାଏ । ସ୍ୱାସ୍ଥ୍ୟକର ସ୍ଥାନ ହେବା ସହିତ ଉଟୀ ଉଇକାଲିପଟସ ତେଲ, ମହୁ, କଫି ଓ ଚା'ର ଉତ୍ପାଦନ ନିମନ୍ତେ ପ୍ରସିଦ୍ଧ । ସ୍ଥାନୀୟ 'ଟୋଡା' ଆଦିବାସୀ ମାନଙ୍କର ଜରିପକା ଅଳଙ୍କାର ଏଠାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ଅନ୍ୟତମ ଆକର୍ଷଣର ବିନ୍ଦୁ ।

ଭାରତର ଅନ୍ୟତମ ସୁନ୍ଦର ଓ ସ୍ୱାସ୍ଥ୍ୟକର ଏହି ସ୍ଥାନଟି ଲୋକ ଲୋଚନରେ ଲୁଚିରହିଯାଇ ଥାଆନ୍ତା ଯଦି କୋଏମ୍ବାଟୁର ଜିଲ୍ଲାପାଳ କନ ସୁଲିଭାନ୍ (୧୮୧୫ – ୧୮୩୦)ଏହି ଅଞ୍ଚଳ ବିଷୟରେ ୧୮୧୯ ମସିହାରେ ସରକାରଙ୍କୁ ଉଲ୍ଲେଖ କରି ନ ଥାଆନ୍ତେ । ସେ କାର୍ଯ୍ୟରେ ଯୋଗ ଦେବାର କିଛିଦିନ ପରେ ସରକାରୀ କାର୍ଯ୍ୟରେ ନିଜର ଦୁଇଜଣ ସହକାରୀ କଲେକଟରଙ୍କୁ ଏଠାକାର ଜଙ୍ଗଲ ମଧ୍ୟକୁ ପଠାଇଥିଲେ । ବାସ୍ତବରେ ସେ ଦୁହେଁ ତମାଖୁ ତସ୍କର ମାନଙ୍କ ସନ୍ଧାନରେ ଜଙ୍ଗଲକୁ ଆସିଥିଲେ । ସେମାନେ ଜଙ୍ଗଲରୁ ଫେରିଆସି ଜିଲ୍ଲାପାଳ ସୁଲିଭାନ୍‌ଙ୍କୁ ରିପୋର୍ଟ ଦେବା ସହିତ ଦେଖି ଆସିଥିବା ଉଟୀ ଓ ସେଠାକାର ଅପୂର୍ବ ସୌନ୍ଦର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଏହାଶୁଣି ଜିଲ୍ଲାପାଳ ଏତେଦୂର ପ୍ରଭାବିତ ହୋଇଥିଲେ ଯେ ପରବର୍ଷ ୧୮୧୯ ମସିହାରେ ନୀଳଗିରୀ ପାହାଡ ଅଞ୍ଚଳରେ ପହଞ୍ଚି ସେଠାରେ ନିଜର ଅସ୍ଥାୟୀ କଟେଜରେ କିଛିଦିନ ରହିଥିଲେ । ସ୍ଥାନଟିର ପରିବେଶ ଓ ଜଳବାୟୁରେ ପ୍ରଭାବିତ ହୋଇ ସେ ଉଟୀରେ ପ୍ରଥମେ ଗୋଟିଏ ସ୍ୱାସ୍ଥ୍ୟ ନିବାସ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ସେ ସ୍ଥାନୀୟ ଟୋଡା ଆଦିବାସୀ ମାନଙ୍କଠାରୁ ମାତ୍ର ଏକଟଙ୍କା ପ୍ରତି ଏକର ଦରରେ ବିସ୍ତିର୍ଣ୍ଣ ଜମି କିଣି ନେଇଥିଲେ । ୧୮୨୨ ରେ ସ୍ୱାସ୍ଥ୍ୟନିବାସ ନିର୍ମାଣ ଆରମ୍ଭ ହେବାର କିଛି ବର୍ଷ ଭିତରେ ପ୍ରାୟ ୨୫ ରୁ ୩୦ ୟୁରୋପିଆନ ପରିବାର ସେଠାରେ ନିଜ ନିଜର ଘର ତିଆର କରି ରହିଯାଇଥିଲେ । ୧୮୨୮ ମସିହାରେ ଏହି ଅଞ୍ଚଳ ମିଲିଟାରୀ କ୍ୟାଣ୍ଟନମେଣ୍ଟ ଘୋଷିତ କରିଦିଆଯିବା ଫଳରେ ଉଟୀର ଗୁରୁତ୍ୱ ଅଧିକ ବଢି ଯାଇଥିଲା । ସେତେବେଳକୁ ସ୍ୱାସ୍ଥ୍ୟନିବାସ ନିର୍ମାଣ ସଂପୂର୍ଣ୍ଣ ହୋଇଯାଇଥିଲା ।

ନୀଳଗିରୀ ଜିଲ୍ଲାର ମେଟାପଲୟମ ରେଳ ଷ୍ଟେସନ ଠାରୁ ଉଟୀ ପର୍ଯ୍ୟନ୍ତ ୨୮କିଲୋମିଟର ଲମ୍ବା ଏକ ମିଟରଗଜ ରେଳରାସ୍ତା ୧୯୦୮ ମସିହାରେ ଇଂରେଜ ମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।ଏହାହିଁ ଜାତିସଂଘ ଦ୍ୱାରା ବିଶ୍ୱଐତିହ୍ୟ ଘୋଷିତ 'ନୀଳଗିରି ମାଉଣ୍ଟେନ ରେଳବାଇ' ଯାହାକି ସମଗ୍ର ବିଶ୍ୱରେ ଏକମାତ୍ର 'ର୍ୟାକ ସିଷ୍ଟମରେ' ଚାଲୁଥିବା ରେଳଗାଡି । ଅତି ଉଚ୍ଚ ପାହାଡିଆ ରେଳଟ୍ରାକ ଓ ଅଧିକାଂଶ ସ୍ଥାନରେ ଏକ ମିଟର ନିମ୍ନ ଭୂପୃଷ୍ଠରୁ ବାର ମିଟର ପର୍ଯ୍ୟନ୍ତ ଢାଲୁ ରାସ୍ତାରେ ଗଡୁଥିବା ଏହି ରେଳଗାଡି ତଳକୁ ଖସି ନଯିବା ପାଇଁ ଏହାର ଦୁଇ ରେଳ ଧାରଣା ମଝିରେ ମୋଟର ସାଇକେଲ ଚେନଭଳି ସ୍ୱତନ୍ତ୍ର ଭାବେ ତିଆରି କଟା କଟା ହୋଇଥିବା ଗୋଟିଏ ଅଧିକ ରେଳ ଧାରଣା ରହିଅଛି । ଇଞ୍ଜିନର ଦୁଇଚକ ମଝିରେ ପିନିଅନଭଳି କଂଟା କଂଟା ଥିବା ଗୋଟିଏ ଅଧିକ ଚକ ଖଂଜାଯାଇଥାଏ ଯାହାକି ରେଳ ଗଡୁଥିବା ସମୟରେ ରେଳ ଧାରଣା ମଝିରେ ଥିବା କ୍ରାଙ୍କକୁ ଦୃଢ ଭାବରେ ଧରିରଖିଥାଏ ଯଦ୍ୱାରା ଚାଲୁଥିବା ଅବସ୍ଥାରେ ସମୁଦାୟ ଟ୍ରେନଟି କୌଣସି ଅବସ୍ଥାରେ ଟ୍ରାକରୁ ଖସି ଯିବାର ସମ୍ଭାବନା ନଥାଏ । ଏହା ସମଗ୍ର ବିଶ୍ୱର ଏକମାତ୍ର ସବୁଠାରୁ ଧୀର ଗତିରେ ଯାତାୟତ କରୁଥିବା ରେଳଗାଡି ଯାହାକୁ ନିଜର ଯାତ୍ରାପଥରେ ୧୬ଟି ଟନେଲ ,୨୫୦ ଟି ପୋଲ ଓ ୨୦୮ଟି ଅଙ୍କା ବଙ୍କା ଟ୍ରାକ ଅତିକ୍ରମ କରିବାକୁ ପଡିଥାଏ ।

ଏଠାକାର ଦର୍ଶନୀୟ ସ୍ଥାନ ଗୁଡିକ ମଧ୍ୟରେ ରହିଛି– ବଟାନୀକାଲ ଗାର୍ଡେନ, ରୋଜ ଗାର୍ଡେନ, ରେଡିଓ ଟେଲିସ୍କୋପିକ କେନ୍ଦ୍ର, ଡାଇନୋସୁରର ବିରାଟକାୟ ପ୍ରତିରୂପ ଥିବା ଅଣ୍ଡର-ୱାଲର୍ଡ ଆମ୍ୟୁଜମେଣ୍ଟ ପାର୍କ , କାଲାହାଟି ଜଳପ୍ରପାତ, ଡୋଦ୍ଦାବେଟା ଶିଖର, ମର୍କତମଣି ହ୍ରଦ, ଟାଇଗର ହିଲ୍ସ , ନୀଳଗିରୀ ପର୍ବତ ଶିଖରରେ ଥିବା ଅବଜରଭେଟାରୀ , କୋଟାଗିରି ସ୍ଥିତ ଜନ ସୁଲିଭାନଙ୍କର ବାସଗୃହ, ଉଟୀ ହ୍ରଦରେ ନୌକା-ଦୌଡ ପ୍ରତିଯୋଗିତା ଓ ଆଦିମ ଆଦିବାସୀ ଟୋଡା ସଂପ୍ରଦାୟର ବିଚିତ୍ର ବାସଗୃହ ଇତ୍ୟାଦି ।

ଉଟୀ ଓ ଜନ ସୁଲିଭାନଙ୍କ ସଂପର୍କରେ ସେଠାକାର ଲୋକମାନେ କହନ୍ତି , 'ଏଠାକାର ପାହାଡ ଓ ଜଙ୍ଗଲ ସମୂହରେ ଜୀବନ୍ୟାସ ଦେଇଥିବା ବ୍ୟକ୍ତି ହେଉଛନ୍ତି – ଜନ ସୁଲିଭାନ ।' ୧୮୫୫ ମସିହା ଜାନୁଆରୀ ୧୬ ତାରିଖ ଦିନ ସୁଲିଭାନାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁର ୧୫୦ ବର୍ଷ ପରେ ୨୦୦୫ ଜାନୁଆରୀ ୧୬ ତାରିଖ ଦିନ ତାଙ୍କରି ସ୍ମୃତିରେ 'ନୀଳଗିରୀ ବଂଚାଅ' ଅଭିଯାନ ଆରମ୍ଭ କରାଯାଇଥିଲା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ମାର୍ଚ୍ଚ ୨୦୨୫ ସୋମବାର





## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପେନ୍‌ସନ୍ ବିଳମ୍ବ ହେଲେ ସରକାର ସୁଧ ଦେବେ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବରେ ବିଭିନ୍ନ ଦେୟ ପଇଠ ପାଇଁ ସରକାର ଯଦି ସାଧାରଣ ନାଗରିକଙ୍କ ଠାରୁ ସୁଧ ଅସୁଲ କରୁଛନ୍ତି, ତେବେ କର୍ମଚାରୀଙ୍କୁ ସେମାନଙ୍କର ବକେୟା ପ୍ରଦାନରେ ବିଳମ୍ବ ପାଇଁ ମଧ୍ୟ ସରକାର ସୁଧ ଗଣିବାକୁ ବାଧ୍ୟ ବୋଲି ହାଇକୋର୍ଟ କହିଛନ୍ତି । ପାରିବାରିକ ପେନ୍‌ସନ୍ ଓ ଅନ୍ୟାନ୍ୟ ବକେୟା ପ୍ରଦାନରେ ସରକାର ୫ ବର୍ଷରୁ ଅଧିକ ସମୟ ବିଳମ୍ବ କରିଥିବା ପ୍ରସଙ୍ଗରେ ହୃଦାନନ୍ଦ ମଲ୍ଲିକ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବାର୍ଷିକ ୯ ପ୍ରତିଶତ ସୁଧ ହାରରେ ବକେୟା ପେନ୍‌ସନ୍ ପ୍ରାପ୍ୟ ଆବେଦନକାରୀଙ୍କୁ ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସେହିପରି ଏଥିରେ ଯଦି ଖିଲାପ ହୁଏ, ତାହେଲେ ଦୁଇ ମାସ ପରଠାରୁ ଆବେଦନକାରୀଙ୍କୁ ମୋଟ୍ ବକେୟା ରାଶିର ୧୮ ପ୍ରତିଶତ ସୁଧ ହାରରେ ଅର୍ଥ ପଇଠ କରାଯିବ । ଏହି ଅର୍ଥରାଶିକୁ ଉତ୍ତରଦାୟୀ ଅଧିକାରୀଙ୍କ ଠାରୁ ଉଣ୍ଡା କରାଯିବ ବୋଲି କହିଛନ୍ତି ହାଇକୋର୍ଟ । ବିଶେଷକରି ପେନ୍‌ସନ୍ ପ୍ରଦାନରେ ହେଉଥିବା ଅହେତୁକ ବିଳମ୍ବ ପାଇଁ ଏହି ପ୍ରକ୍ରିୟା ସହ ଜଡ଼ିତ ଅଧିକାରୀମାନେ ହିଁ ଉତ୍ତରଦାୟୀ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ପତ୍ନୀ ଡାକ୍ତର ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କର ଗତ ୨୦୧୭ ଜାନୁଆରୀ ୨୨ରେ ମୃତ୍ୟୁ ଘଟିଥିଲା । ତେବେ ବୁଝାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେବା ପରେ ୨୦୧୭ ନଭେମ୍ବର ୬ରେ ତାଙ୍କୁ ପ୍ରୋଭିଜିନାଲ ପରିବାର ପେନ୍‌ସନ୍ ମିଳିଥିଲା । ବହୁବାର ଦାବି ପରେ ବି ସାଢ଼େ ୫ ବର୍ଷ ବିଳମ୍ବରେ ଅର୍ଥାତ୍ ୨୦୨୨ରେ ତାଙ୍କୁ ପୂର୍ଣ୍ଣ ପରିବାର ପେନ୍‌ସନ୍ ମିଳିଥିଲା । ବିଳମ୍ବିତ ପେନ୍‌ସନ୍ ପାଇଁ ଆଉ ସାଢ଼େ ୫ ବର୍ଷର ସୁଧ ଅର୍ଥ ପ୍ରଦାନ ପାଇଁ ଆବେଦନକାରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଥିଲେ । କିଛି ସୁଫଳ ନମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ପାଟଣେଶ୍ୱରୀ ମନ୍ଦିର ଗମ୍ଭିରା ଘରୁ ଖସୁଛି ଚୁନ ପଥର

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଜିଲ୍ଲାର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହରେ ଚୁନ ପଥର ଖସୁଥିବାରୁ ଏହା ଜିଲ୍ଲା ପାଇଁ ଅଶୁଭ ସଂକେତ ଓ ଭକ୍ତଙ୍କ ମନରେ ଅଶାନ୍ତି ପ୍ରକଟ ହେଉଥିବାରୁ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ୪ ଦଫା ଦାବି ପ୍ରଦାନ କରିଥିଲେ । ଏହି ମନ୍ଦିରର ଉନ୍ନତିକରଣ ପାଇଁ ଗତ ଜାନୁଆରୀ ତା.୦୩.୦୧.୨୦୨୪ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ଅଟକଳ ୧ କୋଟି ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭକ୍ତ ଓ ଲୋକଙ୍କ ଦାବିରେ ପ୍ରଶାସନ ଡିପିଆର୍ ପ୍ରସ୍ତୁତ କରି ମାଁ ପାଟଣେଶ୍ୱରୀ ମନ୍ଦିରର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସେବାୟତ ପାଇଁ ବିଶ୍ରାମ ଗୃହ, ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଓ ମୁଖ୍ୟ ଗେଟ୍ ଡିପିଆରରେ ସ୍ଥାନ ପାଇଥିଲା । ଏକ ବର୍ଷରୁ ଊର୍ଦ୍ଧ୍ୱ ହୋଇଯିବ ମୁଖ୍ୟ ଗେଟ୍ ନିର୍ମାଣ କରି ଓ ମନ୍ଦିରର ପାର୍ଶ୍ୱରେ କାର୍ଯ୍ୟ ଚାଲିଥିବା ବେଳେ ଡିପିଆର୍ ସମ୍ପୂର୍ଣ୍ଣ ବଦଳି ଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟକରଣ ଅଧାପନ୍ତରିଆ ହୋଇ କାର୍ଯ୍ୟ ଚାଲିଛି । ଡିପିଆର୍ ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ହୋଇଥିଲା । ମାଁ ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ଗମ୍ଭିରାଘରରେ ଚୁନ ପଥର ଦେବୀଙ୍କ ପ୍ରତିମୂର୍ତ୍ତି ଉପରେ ଖସୁଥିବା ବେଳେ ଏହା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରୁଛୁ । ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରେ ଚୁନ ପଥର ଖସୁଥିବା ବେଳେ ମରାମତି ପାଇଁ ଦାବି, ମନ୍ଦିର ନିର୍ମାଣ ୧୮୭୨ ମସିହାରେ ୨୦୨୫ ଯାଏ ଏ ଯାଏଁ ଗମ୍ଭିରା ଘର ମରାମତି ହୋଇନାହିଁ । ଆଗକୁ ବର୍ଷା ଋତୁ, ମନ୍ଦିର ବିପଦମୁଖ ଅବସ୍ଥାରେ ଥିବା ହେତୁ ଏହାକୁ ମରାମତି କରିବାକୁ ଦାବି, ୨୦୨୩ରେ ଡିପିଆର୍ ତିଆରି ହୋଇଥିବା କାର୍ଯ୍ୟ କରାଯାଉ ଆମର ଦାବି, ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗିର ସହରର ପ୍ରବେଶ ଦ୍ୱାରରେ ମୁଖ୍ୟ ଗେଟ୍ ନିର୍ମାଣ କରିବା ପାଇଁ ଦାବି । ଉପ-ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଦାବି ଗୁଡ଼ିକୁ କମିଟି ସଦସ୍ୟମାନେ ଜଣାଇଥିଲେ । ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ ଉନ୍ନତ ବିଭାଗ ଏବଂ କମିଟି ଗଠନ ହୋଇ ଏ ଉପରେ ଉଚିତ ପଦକ୍ଷେପ ନିଆଯିବ । ବଲାଙ୍ଗିର ସହରର ୯ ଗୋଟି ମନ୍ଦିର ଉନ୍ନତି ସକାଶେ ଏବଂ ଐତିହ୍ୟ କୀର୍ତ୍ତି ସାଇନ୍‌ବୋର୍ଡ ଲଗାଯିବ ଏବଂ ଦେବୋତ୍ତର ବିଭାଗ ତରଫରୁ ମନ୍ଦିର ଐତିହ୍ୟ ପୁସ୍ତକଟି ପ୍ରକାଶିତ ହେବ । ଭକ୍ତମାନେ ଦେଉଥିବା ଅନୁଦାନ ମନ୍ଦିରରେ ସୂଚନା ବୋର୍ଡ ଲଗାଯିବ ଏବଂ ମନ୍ଦିର ସୁରକ୍ଷା ପାଇଁ ତଦାରଖ କମିଟି ଗଠନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ନାଗରିକ କମିଟିର ସଂପାଦକ ମଧୁସୂଦନ ନାୟକ, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ପ୍ରଶାନ୍ତ ମହାକୁର, ପ୍ରଶନ୍ନ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଧାର ସହ ଲିଙ୍କ୍ ହେବ ଭୋଟର ପରିଚୟପତ୍ର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପ୍ୟାନ୍ କାର୍ଡ ପରେ ଏବେ ଭୋଟର ପରିଚୟ ପତ୍ରକୁ ମଧ୍ୟ ଆଧାର ଲିଙ୍କ କରାଯିବ । କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏ ନେଇ ନିଷ୍ପତି ନିଆଯାଇଛି । ରିପୋର୍ଟ ଅନୁସାରେ ଦେଶର ଭୋଟର ତାଲିକା ବ୍ୟବସ୍ଥାରେ ଏକ ବୃହତ୍ ସଂସ୍କାର ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ନିର୍ବାଚନ ଆୟୋଗ ଏପରି କିଛି ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଦେଶର ଭୋଟର ମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା ଦ୍ୱାରା ଭୋଟର ଏବଂ ଭୋଟିଂ ବ୍ୟବସ୍ଥାରେ ଉଲ୍ଲେଖନୀୟ ସଂସ୍କାର ଆସିପାରିବ ବୋଲି କେନ୍ଦ୍ର ନିର୍ବାଚନ ଆୟୋଗ ମତବ୍ୟକ୍ତ କରିଛନ୍ତି । ସେହିପରି ଏ ସମ୍ପର୍କରେ ଜାରି ଏକ ବିବୃତିରେ ନିର୍ବାଚନ କମିଶନ କହିଛନ୍ତି ନିର୍ବାଚନ କମିଶନ ଜନ ପ୍ରତିନିଧିତ୍ୱ ଆଇନ୍ ୧୯୫୦ ର ଧାରା ୩୨୬ ଏବଂ ଜନପ୍ରତିନିଧି ଆଇନର ଧାରା ୨୩(୪), ୨୩(୫) ଏବଂ ୨୩(୬) ଏବଂ ଡଚ(ସିଭିଲ) ନମ୍ବର ୧୭୭/ ୨୦୨୩ ରେ ଆସିଥିବା ସୁପ୍ରିମ କୋର୍ଟଙ୍କ ନିଷ୍ପତି ଅନୁଯାୟୀ ଭୋଟର ପରିଚୟକୁ ଆଧାର ସହିତ ସଂଯୋଗ କରାଯିବା ନିଷ୍ପତି ନିଆଯାଇଛି । ଏହି କ୍ରମେ ଭୋଟର ପରିଚୟ ପତ୍ରରେ ଉଲ୍ଲେଖ ଥିବା ଇପିଆଇସି ନଂ (ଏପିକ୍ ନଂ)କୁ ଆଧାର ସହିତ ଲିଙ୍କ କରାଯିବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟ ପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୋଟର ପରିଚୟ ପତ୍ରକୁ ଆଧାର ଲିଙ୍କ କରାଯିବା ଉପରେ ବ୍ୟାପକ ଆଲୋଚନା ହୋଇଛି । ଆଗାମୀ ଦିନରେ ମଧ୍ୟ ୟୁଆଇଡିଏଆଇ ଏବଂ ନିର୍ବାଚନ କମିଶନର ଅଧିକାରୀଙ୍କ ମଧ୍ୟରେ ଏ ନେଇ ଅଧିକରୁ ଅଧିକ ଆଲୋଚନା ହେବ । ଭୋଟର ପରିଚୟ ପତ୍ର ଓ ଆଧାର ସଂଯୋଗ ଯୋଜନାକୁ କିପରି ଆଗକୁ ବଢ଼ାଯାଇପରିବ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଉଭୟ ପକ୍ଷ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ପ୍ରକାଶ ଯୋଗ୍ୟ ଭୋଟର ପରିଚୟ ପତ୍ର ସହିତ ଆଧାରକୁ ଲିଙ୍କ କରିବା ପଛରେ ନକଲି ଭୋଟିଂକୁ ରୋକିବା ହେଉଛି ଏକ ବଡ଼ କାରଣ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଭୋଟ ଦେବାର ସମ୍ଭାବନା ଦୂର ହେବା ସହିତ ନିର୍ବାଚନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହେବ ।




## ନୂଆ ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସଭାକକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଓ ସୁନ୍ଦରଗଡ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ମୋଟ୍ ୧୦୨ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୩୫ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬୭ଟି ସାମୁହିକ ଅଭିଯୋଗ ରହିଥିଲା । ଏଥିମଧ୍ୟରୁ ୧୪ ଗୋଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା । ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନ୍‌ସନ୍, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ପିଏଆଇଟିଡିଏ ପାନପୋଷ ବିକ୍ରାଣୀ କିସପଟ୍ଟା, ଡିଏଫଓ ରାଉରକେଲା ଯଶୋବନ୍ତ ସେଠୀ, ନୂଆଁ ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ରୋକିବା ପାଇଁ ଖାଦାନରେ ଲଗାଯାଇଥିବା କ୍ୟାମେରା ଉଭାନ୍

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅବାଧରେ ଚାଲିଛି ଲଘୁ ଖଣିଜ ଲୁଟ୍ କେତେବେଳେ ବାଲି ଚୋରି ତ କେବେ ପଥର କିମ୍ବା ମୋରମ୍ ଖାଦାନ୍‌ରୁ ଚୋରି । ଚୋରି ରୋକିବାକୁ ସରକାର ଯେତେ ଯୋଜନା କଲେ ବି ନୂଆନୂଆ ଫନ୍ଦି ବାହାର କରୁଛନ୍ତି ଲୁଟେରା । ଏବେ ଲଘୁ ଖଣିଜ ଉତ୍ସରେ କ୍ୟାମେରା ଲଗାଇବାକୁ ହୋଇଥିବା ଯୋଜନା ମଧ୍ୟ ସେମିତି । ପ୍ରାୟ ଅଧିକାଂଶ ଲଘୁ ଖଣିଜ ଉତ୍ସରେ କ୍ୟାମେରା ନାହିଁ । ଲଘୁ ଖଣିଜ ବିଭାଗର ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା-୫୪୧ ଅନୁସାରେ, ଲଘୁ ଖଣିଜ ଚୋରା କାରବାର ରୋକିବା ପାଇଁ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ପ୍ରବେଶ ଓ ପ୍ରସ୍ଥାନ ବାଟ ରହିବ । ସେହିପରି ସେଠାରେ କ୍ୟାମେରା ମଧ୍ୟ ଲଗାଯିବ । ଏହାଦ୍ୱାରା ଲଘୁ ଖଣିଜ କାରବାର ଉପରେ ନଜର ରଖାଯାଇ ପାରିବ । ଜିପିଏସ୍ ନିରୀକ୍ଷଣ ସହିତ ସୂଚନାଫଳକ, ଲଘୁ ଖଣିଜ ସାମଗ୍ରୀର ସବିଶେଷ ବିବରଣୀ ମଧ୍ୟ ରେଜିଷ୍ଟ୍ରରରେ ଲେଖାଯିବାକୁ ନିର୍ଦ୍ଦେଶ ରହିଛି । ସିସିଟିଭି ଦିନରାତି ଚବିଶ ଘଣ୍ଟା ଚଳନକ୍ଷମ ଥିବା ସହିତ ସୂଚନାଫଳକ ସ୍ପଷ୍ଟ ଭାବେ ଲେଖିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ଅର୍ଥାତ୍ କୌଣସି ପଥର ଖାଦାନରେ ଲିଜ୍‌ଧାରୀଙ୍କୁ କେତେ ପରିମାଣର ଲିଜ୍ ମିଳିଛି, ତାହାର ଚଉଡ଼ା, ଗଭୀରତା ଆଦି ବିବରଣୀ ଉକ୍ତ ଫଳକରେ ଉଭୟ ଇଂରାଜୀ ଓ ଓଡ଼ିଆରେ ଉଲ୍ଲେଖ ରହିବ । ହେଲେ ଅଧିକାଂଶ ଲିଜ୍‌ଧାରୀ ଏହି ନିର୍ଦ୍ଦେଶକୁ ମାନୁନାହାନ୍ତି । କେନ୍ଦୁଝର ଜିଲ୍ଲାର ଅଧିକାଂଶ ବାଲିଘାଟ ଓ ପଥର ଖାଦାନରେ ସିସି କ୍ୟାମେରା ନାହିଁ । ଯେଉଁଠି ସିସିଟିଭି ଲାଗିଛି, ସେଠାରେ ଦୁଇଟି ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ଅଛି । ଅର୍ଥାତ ଟିପି ଯେତିକି ମିଳୁଛି, ସେତିକି ଗାଡ଼ି କେବଳ କ୍ୟାମେରା ଥିବା ପ୍ରବେଶପଥରେ ଯାଉଛି ଏବଂ କ୍ୟାମେରା ଥିବା ପ୍ରସ୍ଥାନ ବାଟରେ ଫେରୁଛି । ଅବଶିଷ୍ଟ ଗାଡ଼ିଗୁଡ଼ିକ କ୍ୟାମେରା ନ ଥିବା ସ୍ଥାନରେ ଯାଉଛି । ସେମିତି ପଥର ଖାଦାନରେ ମଧ୍ୟ ସମାନ ପରିସ୍ଥିତି । ଏଠାରେ ଖାଲି କ୍ୟାମେରା ନୁହେଁ, ବୋର୍ଡ ମଧ୍ୟ ଲାଗି ନାହିଁ । ଯେଉଁଠି ବୋର୍ଡ ଲାଗିଛି, ସେଠାରେ ସାଧାରଣ ଲୋକ ନ ଦେଖିବା ଭଳି ଜାଗାରେ ଲାଗିଛି । ଏଠାରେ ଯେତେ ଅଧିକ ଖୋଳିଲେ ବି ତାହା ଜଣାପଡ଼ିବ ନାହିଁ । ଘସିପୁରା ତହସିଲର ନୂଆ ବରିପାଳ ପଥର ଖାଦାନର ଉଦାହରଣ ନିଆଯାଉ । ଏଠାରେ ୨୦୨୪ ଜାନୁଆରି ୧ ତାରିଖରୁ ଏଯାବତ ପଥର ଖାଦାନକୁ ମାତ୍ର ୩୪୩ ଟିପି ଦିଆଯାଇଛି । ପ୍ରତିଦିନ ବା କିଛିଦିନ ବ୍ୟବଧାନରେ ଅନ୍ତତଃ ଗୋଟିଏ ଗାଡ଼ିକୁ ଏଠାରୁ ପଥର ବୋହିବାକୁ ଅନୁମତି ମିଳିବା କଥା କିନ୍ତୁ ଏଠାରେ ପ୍ରତିଦିନ ସର୍ବନିମ୍ନ ୨୦ରୁ ଊର୍ଦ୍ଧ୍ୱ ଗାଡ଼ିରେ ବିନା ଟିପିରେ ପଥର ବୁହା ହୁଏ । ଯଦି କେବେ ଧରାପଡ଼େ ତତ୍କାଳ ସେହି ନମ୍ବରରେ ଟିପି ଅଣାଯାଏ । ପଥର ମାଫିଆ ଓ ଖଣି ଅଧିକାରୀଙ୍କ ସଂପୃକ୍ତିରେ ଏହା ସମ୍ଭବ ହୋଇଥାଏ । ବାଲିଘାଟ ଅବସ୍ଥା ବି ସେମିତି । ପ୍ରାୟ ସବୁ ବାଲିଘାଟ ଚୋରାରେ ଚାଲେ । ଲଘୁ ଖଣିଜ ଅଧିକାରୀ, ପୋଲିସ ପାଖରେ ଏ ସଂପର୍କରେ ସୂଚନା ରହିଛି । କିନ୍ତୁ କେବେ ବଡ଼ଧରଣର ଧରପଗଡ଼ ହୁଏନାହିଁ । କିଛି ଘାଟରେ କ୍ୟାମେରା ଥିଲେ ବି ବାଲି ବୋହିବାର ବାଟ ସବୁ ଅଲଗା ରହିଛି । ଏଗୁଡ଼ିକ ସଲାସୁତରାରେ ଚାଲିଛି । ଫଳରେ ସରକାରଙ୍କର ବିପୁଳ ରାଜସ୍ୱ ହାନି ହେଉଛି ।

## ୫ ବର୍ଷରେ ମଦୁଆ ଡ୍ରାଇଭର୍ ଘଟାଇଲେଣି ୫୬୮୩୧ ଦୁର୍ଘଟଣା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସଚେତନତାକୁ କର୍ଣ୍ଣପାତ କରୁନାହାନ୍ତି, ମୋଟା ଅଙ୍କର ଜରିମାନା ଦେଲା ପରେ ବି ଚେତୁନାହାନ୍ତି । ନିଶାସକ୍ତ ଗାଡି ଚାଳନା ଯୋଗୁ ରାଜରାସ୍ତା ରକ୍ତରଞ୍ଜିତ ହେଉଛି । ନିଶାସକ୍ତ ଗାଡି ଚାଳନାରୁ ଅକାଳରେ ଜୀବନର ଦୀପ ଲିଭିଯାଉଛି । କିଏ ଭେଣ୍ଡିଆ ପୁଅକୁ ହରାଉଛି ତ ଆଉ କିଏ ବାପା ଛେଉଣ୍ଡ ହୋଇଯାଉଛି । ନିଶାସକ୍ତ ଭାବରେ ଗାଡ଼ି ଚାଳନା ଯୋଗୁଁ ଗତ ୫ ବର୍ଷରେ ରାଜ୍ୟରେ ୫୬୮୩୧ଟି ଦୁର୍ଘଟଣାରେ ୨୭୧୬୭ ଜଣଙ୍କ ଜୀବନ ଯାଇଛି ଓ ୫୦୦୪୧ଜଣ ଗୁରୁତର ଆହତ ହୋଇଛନ୍ତି । ସେଥିରୁ କିଛି ବ୍ୟକ୍ତି ଭିନ୍ନକ୍ଷମ ହୋଇଛନ୍ତି ତ ଆଉ କିଛି ଏବେ ବି ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ତଥ୍ୟ ଅନୁସାରେ ୨୦୨୦ରେ ୯୮୧୭ଟି ଦୁର୍ଘଟଣା ଘଟିଛି । ଏଥିରେ ୪୭୩୮ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୮୮୧୮ଜଣ ଗୁରୁତର ଆହତ ହୋଇଛନ୍ତି । ୨୦୨୧ରେ ୧୦ ହଜାର ୯୮୪ଟି ଦୁର୍ଘଟଣାରେ ୫୦୮୧ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ୯୭୮୨ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ୨୦୨୨ରେ ୧୧ହଜାର ୬୬୩ଟି ଦୁର୍ଘଟଣାରେ ୫୪୬୭ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ହଜାର ୩୦୨ ଜଣ ଗୁରୁତର ଆହତ ହୋଇଛନ୍ତି । ଅନୁରୂପ ଭାବେ ୨୦୨୩ରେ ୧୧ ହଜାର ୯୯୨ଟି ଦୁର୍ଘଟଣାରେ ୫୭୩୯ ଜଣଙ୍କ ମୃତ୍ୟୁ ଓ ୧୦ ହଜାର ୩୬୯ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ୨୦୨୪ରେ ୧୨ ହଜାର ୩୭୫ ଦୁର୍ଘଟଣାରେ ୬୧୪୨ଜଣଙ୍କ ମୃତ୍ୟୁ ଓ ୧୦ ହଜାର ୭୭୯ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ରିପୋର୍ଟକୁ ତର୍ଜମା କଲେ, ପ୍ରତିବର୍ଷ ଦୁର୍ଘଟଣାରେ ନିଶାସକ୍ତ ଚାଳକ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ନିଶା ସେବନ କରି ଗାଡି ଚାଳନାକୁ ମନା କରାଯାଇଥିବା ବେଳେ ବେଫିକର୍ ହୋଇ ଗାଡି ଚଳାଇବାରୁ ଅକାଳରେ ଜୀବନ ଚାଲିଯାଉଛି । ଅନୁରୂପ ଭାବେ ୨୦୨୦ରୁ ୨୦୨୩ ଅର୍ଥାତ୍ ଏହି ୩ ବର୍ଷରେ ୨୨ ହଜାର ୬୭୨ ଜଣ ମଦ୍ୟପ ଚାଳକ ଧରାପଡ଼ିଛନ୍ତି । ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି । ଏଥିସହ ୧୧ ହଜାର ୩୭୭ ଚାଳକଙ୍କ ଲାଇସେନ୍ସ ବାତିଲ୍ କରାଯାଇଛି ।

# ଚୋରା ମଦ ବ୍ୟବସାୟର ଚରମ ସୀମାରେ ଆଠଗଡ଼

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ନକଲି ଦେଶୀ ବିଦେଶୀ ମଦ ବେପାରୀ ମାନେ ନିର୍ଭୟରେ ସହର ଠାରୁ ଗ୍ରାମାଞ୍ଚଳରେ ନିଶା ବେପାର ଚଳାଇଛନ୍ତି । ପାନ ଦୋକାନ ଠାରୁ ସଉଦା ଦୋକାନ ପର୍ଯ୍ୟନ୍ତ ସବୁଠାରେ ଚୋରା ମଦ ମିଳୁଛି । ପିଲାମାନେ ଏଭଳି ନିଶା ସେବନ କାର୍ଯ୍ୟରେ ଲିପ୍ତ ରହୁଥିବା ନଜରକୁ ଆସିଛି । ବହୁ ଛାତ୍ର, ଯୁବକ ନିଶାଗ୍ରସ୍ତ ହେବା ଦ୍ୱାରା ନିଶା ଖାଇବା ପାଇଁ ଚୋରି, ଡକାୟତି, ରାହାଜାନି, ଲୁଟ୍ ତଥା ବିଭିନ୍ନ ଅନୈତିକ କାର୍ଯ୍ୟ କରିବାକୁ ପଛାଘୁଞ୍ଚା ଦେଉନଥିବା ଦେଖିବାକୁ ମିଳୁଛି । ଆଠଗଡ, ଖୁଣ୍ଟୁଣୀ ଓ ତିଗିରିଆ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ଏହି ନିଶା ମାଫିଆମାନଙ୍କ ଉପରେ ଅବକାରୀ ବିଭାଗ ଚଢ଼ଉ ଲାଗି ଯିବା ପୂର୍ବରୁ ସେମାନେ ଖବର ପାଇ ସେଠାରୁ ଫେରାର୍ ହୋଇଯାଉଥିବା ନୀତି ଦିନିଆ ଘଟଣାରେ ପରିଣତ ହେଲାଣି । ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍କୋଚ ଦେଇ ଏହି ନିଶା ବ୍ୟବସାୟ ଚାଲୁଥିବା ଏଥିରୁ ସ୍ପଷ୍ଟ ଅନୁମେୟ ଅବକାରୀ ବିଭାଗ କାଁ ଭାଁ ଚଢ଼ଉ କରି କିଛି ଛୋଟ ଛୋଟ ମଦ ବେପାରୀଙ୍କୁ ଗିରଫ କରି ଗଣମାଧ୍ୟମରେ ପ୍ରକାଶ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଆସ୍ଥା ଭାଜନ ହେବାରେ ଲାଗି ପଡିଛନ୍ତି । ଖୁଣ୍ଟୁଣୀର ଡାଳୁଆ, ଖଣ୍ଡୁଆଳି, ଛେନାଖୁଆନୂଆଗାଁ, ଘାଣ୍ଟିଖାଲ, ଗୁଡିଝାଟିଆ ଅଞ୍ଚଳ ବାସୀ ବାରମ୍ବାର ଏ ବିଷୟରେ ଅଭିଯୋଗ କରିଆସୁଥିବା ବେଳେ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ୍ । ସେହିଭଳି ତିଗିରିଆର ଭିରୁଡ଼ା, ପଣସ ପାଟଣା, ହରିଡାପସୀ ଅଞ୍ଚଳବାସୀ ବେଆଇନ୍ ମଦ କାରଖାନା ଚଳାଇଥିବା ମାଫିଆଙ୍କ ଉପରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁ ବେଆଇନ୍ ମଦ କାରବାର ବେଧଡ଼କ ଚାଲିଛି ବୋଲି ଅଭିଯୋଗ କରୁଛନ୍ତି । ଗଞ୍ଜେଇ, ଭାଙ୍ଗ ଓ ବ୍ରାଉନ୍‌ସୁଗାର୍ ବେପାର ମଧ୍ୟ ଖୁଲମ୍‌ଖୁଲା ଚାଲିଛି । ପ୍ରାୟ ସମୟରେ ରାଧାକିଶୋରପୁର, ଘଣ୍ଟିଖାଲ ରେଳ ଷ୍ଟେସନ୍‌କୁ ରେଳ ଯୋଗେ ରାଜ୍ୟ ବାହାରକୁ ବେଆଇନ୍ ଭାବେ ଆସି ସାରା ଅଞ୍ଚଳକୁ ଚାଲାଣ କରାଯାଉଥିବା ସହ ଅଞ୍ଚଳରେ ଭ୍ରାମ୍ୟମାଣ ଗଞ୍ଜେଇ, ବ୍ରାଉନ୍‌ସୁଗାର ଓ ଭାଙ୍ଗ, ଫଳ ଗୁଣ୍ଡ ବେପାର ଜୋର୍‌ସୋର୍‌ରେ ଚାଲିଛି । ତେବେ ପୋଲିସ ଓ ଅବକାରୀ ବିଭାଗ କାର୍ଯ୍ୟାଳୟର ନାକ ତଳେ ବେଧଡକ୍ ନିଶା କାରବାର ଚାଲିଥିବା ବେଳେ କିଭଳି ବିଭାଗ ପାଖରେ ଏହାର କୌଣସି ଖବର ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷତଃ ଆଠଗଡ଼ ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ଅଳ୍ପ ଦୂରରେ ଥିବା ଷ୍ଟାଡିୟମ୍ ପଛ, ରାଧାଗୋବିନ୍ଦପୁର ପାୱାର୍ ଲୁମ ନିକଟ, କୁଲାଇଲୋ ତଳଗଡ଼ ଅଞ୍ଚଳ ସମେତ ଆଠଗଡ଼ ସହର, ଖୁଣ୍ଟୁଣୀ ଓ ତିଗିରିଆରେ ବହୁ ଗଳି କନ୍ଦିରେ ଏହି ବେଆଇନ୍ କାରବାର ଚାଲୁଛି । ଏ ବିଷୟରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ମୁଁ ନୂଆ ଆସିଛି ମୋତେ ସମୟ ଲାଗିବ ଏହାର ସୁଧାର ଆଣିବା ପାଇଁ ବୋଲି କହିଛନ୍ତି । ଆଠଗଡ଼ର କିଛି ସ୍ୱୀକୃତିପ୍ରାପ୍ତ ମଦ ଦୋକାନରେ ନକଲି ବିଦେଶୀ ମଦ କାରବାର ଚାଲିଥିବା ବେଳେ ହୋଲି ଓ ଯାତ୍ରା ସମୟରେ ଏହି ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ ବନ୍ଦ ଲାଗି ପ୍ରଶାସନ ନିଷ୍ପତ୍ତି ନେଇଛି । ତଥାପି କିଛି ନିର୍ଦ୍ଦିଷ୍ଟ ମଦ ଦୋକାନୀ ଲୁଚାଇ ମଦ ବ୍ୟବସାୟ ଚଳାଇଥିଲେ । ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଠଗଡ଼ର ବିଭିନ୍ନ ମହଲରୁ ଦାବି ହେଉଛି ।

## ‘ଖାଉଟିମାନେ ସଚେତନ ହେଲେ କଳାବଜାରୀ ଲୋପ ପାଇବ’




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଲିଗାଲ୍ ମେଟ୍ରଲୋଜିଙ୍କ ଆନୁକୂଲ୍ୟରେ ଇଣ୍ଡିଆ ଡେଭଲପମେଣ୍ଟ ପ୍ରୋଜେକ୍ଟ ଓ ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟର ମିଳିତ ଉଦ୍ୟମରେ ସଦର ବ୍ଲକ ମଣ୍ଡୁଆ ପଞ୍ଚାୟତ ସଭାଗୃହ ଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଆର୍‌ଆର୍‌ଓ ସମ୍ପାଦକ ପ୍ରସନ୍ନ ମିଶ୍ର ସଭାପତିତ୍ୱ କରିଥିଲେ । ଆଇଡିପି ସଭ୍ୟ ସମ୍ପାଦକ ଗୋକୁଳାନନ୍ଦ ଓଝା ସ୍ୱାଗତ ଭାଷଣ ଦେବା ସହିତ ଉପଭୋକ୍ତା ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ବିରଞ୍ଚି ନାରାୟଣ ପାତ୍ର ଯୋଗଦେଇ ଜିଲ୍ଲାରେ ଖାଉଟି ଆୟୋଗର କାର୍ଯ୍ୟ ଶୈଳୀ ସମ୍ବନ୍ଧରେ ବୁଝାଇଥିଲେ । ସରପଞ୍ଚ କେତକୀ ନାଏକ ଯୋଗଦେଇ ମହିଳା ସଶକ୍ତିକରଣ ତଥା ଖାଉଟି ଅଧିକାର ବିଷୟରେ ମତବ୍ୟକ୍ତ ରଖିଥିଲେ । ସମ୍ମାନିତ ଅତିଥି ମଣ୍ଡୁଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଭାଗିରଥି ନାଏକ ଯୋଗଦେଇ ଖାଉଟିମାନେ ସଚେତନ ହେଲେ କଳାବଜାରୀ ବନ୍ଦ ହେବ ବୋଲି ପରାମର୍ଶ ଦେଇଥିଲେ । ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସହକାରୀ ଯୋଗାଣ ଅଧିକାରୀ ସବ୍ୟସାଚୀ ବସ୍ତିଆ ଯୋଗଦେଇ ଖାଉଟି ମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ତାଙ୍କ ବିଭାଗର ବିଭିନ୍ନ ପଦକ୍ଷେପ ଦିଗରେ ଜଣାଇଥିଲେ । ଲିଗାଲ୍ ମେଟ୍ରଲୋଜିର ନିରୀକ୍ଷକ ହେମଲତା କିଶାନ ଯୋଗଦେଇ ବିଭିନ୍ନ ଓଜନ ଓ ମାପ ବିଜ୍ଞାନ ତଥା କେନ୍ଦୁଝର ଜିଲ୍ଲାରେ କିପରି କାର୍ଯ୍ୟକାରୀ ହେଉଛି ତାହା ବୁଝାଇଥିଲେ । ଏହି ଦିବସମରେ ନିରାପତ୍ତା ଅଧିକାର ତଥ୍ୟଗ୍ରହଣ ଏବଂ ଆଦାନ ପ୍ରଦାନ ଅଧିକାର, ଦ୍ରବ୍ୟ ମନନୋୟନର ଅଧିକାର, ଖାଉଟି ସଚେତନତା ଅଧିକାର, ଖାଉଟି ବିବାଦ ସମାଧାନର ଅଧିକାର ବିଷୟରେ ପ୍ରାଧାନ୍ୟ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ରାଜକିଶୋର ନାଏକ, ଅଜୟ ସାହୁ, ସନ୍ଧ୍ୟାରାଣୀ ନାଏକ, ସୀତା ନାଏକ ପ୍ରମୁଖ ପରିଚାଳନା କରିଥିଲେ ।



## ଗଞ୍ଜାମ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା:ଯୋଗଦେଲେ ୮୦ କମ୍ପାନୀ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ଷ୍ଟାଡିୟମ୍‌ରେ ଶୁକ୍ରବାର ଗଞ୍ଜାମ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଉଦ୍‌ଘାଟନ କରିଥିଲେ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୮୦ରୁ ଅଧିକ ଘରୋଇ କମ୍ପାନୀ ଅଂଶଗ୍ରହଣ କରିଥିଲେ । ଏଥିରେ ୫ ହଜାର ଆଶାୟୀ ବେକାର ଯୁବକ, ଯୁବତୀମାନେ ପଞ୍ଜିକରଣ କରିଥିଲେ । ଏହି ନିଯୁକ୍ତି ମେଳାରେ ୧୫୦ ଜଣ ପିଲାଙ୍କୁ ଚୟନ କରାଯାଇ ସେମାନଙ୍କୁ ଜିଲ୍ଲାପାଳ ନିଯୁକ୍ତି ପତ୍ର ଦେଇଥିଲେ । ଜିଲ୍ଲାପାଳ କହିଛନ୍ତି ଯେ ଏହା ସଫଳ ଆୟୋଜନ ହୋଇଥିଲା ଏବଂ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ ଫଳରେ ବେକାର ଯୁବତୀ ଓ ଯୁବକ ଉପକୃତ ହୋଇପାରିବେ । ଏହି ମେଳା ଜରିଆରେ ୧ ହଜାର ପିଲାଙ୍କୁ ନିଯୁକ୍ତି ମିଳିବ ସେ ନେଇ ଉଦ୍ୟମ କରାଯାଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏଥିସହ ପିଲା ମାନଙ୍କ ଦକ୍ଷତା ବିକାଶ ପାଇଁ ଆଗାମୀ ଦିନରେ ଏସମ୍ପର୍କୀୟ ତାଲିମ୍ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ମେଳାରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ୍ ଗୁଡିକ ବୁଲି ଜିଲ୍ଲାପାଳ ଦେଖିଥିଲେ । ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ପ୍ରମୁଖ ଉପସ୍ଥିତ ଥିଲେ ।

## ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତରେ ଥିବା ଗୋବରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅମ୍ବିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସ୍ୱାଇଁ, ଅଲେଖ ସେଠୀ, ଇନ୍ଦ୍ରମଣି ସ୍ୱାଇଁ, ଚିତ ରଂଜନ ମିଶ୍ର, ରାଜେନ୍ଦ୍ରନାଥ ମିଶ୍ର, ଗଜେନ୍ଦ୍ର ମିଶ୍ର, ଅକ୍ଷୟ କୁମାର ନାଥ ପ୍ରମୁଖ ଯୋଗଦେଇ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଏହାର ଉପାଦେୟତା ଉପରେ ଅବଗତ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଗଞ୍ଜାମ ଜିଲ୍ଲାରେ ସଡ଼କ ଦୁର୍ଘଟଣା ୧୦% ବୃଦ୍ଧି

# ୧୬ନଂ ଜାତୀୟ ରାଜପଥରେ ଘଟୁଛି ସର୍ବାଧିକ ଦୁର୍ଘଟଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ୨୦୨୪ ମସିହାରେ ସଡ଼କ ଦୁର୍ଘଟଣା ୧୦ ପ୍ରତିଶତ ବଢୁଛି । ତେବେ ମୃତ୍ୟୁ ସଂଖ୍ୟା ୩ ପ୍ରତିଶତ କମିଛି । ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ନେଇ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଆଲୋଚନା ହେଉଛି । କିନ୍ତୁ ତାହା ଯେପରି ଫଳପ୍ରଦ ହେବା କଥା ହେଉନାହିଁ । ବିଶେଷ କରି ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ ଟ୍ରମା କେୟାର ସେଣ୍ଟର ନେବା ପାଇଁ ବ୍ୟବସ୍ଥାର ଅଭାବ ରହିଛି । ଜିଲ୍ଲାରେ କେବଳ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଗୋଟିଏ ସେଣ୍ଟର ରହିଛି । ଅପରପକ୍ଷରେ ରାଜପଥ କଡ଼ରେ ଥିବା ଖଲ୍ଲିକୋଟ ଏବଂ ଜିଲ୍ଲାର ଅନ୍ୟ ଦୁଇ ପ୍ରମୁଖ ସ୍ଥାନ ଆସିକା ଓ ଭଞ୍ଜନଗରରେ ଟ୍ରମା କେୟାର ସେଣ୍ଟର ଖୋଲିବା ପ୍ରସ୍ତାବ ଦୀର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ନିକଟକୁ ଯାଇ ଶୀତଳ ଭଣ୍ଡାରରେ ପଡ଼ି ରହିଛି । ଆସିକା ଓ ଭଞ୍ଜନଗର ସ୍ୱାସ୍ଥ୍ୟକେନ୍ଦ୍ର ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ପାଇଛି । ଅଥଚ ସେଠି ଏଯାବତ୍ ଟ୍ରମା କେୟାର ସେଣ୍ଟର ଖୋଲିପାରିନି । ଫଳରେ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ ଯେକୌଣସି ସ୍ଥାନରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଆଣିବା ବାଟରେ ସେମାନେ ପ୍ରାଣ ହରାଉଛନ୍ତି । ଏଭଳି କେନ୍ଦ୍ର ଖୋଲିବା ଦାୟିତ୍ୱ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଉପରେ ନ୍ୟସ୍ତ । ଏହାର ଜିଲ୍ଲା ଦାୟିତ୍ୱରେ ରହିଛନ୍ତି ଏମ୍‌କେସିଜି ଡିନ୍ । ତେବେ ଏହି ସେଣ୍ଟର ସ୍ଥିତି ନେଇ ଆଞ୍ଚଳିକ ପରିବହନ ବିଭାଗ ନିକଟରେ କୌଣସି ସୂଚନା ନଥିବା କହିଛନ୍ତି ବରିଷ୍ଠ ଏମ୍‌ଭିଆଇ ରବୀନ୍ଦ୍ର କୁମାର ଜେନା । ଭାରିଯାନ ଚଳାଚଳ ଦୃଷ୍ଟିରୁ ଅନ୍ୟାନ୍ୟ ଯାତ୍ରୀଙ୍କ ନିରାପତା ସକାଶେ ରାଜପଥ ଉପରେ ଓଭରବ୍ରିଜ୍ ପାଇଁ ଟେଣ୍ଡର କରାଯିବା କଥା କହୁଛି ଜାତୀୟ ରାଜପଥ ପ୍ରାଧିକରଣ । କିନ୍ତୁ ପରିବହନ ବିଭାଗକୁ ସେ ବାବଦରେ କୌଣସି ସୂଚନା ଦିଆଯାଇ ନଥିବା କହିଛନ୍ତି ଏମ୍‌ଭିଆଇ । ଆର୍‌ଟିଓ ହେଉଛନ୍ତି ସଡ଼କ ସୁରକ୍ଷା କମିଟିର ନୋଡ଼ାଲ୍ ଅଧିକାରୀ, ଜିଲ୍ଲାପାଳ ତାର ଅଧ୍ୟକ୍ଷ । ତେବେ କମିଟି ସଦସ୍ୟ ଥିବା ଅନ୍ୟ ବିଭାଗ ସହଯୋଗ ନକଲେ କିପରି ସଡ଼କ ସୁରକ୍ଷା ନିଶ୍ଚିତ ହୋଇପାରିବ ଏବଂ ଦୁର୍ଘଟଣା ତଥା ମୃତ୍ୟୁ ସଂଖ୍ୟା କମିବ ତାହା ପ୍ରଶ୍ନବାଚୀ । ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି ପରିବହନ ବିଭାଗ ମନ୍ତ୍ରୀ । ଏଣୁ ରାଜପଥରେ ସୁରକ୍ଷିତ ପରିବହନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନିଆଗଲେ ଉଭୟ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତବ୍ୟକ୍ତ କରୁଛନ୍ତି । କେବଳ କିଛି ଦୁର୍ଘଟଣାପ୍ରବଣ ଅଞ୍ଚଳ (ବ୍ଲାକ ସ୍ପଟ୍ ) ଚିହ୍ନଟ କରାଯାଇଛି । ତେବେ ବ୍ୟାପକ ପଦକ୍ଷେପ ଅଭାବରୁ ଏବେବି ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ୨୦୨୩ରେ ଜିଲ୍ଲାରେ ସଡ଼କ ଦୁର୍ଘଟଣା ସଂଖ୍ୟା ୭୪୦ ଥିବାବେଳେ ୨୦୨୪ରେ ୮୧୮କୁ ବୃଦ୍ଧି ପାଇଛି । ୨୦୨୩ରେ ମୃତ୍ୟୁ ସଂଖ୍ୟା ୪୦୫ ଥିବାବେଳେ ଗତବର୍ଷ ତାହା ୩୯୧କୁ ହ୍ରାସ ପାଇଛି । ବିଶେଷ କରି ଜାତୀୟ ରାଜପଥ ୧୬ (ଖୋର୍ଦ୍ଧ ଜିଲ୍ଲା ସୀମା ନାରାୟଣୀ ଛକରୁ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଗୋଳନ୍ଥରା), ଜାତୀୟ ରାଜପଥ ୫୯ (ଜଗନ୍ନାଥପୁର ଜଙ୍କ୍‌ସନ୍‌ରୁ ବ୍ରହ୍ମପୁର ଦେଇ ଆସିକା) ଜାତୀୟ ରାଜପଥ ୩୨୬ (ବ୍ରହ୍ମପୁରରୁ ଦିଗପହଣ୍ଡି) ସଂଲଗ୍ନ ସମସ୍ତ ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ରିପୋର୍ଟ ଆସିଛି । ସର୍ବାଗ୍ରେ ରହିଛି ଗୋଳନ୍ଥରା ଥାନା । ଏହି ଥାନା ଅନ୍ତର୍ଗତ ୬ଟି ବ୍ଲାକ୍ ସ୍ପଟ୍‌ରେ ୨୧ଟି ଦୁର୍ଘଟଣା ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଛି । ତା ପଛକୁ ରହିଛି ରମ୍ଭା, ଖଲ୍ଲିକୋଟ ଓ ଚମାଖଣ୍ଡି ଥାନା । ରମ୍ଭା ଥାନା ଅଧୀନରେ ୮ଟି ବ୍ଲାକ୍ ସ୍ପଟରେ ୧୬ ଦୁର୍ଘଟଣାରେ ୧୬ ଜଣ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ୫ଟି ବ୍ଲାକ୍ ସ୍ପଟ୍‌ରେ ୧୨ ଦୁର୍ଘଟଣା ଘଟି ୧୬ ଜଣ ଏବଂ ଚମାଖଣ୍ଡି ଥାନାରେ ୬ଟି ବ୍ଲାକ ସ୍ପଟ୍‌ରେ ୧୮ଟି ଦୁର୍ଘଟଣାରେ ୧୬ ଜଣଙ୍କ ଜୀବନ ଯାଇଛି । ହିଞ୍ଜିଳିକାଟୁ ଥାନାର ୪ ବ୍ଲାକ୍ ସ୍ପଟ୍‌ରେ ୧୧ ଦୁର୍ଘଟଣା ଓ ୧୮ ମୃତ୍ୟୁ, ବ୍ରହ୍ମପୁର ଟ୍ରାଫିକ୍ ଥାନର ୩ଟି ସ୍ପଟ୍‌ରେ ୯ ଦୁର୍ଘଟଣା ଓ ୧୧ ମୃତ୍ୟୁ, ପାଟପୁର ଥାନାର ୩ଟି ବ୍ଲାକ୍ ସ୍ପଟ୍‌ରେ ୮ ଦୁର୍ଘଟଣା ଓ ୯ ମୃତ୍ୟୁ, ବ୍ରହ୍ମପୁର ସଦର ଥାନାର ୩ଟି ବ୍ଲାକ୍ ସ୍ପଟ୍‌ରେ ୫ ଦୁର୍ଘଟଣା ଓ ୮ ମୃତ୍ୟୁ, ଆସିକା ଥାନାର ୩ଟି ବ୍ଲାକ୍ ସ୍ପଟ୍‌ରେ ୮ ଦୁର୍ଘଟଣା ଓ ୮ ମୃତ୍ୟୁ ଘଟିଛି । ସେହିପରି ଭଞ୍ଜନଗର ଥାନାର ୨ଟି ସ୍ପଟ୍‌ରେ ୪ ଦୁର୍ଘଟଣା ଓ ୬ ମୃତ୍ୟୁ, ଛତ୍ରପୁର ଥାନାର ୩ଟି ସ୍ଥାନରେ ୫ ଦୁର୍ଘଟଣା ଓ ୪ ମୃତ୍ୟୁ, ସୋରଡ଼ା ଥାନାର ୨ଟି ସ୍ଥାନରେ ୩ ଦୁର୍ଘଟଣା ଓ ୪ ମୃତ୍ୟୁ, ଦିଗପହଣ୍ଡି ଥାନାର ଗୋଟିଏ ବ୍ଲାକ୍ ସ୍ପଟ୍‌ରେ ୩ ଦୁର୍ଘଟଣା ଓ ୪ ମୃତ୍ୟୁ, ଗାଙ୍ଗପୁର ଥାନାର ଗୋଟିଏ ସ୍ପଟ୍‌ରେ ୨ଟି ଦୁର୍ଘଟଣା ଘଟି ୩, ଗୋପାଳପୁର ଥାନାର ୨ଟି ସ୍ପଟ୍‌ରେ ୩ ଦୁର୍ଘଟଣାରେ ୩ ଜଣ ଏବଂ ଜରଡ଼ା ଥାନାରେ ଗୋଟିଏ ବ୍ଲାକ୍ ସ୍ପଟ୍‌ରେ ୨ ଦୁର୍ଘଟଣା ଘଟି ୨ ଜଣ ପ୍ରାଣ ହରାଇଥିବା ରିପୋର୍ଟ ହୋଇଛି ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୪ ମାର୍ଚ୍ଚ, ସୋମବାର, ୨୦୨୫


# ମୁମ୍ବାଇ ଇଣ୍ଡିଆନ୍ସ୍‌କୁ ୪ ୱିକେଟ୍‌ରେ ହରାଇଲା ଚେନ୍ନାଇ ସୁପର କିଙ୍ଗସ



**ନୂଆଦିଲ୍ଲୀ**

ରଚିନଙ୍କ ମ୍ୟାଚ୍ ବିଜୟୀ ଇନିଂସରେ ଚେନ୍ନାଇ ମାରିଲା ବାଜି, ମୁମ୍ବାଇର ପରାଜୟ ଧାରା ଜାରି

ଆଇପିଏଲ୍ ୨୦୨୫ର ତୃତୀୟ ମ୍ୟାଚ୍‌ରେ ବାଜି ମାରି ନେଇଛି ଚେନ୍ନାଇ ସୁପର କିଙ୍ଗ୍‌ସ । ରୋମାଞ୍ଚକର ମୁକାବିଲାରେ ସିଏସକେ ୪ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଅନ୍ୟପଟେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚ୍ ହାରିବାର ପରମ୍ପରାକୁ ବଜାୟ ରଖିଛି । ମୁମ୍ବାଇ ଲଗାତାର ୧୧ତମ ଥର ନିଜର ପ୍ରଥମ ମ୍ୟାଚରେ ପରାଜୟର ସ୍ୱାଦ ଚାଖିଛି । ଚେନ୍ନାଇ ବିଜୟରେ ରଚିନ ରବୀନ୍ଦ୍ର ହିରୋ ସାଜିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୯ ୱିକେଟ୍ ହରାଇ ୧୫୫ ରନ କରିଥିଲା । ଦଳ ପକ୍ଷରୁ ତିଲକ ବର୍ମା ୩୧, ସୂର୍ଯ୍ୟକୁମାର ଯାଦବ ୨୯ ରନ ଓ ଦୀପକ ଚହର ଅପରାଜିତ ୨୮ ରନ କରିଥିଲେ । ଜବାବରେ ଚେନ୍ନାଇ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି । ରଚିନ ରବୀନ୍ଦ୍ର ସର୍ବାଧିକ ୬୫ ରନର୍ ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି । ଅଧିନାୟକ ଋତୁରାଜ ଗାଏକ୍ୱାଡ ୫୩ ରନର ବିସ୍ଫୋରକ ବ୍ୟାଟିଂ କରିଛନ୍ତି ।

୧୫୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇର ଆରମ୍ଭ ମଧ୍ୟ ନିରାଶ ଜନକ ଥିଲା । ରାହୁଲ ତ୍ରିପାଠୀ(୨ ରନ)ଙ୍କ ରୂପେ ସିଏସକେ ପ୍ରଥମ ୱିକେଟ୍ ହରାଇଥିଲା । ଏହା ପରେ ରଚିନ ରବୀନ୍ଦ୍ର ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ଜବରଦସ୍ତ ବ୍ୟାଟିଂ କରିଥିଲେ । ଉଭୟ ଦ୍ରୁତ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ ପାଇଁ ୬୭ ରନ ଯୋଡି ବିଜୟର ମୂଳଦୁଆ ପକାଇଥିଲେ । ହେଲେ ଏହି ଯୋଡି ଭାଙ୍ଗିବା ପରେ ମ୍ୟାଚ୍ ରୋଚକ ମୋଡ ନେଇଥିଲେ । ଅଧିନାୟକ ଗାଏକ୍ୱାଡ ଧୂଆଁଧାର ବ୍ୟାଟିଂ କରି ମାତ୍ର ୨୬ ବଲରୁ ୬ ଚୌକା ଓ ୩ ଛକା ସହ ୫୩ ରନ କରିଥିଲେ ।

ଏହା ପରେ ଚେନ୍ନାଇ ନିୟମିତ ୱିକେଟ୍ ହରାଇବାରୁ ଏକ ତରଫା ଯାଉଥିବା ମ୍ୟାଚ ରୋମାଞ୍ଚକର ରୂପ ନେଇଥିଲା । ଗୋଟିଏ ପଟେ ରଚିନ ରବୀନ୍ଦ୍ର ଇନିଂସ ସମ୍ଭାଳିଥିବା ବେଳେ ଅନ୍ୟପଟେ ଶିବମ ଦୁବେ(୯), ଦୀପକ ହୁଡ୍ଡା(୩) ଓ ସାମ କରନ(୪) ନିରାଶ କରିଥିଲେ ।

ଏହା ପରେ ରଚିନ ରବୀନ୍ଦ୍ର ଓ ଅନୁଭବୀ ରବୀନ୍ଦ୍ର ଜାଡେଜା ନିଜ ଖ୍ୟାତି ଅନୁରୂପ ବ୍ୟାଟିଂ କରିଥିଲେ । ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ, ରଚିନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଛନ୍ତି । ଜାଡେଜା ୧୭ ରନ କରି ଆଉଟ୍ ହୋଇଥିଲେ । ରଚିନ ୪୫ ବଲରୁ ୨ ଚୌକା ଓ ୪ ଛକା ସହ ୬୫ ରନରେ ଅପରାଜିତ ଥିଲେ । ଏହି ବାମହାତୀ ବ୍ୟାଟର ଛକା ମାରି ଦଳକୁ ୧୯.୧ ଓଭରରେ ଜିତାଇଛନ୍ତି ।

# ଇଶାନ୍ ଧୂଆଁଧାର ଶତକ : ବିଜୟରୁ ସିଜିନ ଆରମ୍ଭ କଲା ଏସଆରଏଚ



**ହାଇଦ୍ରାବାଦ**

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଅପରାହ୍ଣରେ ରାଜସ୍ଥାନ ରୟାଲ୍ସ (ଆରଆର) ବିପକ୍ଷରେ ଖେଳାଯାଇ ଥିବା ହାଇ ସ୍କୋରିଂ ଆଇପିଏଲ୍ ମ୍ୟାଚ୍‌କୁ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ୪୪ ରନରେ ଜିତି ନେଇଛି ।

ଇଶାନ କିଶନଙ୍କ ଅପରାଜିତ ଶତକ ବଳରେ ହାଇଦ୍ରାବାଦ ଦ୍ୱାରା ପ୍ରଦତ୍ତ ୨୮୭ ରନର ଟାର୍ଗେଟ ଆଗରେ ରାଜସ୍ଥାନ ୬ ଉଇକେଟ୍ ହରାଇ ୨୪୨ ରନ କରିବାକୁ ସକ୍ଷମ ହୋଇଥିଲା । ବିସ୍ଫୋରକ ଶତକ ହାସଲ କରିଥିବା କିଶନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୮୬ ରନ କରିଥିଲା । ଆଇପିଏଲ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର । ଦଳ ପକ୍ଷରୁ ଇଶାନ ୪୭ ବଲରେ ୧୦୬ ରନର ବିସ୍ଫୋରକ ଇନିଂସ ଖେଳି ଅପରାଜିତ ରହିଥିଲେ । ତାଙ୍କ ପାଳିରେ ୧୧ ଚୌକା ଓ ୬ ଛକା ସାମିଲ ଥିଲା । ତାଙ୍କୁ ଟ୍ରାଭିସ ହେଡ୍ ୩୧ ବଲରେ ୯ ଚୌକା ଓ ୩ ଛକା ସହାୟତାରେ ୬୭ ରନ କରି ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହେନରିଚ କ୍ଲାସେନ ୩୪, ନୀତିଶ ରେଡ୍ଡୀ ୩୦ ଓ ଅଭିଷେକ ଶର୍ମା । ୨୪ ରନ କରିଥିଲେ । ରାଜସ୍ଥାନ ଲାଗି ତୁଷାର ଦେଶପାଣ୍ଡେ ୩ଟି, ମହେଶ ଥିକସାନା ୨ଟି ଓ ସନ୍ଦୀପ ଶର୍ମା ଗୋଟିଏ ଉଇକେଟ୍ ନେଇଥିଲେ ।

ଜବାବରେ ରାଜସ୍ଥାନ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଯଶସ୍ୱୀ ଜୟସ୍ୱାଲ, ଅଧିନାୟକ ରିୟାନ ପରାଗ ଓ ନୀତିଶ ରେଡ୍ଡୀଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ଏଭଳି ପରିସ୍ଥିତିରେ ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ ଚତୁର୍ଥ ଉଇକେଟରେ ୫୯ ବଲରେ ୧୧୧ ରନ ଯୋଡ଼ି ଥିଲେ । ସାମସନ ୩୭ ବଲରେ ୭ ଚୌକା ଓ ୪ ଛକା ସହିତ ୬୬ ଏବଂ ଜୁରେଲ ୩୫ ବଲରେ ୫ ଚୌକା ଓ ୬ ଛକା ସହିତ ୭୦ ରନ କରି ଆଉଟ ହୋଇଥିଲେ । ଇନିଂସ ଶେଷ ଆଡ଼କୁ ଶିମରନ ହେଟମାୟର ୨୩ ବଲରେ ୧ ଚୌକା ଓ ୪ ଛକା ସହିତ ୪୨ ଓ ଶୁଭମ ଦୁବେ ୧୧ ବଲରେ ୧ ଚୌକା ଓ ୪ ଛକା ସହିତ ୩୪ ରନ କରିଥିଲେ । ହେଲେ ତାହା ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା । ସନରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ହର୍ଷଲ ପଟେଲ ଓ ସିମରଜିତ ସିଂ ଦୁଇଟି ଲେଖାଏଁ ଉଇକେଟ୍ ନେଇଥିଲେ ।

# ସନ୍ନ୍ୟାସକୁ ନେଇ ବଡ଼ ଘୋଷଣା କଲେ ଏମ୍‌ଏସ୍ ଧୋନୀ

**ନୂଆଦିଲ୍ଲୀ**

ପ୍ରତିବର୍ଷ କ୍ରିକେଟପ୍ରେମୀମାନେ ଆଇପିଏଲ୍‌କୁ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି । ଏହାର ସବୁଠାରୁ ବଡ଼ କାରଣ ମଧ୍ୟ ହେଉଛନ୍ତି ଏମ୍‌ଏସ୍ ଧୋନୀ । ସେ ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ । ଏବେ ସେ କେବଳ ଆଇପିଏଲରେ ଖେଳୁଥିବାର ନଜର ଆସୁଛନ୍ତି । ଏହା ଆଇପିଏଲରେ ତାଙ୍କର ୧୮ତମ ସିଜିନ । ତେବେ ସିଜିନ ଆରମ୍ଭ ହେବା ପୂର୍ବରୁ ଧୋନୀ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିବା ସହିତ ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି ।



ଆଇପିଏଲରେ ଗତ ୨-୩ ବର୍ଷ ଧରି ଧୋନୀଙ୍କୁ ଶେଷ ଥର ପାଇଁ ଏହି ଲିଗ୍‌ରେ ଖେଳୁଥିବା ଦେଖାଯାଇ ପାରେ ବୋଲି ଚର୍ଚ୍ଚା ହୋଇ ଆସୁଛି । ଗତ ସିଜିନରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା । କିନ୍ତୁ ସେ ସିଜିନ ଶେଷ ସୁଦ୍ଧା ସେହି ରିପୋର୍ଟ ଗୁଡ଼ିକୁ ଖାରଜ କରିଦେଇଥିଲେ । ସେ ବର୍ତ୍ତମାନ ୪୩ ବର୍ଷ ବୟସର ଏବଂ ଏହି ସିଜନର ସବୁଠାରୁ ବୟସ୍କ ଖେଳାଳି ମଧ୍ୟ । ଏପରି ପରିସ୍ଥିତିରେ ପୁଣିଥରେ ପ୍ରଶ୍ନ ଉଠୁଛି ଯେ ଏହା କ'ଣ ଧୋନିଙ୍କର ଆଇପିଏଲର ଶେଷ ସିଜିନ? ଏବେ ଆରମ୍ଭରୁ ଧୋନି ଏନେଇ ବଡ଼ ଘୋଷଣା କରିଛନ୍ତି ।

ଜିଓହଟ୍‌ଷ୍ଟାର ସହିତ ଏକ ସାକ୍ଷାତକାରରେ ଏମଏସ ଧୋନି ଅବସର ନେଇ ଏକ ବଡ଼ ବୟାନ ଦେଇଛନ୍ତି । ତାଙ୍କ ବୟାନରୁ, ଏହା ବିଶ୍ୱାସ କରାଯାଉଛି ଯେ ସେ ଭବିଷ୍ୟତରେ ମଧ୍ୟ ଆଇପିଏଲରେ ଖେଳିବା ଜାରି ରଖିବେ । କାରଣ ଧୋନୀ କହିଛନ୍ତି ଯେ ସେ ଯେପର୍ଯ୍ୟନ୍ତ ଚାହିଁବେ ସେପର୍ଯ୍ୟନ୍ତ ସିଏସକେ ପାଇଁ ଖେଳିବେ । କାରଣ ଏହା ତାଙ୍କର ନିଜର ଦଳ । ଏମଏସ ଧୋନି କହିଥିଲେ, 'ମୁଁ ଯେପର୍ଯ୍ୟନ୍ତ ଚାହିଁବି ସେପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିପାରିବି ।' ଏହା ମୋର ଫ୍ରାଞ୍ଚାଇଜ । ଯଦିଓ ମୁଁ ହ୍ୱିଲ୍ ଚେୟାରରେ ଥାଏ, ସେବେ ବି ସିଏସ୍‌କେ ମୋତେ ଟାଣି ନେଇ ଆସିବ ।

ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ଋତୁରାଜ ଗାୟକ୍ୱାଡ୍ ମଧ୍ୟ ଧୋନୀଙ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଧୋନୀଙ୍କୁ ଲିଗ୍‌ରେ ଖେଳିବାକୁ ଆହୁରି ଅନେକ ବର୍ଷ ବାକି ଅଛି । ସେ ସଚିନ ତେନ୍ଦୁଲକରଙ୍କ କଥା ଉଠାଇ ଏହା କହିଥିଲେ । ଗାୟକ୍ୱାଡ କହିଥିଲେ, 'ଯଦି ତୁମେ ଦେଖୁଛ ସଚିନ ତେନ୍ଦୁଲକର ୫୦ ବର୍ଷ ବୟସରେ ମଧ୍ୟ ବହୁତ ଭଲ ବ୍ୟାଟିଂ କରୁଛନ୍ତି ।' ତେଣୁ ଧୋନୀଙ୍କ ପାଇଁ ଆହୁରି ଅନେକ ବର୍ଷ ବାକି ଅଛି ।

# କଟକ ବାରବାଟୀରେ ପୁଣି ଖେଳାଯିବ ହାଇଭୋଲ୍‌ଟେଜ୍ ମ୍ୟାଚ୍ !

**କଟକ**

କଟକ ବାରବାଟୀ ଷ୍ଟାଡିୟମରେ ପୁଣି ଖେଳାଯିବ ହାଇଭୋଲ୍‌ଟେଜ୍ ମ୍ୟାଚ୍ । ଚଳିତ ବର୍ଷ ନଭେମ୍ବର-ଡିସେମ୍ବର ମାସରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ୫ଟି ଏବଂ ୩ଟି ଦିନିକିଆ ମ୍ୟାଚର ଏକ ସିରିଜ ଖେଳାଯିବ । ଏହା ବ୍ୟତୀତ ଭାରତକୁ ଅଷ୍ଟ୍ରେଲିଆ, ବାଂଲାଦେଶ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ମଧ୍ୟ ସିରିଜ ଖେଳିବାକୁ ପଡିବ ।

ଡିସେମ୍ବର ୯ରେ ବାରବାଟୀରେ ହେବ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ । ଦକ୍ଷିଣ ଆଫ୍ରିକା ବିରୋଧରେ ଖେଳାଯିବ ଟି-ଟ୍ୱେଣ୍ଟି ମ୍ୟାଚ୍ । ୫ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯିବ । ଏନେଇ ଏକ ୱେବ୍‌ସାଇଟ୍‌ରେ ସମ୍ଭାବ୍ୟ ମ୍ୟାଚ୍ ସୂଚୀ ପ୍ରକାଶ ପାଇଛି । ଯଦିଓ ବିସିସିଆଇ ପକ୍ଷରୁ କୌଣସି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ନାହିଁ କିନ୍ତୁ ଯଦି



ଏହା ସତ ହୁଏ ତେବେ ବାରବାଟି ଇତିହାସ ରଚିବ । ଗୋଟିଏ ବର୍ଷରେ ଦୁଇଟି ଆନ୍ତଃ ରାଷ୍ଟ୍ରୀୟ ମ୍ୟାଚ୍ ଆୟୋଜନ କରିବାରେ ଏହା ପ୍ରଥମ ଥର ହେବ ।

ସେହିଭଳି ବାରବାଟି ଫ୍ଲଡ୍ ଲାଇଟ୍ ବିଭ୍ରାଟ ପରେ ବାରବାଟିରେ ମ୍ୟାଚ୍ ଆୟୋଜନକୁ ନେଇ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହାର ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିବ । ଏହି ଖବର ପାଇବା ପରେ କ୍ରିକେଟ ପ୍ରେମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଯଦି ବିସିସିଆଇ କଟକକୁ ମ୍ୟାଚ୍ ଦିଏ ତେବେ ଅନେକ ଜୁନିଅର ଖେଳାଳିମାନେ ଅଧିକ ଉତ୍ସାହିତ ହେବେ ବୋଲି କହିଛନ୍ତି ପୂର୍ବତନ ରଣଜୀ ଖେଳାଳି ।

ତେବେ ଏନେଇ ଯଦିଓ ବିସିସିଆଇ ପକ୍ଷରୁ କୌଣସି ଔପଚାରିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ କିନ୍ତୁ ବାରବାଟୀରେ ମ୍ୟାଚ୍ କରିବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ଅଧିକ ମ୍ୟାଚ୍ ଦେବା ପାଇଁ ନିବେଦନ କରାଯାଇଥିଲା । ଏବେ ଯାଏଁ ଆମ ପାଖକୁ ବିସିସିଆଇ ପକ୍ଷରୁ କୌଣସି ସୂଚନା ଆସିନାହିଁ । ଯଦି ମ୍ୟାଚ୍ ଆସିବ ତେବେ ସୋମବାର ଆମ ପାଖକୁ ଅଫିସିଆଲ୍ ଖବର ଆସିବ ବୋଲି ସୂଚନା ଦେଇଛନ୍ତି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀ ୯ ତାରିଖରେ ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳା ଯାଇଥିଲା । ଏହା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ଥିଲା । ଏହି ମ୍ୟାଚକୁ ଭାରତ ଜିତି ନେଇଥିଲେ ହେଁ, ବାରବାଟୀରେ ଫ୍ଲଡ୍‌ଲାଇଟ୍ ବିଭ୍ରାଟ ଓସିଏ, ଓଡ଼ିଶା ଓ ବିସିସିଆଇକୁ କ୍ରିକେଟ୍ ଜଗତରେ ଲଜ୍ଜିତ ହେବାକୁ ପଡ଼ିଥିଲା । ଭାରତ ଇନିଂସ ଆରମ୍ଭରୁ କ୍ଲକ୍ ଟାୱାର ନିକଟ ଫ୍ଲଡ୍ ଲାଇଟ୍ ଲିଭି ଯିବାରୁ ଖେଳ ପ୍ରାୟ ୩୦ ମିନିଟ୍ ବନ୍ଦ ରହିଥିଲା ।

# ଶିଖ୍ ରୀତିନୀତିରେ ବିବାହ କଲେ ହକି ଖେଳାଳି ମନଦୀପ ଓ ଉଦିତା

**ମୁମ୍ବାଇ**

ଭାରତୀୟ ପୁରୁଷ ହକି ଦଳର ମନଦୀପ ସିଂହ ଓ ମହିଳା ଟିମ୍‌ର ଉଦିତା କୌର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଉଭୟ ଶିଖ୍ ରୀତିନୀତିରେ ବିବାହ କରିଥିଲେ । ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ପଞ୍ଜାବ ଜଳନ୍ଧର ମଡେଲ ଟାଉନ ସ୍ଥିତ ଶ୍ରୀ ଗୁରୁଦ୍ୱାରରେ ପରିବାର



ଲୋକଙ୍କ ଉପସ୍ଥିତିରେ ଏହି ବିବାହ ସମ୍ପନ୍ନ ହୋଇଛି । ଏବେ ହକି ଇଣ୍ଡିଆ ସୋସିଆଲ ମିଡିଆ ଏକ୍ସରେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଜଳନ୍ଧର ବାସିନ୍ଦା ମନଦୀପ ଓ ହରିୟାଣା ହିସାରର ଉଦିତା ଦୀର୍ଘ ଦିନ ହେବ ପରସ୍ପର ସହ ପ୍ରେମ ସମ୍ପର୍କରେ ଥିଲେ । ୭ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ମନଦୀପ ଓ ଉଦିତାଙ୍କ ପ୍ରେମ କାହାଣୀ । ୨୦୧୮ରେ ଏସିଆ ଗେମ୍ସରେ ପରସ୍ପରକୁ ମନ ଦେଇ ବସିଥିଲେ । ଧୀରେଧୀରେ ବନ୍ଧୁତା ପ୍ରେମର ପରିଣତ ହୋଇଥିଲା । ଏହା ପରେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ଏବେ ଦୁହେଁ ସାତ ଜନ୍ମର ସାଥୀ ହୋଇଛନ୍ତି ।

ହିସାର ଜିଲ୍ଲାର ନଙ୍ଗଲ ଗାଁର ବାସିନ୍ଦା ଉଦିତା । ୧୪ ଜାନୁୟାରୀ ୧୯୯୮ ରେ ଜନ୍ମଗ୍ରହଣ କରିଥିଲେ । ସେ ହ୍ୟାଣ୍ଡବଲ୍ ସହିତ ନିଜର କ୍ରୀଡ଼ା କ୍ୟାରିୟର ଆରମ୍ଭ କରିଥିଲେ । ପରେ ସେ ହକିକୁ ଆପଣାଇ ଥିଲେ । ୨୦୧୭ରେ ସିନିୟର ଦଳରେ ଡେବ୍ୟୁ କରିବା ପରେ ଉଦିତା ଅନେକ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଟିମ୍ ପାଇଁ ପ୍ରଦର୍ଶନ କରିଥିଲେ । ୨୦୧୮ରେ ଏସୀୟ ଗେମ୍ସରେ ରୌପ୍ୟ ପଦକ, ୨୦୨୨ କମନୱେଲଥ ଗେମ୍ସରେ ବ୍ରୋଞ୍ଜ ପଦକ ଏବଂ ୨୦୨୩ ଏସୀୟ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ ।

# ହାଇକୋର୍ଟ ବିଚାରପତି ଓ ଆଇନଜୀବୀ ଖେଳିଲେ କ୍ରିକେଟ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ବାରବାଟୀ ଷ୍ଟାଡିୟମରେ ହାଇକୋର୍ଟ ବିଚାରପତି ଓ ଆଇନଜୀବୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି । ହାଇକୋର୍ଟ କାର୍ଯ୍ୟକାରୀ ବିଚାରପତି ଏକାଦଶ ଓ ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଏକାଦଶ ମଧ୍ୟରେ ଆୟୋଜିତ ଏହି ମ୍ୟାଚ୍‌ରେ ଆଇନଜୀବୀ ଏକାଦଶ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ବିଚାରପତି ଏକାଦଶ ୨୨ ଓଭରରେ ୧୩୫ ରନ୍ କରିଥିବା ବେଳେ, ବାର୍ ଆସୋସିଏସନ୍ ସଭାପତି ଏକାଦଶ ୨୨ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା ।

# ସଂଘର୍ଷମୟ ଜୀବନ ପରେ ଆଇପିଏଲରେ ଚମକିବାକୁ ପ୍ରସ୍ତୁତ ଅନିକେତ ବର୍ମା

**ନୂଆଦିଲ୍ଲୀ**

ଆଇପିଏଲ ଅନେକ ଖେଳାଳିଙ୍କ ଭାଗ୍ୟ ବଦଳାଇଛି । ପ୍ରତିବର୍ଷ ଭାରତର ଅନେକ ଯୁବ ଖେଳାଳି ଏହି ଲିଗ୍‌ରେ ଖେଳିବାର ସୁଯୋଗ ପାଆନ୍ତି । କିନ୍ତୁ ସମସ୍ତଙ୍କ ପାଇଁ ଆଇପିଏଲରେ ପହଞ୍ଚିବା ଏତେ ସହଜ ନଥାଏ । ସନରାଇଜର୍ସ ହାଇଦ୍ରାବାଦ ଏହି ସିଜିନରେ ଏପର୍ଯ୍ୟନ୍ତ ପ୍ରଥମ ମ୍ୟାଚ୍ ଖେଳିନାହିଁ । କିନ୍ତୁ ଏହା ପୂର୍ବରୁ ଦଳର ଜଣେ ଖେଳାଳି ଖବର ଶିରୋନାମାକୁ ଆସିଛନ୍ତି । କାରଣ ତାଙ୍କ ସଂଘର୍ଷର କାହାଣୀ ଯୁବପିଢ଼ି ପାଇଁ ପ୍ରେରଣାଠାରୁ କମ୍ ନୁହେଁ । ଏହି ଖେଳାଳିଙ୍କ ନାମ ହେଉଛି ଅନିକେତ ବର୍ମା, ଯିଏ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ବାସିନ୍ଦା ।

ଅନିକେତ ପ୍ରଥମ ଥର ପାଇଁ ଆଇପିଏଲ ଖେଳିବାକୁ ଯାଉଛନ୍ତି । ଏଥର ମେଗା ନିଲାମରେ ସନରାଇଜର୍ସ ହାଇଦ୍ରାବାଦ ତାଙ୍କ ଉପରେ ବାଜି ଲଗାଇଥିଲା । ୨୩ ବର୍ଷୀୟ ଅନିକେତ ଗତ ବର୍ଷ ଏମ୍‌ପି ପ୍ରିମିୟର ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ୩୨ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହା ପରେ ସନରାଇଜର୍ସ ହାଇଦ୍ରାବାଦ ତାଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଥିଲା । ଦଳର ଅଭ୍ୟାସ ମ୍ୟାଚ୍‌ରେ ଅନିକେତ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ । ସେ ଶ୍ରୀଲଙ୍କାର ସ୍ପିନର କାମିନ୍ଦୁ ମେଣ୍ଡିସ ବିପକ୍ଷରେ ୪ ବଲ୍‌ରୁ ୪୬ ରନ୍ କରିଥିଲେ, ଯେଉଁଥିରେ ୪ ବଲରୁ ୪ ଛକା ଅନ୍ତର୍ଭୁକ୍ତ ଥିଲା ।

ଅନିକେତଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ, ସେ ତାଙ୍କ ପିଲାଦିନେ ତାଙ୍କ ମାଆଙ୍କୁ ହରାଇଥିଲେ । ସେତେବେଳେ ତାଙ୍କର ବୟସ ମାତ୍ର ୩ ବର୍ଷ ଥିଲା । ସେହି ସମୟରେ ତାଙ୍କ ବାପା ଦ୍ୱିତୀୟ ବିବାହ କରିଥିଲେ । ପରେ ଅନିକେତଙ୍କ ଦାଦା ତାଙ୍କୁ ବଡ଼ କରିଥିଲେ ଏବଂ ଜଣେ ସଫଳ କ୍ରିକେଟର କରିଥିଲେ । ସେ ୧୦ ବର୍ଷ ବୟସରେ ପ୍ରଥମ ଥର ପାଇଁ ଏକ କ୍ରିକେଟ ଏକାଡେମୀରେ ଅନିକେତଙ୍କ ନାମ ଲେଖାଇଥିଲେ । ଏହା ପରେ ସେ କେବେ ପଛକୁ ଫେରି ଚାହିଁଲେ ନାହିଁ । ସଫଳ ହେବା ଲାଗି ବହୁତ ପରିଶ୍ରମ କରିଥିଲେ ।

ଏକ ସାକ୍ଷାତକାରରେ ଅନିକେତ ତାଙ୍କ ସଂଘର୍ଷ ବିଷୟରେ କହିଥିଲେ ।



ସେ କହିଥିଲେ, 'ମୋର ପାରିବାରିକ ପୃଷ୍ଠଭୂମି ସେତେ ଦୃଢ଼ ନ ଥିଲା ।' ସର୍ବପ୍ରଥମେ ମୁଁ ରେଲୱେ ଯୁଥ୍ କ୍ରିକେଟ୍ କ୍ଲବ୍‌କୁ ଯାଇଥିଲି । ସେଠାରେ ନନ୍ଦଜିତ ସାର୍ ମୋତେ ମୌଳିକ ଶିକ୍ଷା ଦେଇଥିଲେ । ଏହା ପରେ ଜ୍ୟୋତିପ୍ରକାଶ ତ୍ୟାଗୀ ସାର୍ ଅଙ୍କୁରରେ ମୋର ବ୍ୟାଟିଂକୁ ଉନ୍ନତ କରିଥିଲେ । ଏବେ ମୁଁ ଫେଥ୍ କ୍ରିକେଟ କ୍ଲବ୍‌ରେ ତାଲିମ ନେଉଛି । ମୋ ଦାଦା ସବୁବେଳେ ମୋ ସହିତ ଅଛନ୍ତି । ଯେତେବେଳେ ମୋତେ କିଛି ଦରକାର ହେଉଥିଲା, ମୁଁ ତାଙ୍କୁ କହୁଥିଲି ଏବଂ ସେ ଯେକୌଣସି ସ୍ଥାନରୁ ତାହା ପାଇଯାଉଥିଲେ । ମୁଁ ଭାବୁଛି ପ୍ରକୃତ ସଂଘର୍ଷ ତାଙ୍କର ଥିଲା । ସେ ଆର୍ଥିକ ଦୃଷ୍ଟିରୁ ଏତେ ସୁସ୍ଥ ନଥିଲେ । ଏହା ସତ୍ତ୍ୱେ, ସେ ମୋତେ କୌଣସି ଜିନିଷର ଅଭାବ ଅନୁଭବ କରିବାକୁ ଦେଇ ନ ଥିଲେ । ସେ ନିଜର ଆବଶ୍ୟକତା ପୂରଣ କରିପାରି ନ ଥିଲେ, କିନ୍ତୁ ସେ ନିଶ୍ଚିତ ଭାବରେ ମୋର ଆବଶ୍ୟକତା ପୂରଣ କରିଥିଲେ । ଆଇପିଏଲ ବିଷୟରେ କଥା ହୋଇ ସେ କହିଲେ, 'ମୁଁ ଏକ ସୁଯୋଗ ଚାହୁଁଥିଲି ।' ସୁଯୋଗ ପାଇବା ଏକ ବଡ଼ କଥା । ଏହା ମୋ ପାଇଁ ଏକ ବଡ଼ ସୁଯୋଗ । ମୋର ଚେଷ୍ଟା ହେବ ଏହାର ସର୍ବୋତ୍ତମ ଉପଯୋଗ କରିବା ବୋଲି ସେ କହିଛନ୍ତି ।

# ବେଆଇନ୍ ଅନ୍‌ଲାଇନ୍ ଗେମିଂ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ : ୩୫୭ ୱେବସାଇଟ୍ ବ୍ଲକ୍

**ନୂଆଦିଲ୍ଲୀ**

ବିଦେଶରୁ କାର୍ଯ୍ୟ କରୁଥିବା ବେଆଇନ୍ ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକର ୩୫୭ ୱେବ-ସାଇଟ୍‌କୁ ଜିଏସଟି ଗୁଇନ୍ଦା ଅଧିକାରୀମାନେ ବ୍ୟାନ୍ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ଶନିବାର ଏହି ସୂଚନା ଦେଇଛି । ଏହା ସହିତ ପ୍ରାୟ ୨,୪୦୦ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରାଯାଇଛି । ମନ୍ତ୍ରଣାଳୟ ବିଦେଶୀ ଗେମିଂ ପ୍ଲାଟ୍‌ଫର୍ମ ସହିତ ଯୋଡ଼ି ନହେବା ପାଇଁ ଜନସାଧାରଣଙ୍କୁ ସତର୍କ କରାଇଛି । ମନ୍ତ୍ରଣାଳୟ କହିଛି ଯେ ବଲିଉଡ୍ ସେଲିବ୍ରିଟି ଏବଂ କ୍ରିକେଟ ଖେଳାଳିଙ୍କ ବ୍ୟତୀତ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର



ଦ୍ୱାରା ପ୍ରଚାର କରାଯାଉଥିଲେ ବି ପ୍ଲାଟ୍‌ଫର୍ମଗୁଡ଼ିକ ସହ ଯୋଡ଼ି ନହେବା ଉଚିତ ।

ପ୍ରାୟ ୭୦୦ ବିଦେଶୀ ଇ-ଗେମିଂ କମ୍ପାନୀ ସାମଗ୍ରୀ ଏବଂ ସେବା ଟିକସ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଜିଜିଆଇ)ର ନଜରରେ ଅଛନ୍ତି । ଏହି କମ୍ପାନିଗୁଡ଼ିକ ପଞ୍ଜିକୃତ ନୁହନ୍ତି ଏବଂ ଜିଏସଟି ଫାଙ୍କୁଛନ୍ତି । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଏହି ବିଦେଶୀ କମ୍ପାନିଗୁଡ଼ିକ କାରବାର ପାଇଁ ନକଲି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କାମ କରନ୍ତି । ଦୁଇଟି ପୃଥକ ମାମଲାରେ, ଡିଜିଜିଆଇ ମୋଟ ୨,୪୦୦ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିଛି ଏବଂ ପ୍ରାୟ ୧୨୬ କୋଟି ଟଙ୍କାର ଉଠାଣ ଉପରେ ରୋକ୍ ଲଗାଯାଇଛି ।

ରିପୋର୍ଟ ଅନୁଯାୟୀ, ଭାରତୀୟ ରିଅଲ୍ ମନି ଗେମିଂ (ଆରଏମଜି) କ୍ଷେତ୍ର ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୮ ପ୍ରତିଶତ ଅଭିବୃଦ୍ଧି ସହିତ ବିଶ୍ୱ ବଜାରର ସବୁଠୁ ଆଗରେ ରହିଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି କ୍ଷେତ୍ରର ରାଜସ୍ୱ ୭.୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

# ଆଇପିଏଲ ଆରମ୍ଭରୁ ବଦଳିଲା ଲକ୍ଷ୍ନୌ ସୁପରଜାଏଣ୍ଟସ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇଛି । ସିଜିନରେ ଏପର୍ଯ୍ୟନ୍ତ କେବଳ ଦୁଇଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଗୋଟିଏ ଦଳ ଏହାର ସ୍କ୍ୱାଡ୍‌ରେ ପରିବର୍ତ୍ତନ କରିଛି । ଲକ୍ଷ୍ନୌ ସୁପରଜାଏଣ୍ଟସର ଜଣେ ଷ୍ଟାର ଦ୍ରୁତ ବୋଲର ଆଘାତ ଯୋଗୁ ଏହି ସିଜିନରୁ ବାଦ୍ ପଡ଼ିଛନ୍ତି । ନିଲାମ ପୂର୍ବରୁ ଲକ୍ଷ୍ନୌ ସୁପରଜାଏଣ୍ଟ ଏହି ଖେଳାଳିଙ୍କୁ ରିଟେନ କରିଥିଲା । ଏବେ ଦଳରେ ଜଣେ ନୂତନ ଖେଳାଳିଙ୍କୁ ସାମିଲ କରିବାକୁ ପଡିଛି । ବିସିସିଆଇ ମଧ୍ୟ ଏହି ପରିବର୍ତ୍ତନକୁ ମଞ୍ଜୁରୀ ଦେଇଛି ।

ଲକ୍ଷ୍ନୌ ସୁପରଜାଏଣ୍ଟସ ଦ୍ରୁତ ବୋଲର ମୋହସିନ ଖାନ ଆଣ୍ଠୁ ଲିଗାମେଣ୍ଟ ଆଘାତରେ ପୀଡିତ । ଏହି ଆଘାତ ଯୋଗୁ ସେ ଗତ ତିନି ମାସ ଧରି କୌଣସି କ୍ରିକେଟ ମ୍ୟାଚ୍ ଖେଳିନାହାନ୍ତି । ସେହି ସମୟରେ, ଲକ୍ଷ୍ନୌ ସୁପରଜାଏଣ୍ଟସର ପ୍ରଶିକ୍ଷଣ ଶିବିରରେ ବୋଲିଂ କରିବା ସମୟରେ ପୁଣିଥରେ ତାଙ୍କୁ ଆଘାତ ଲାଗିଥିଲା । ଏଣୁ ସେ ଆଇପିଏଲ ୨୦୨୫ ସିଜିନରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ନିଲାମରେ ବିକ୍ରି ନ ହୋଇଥିବା ମୁମ୍ବାଇ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କୁ ଲକ୍ଷ୍ନୌ ସୁପରଜାଏଣ୍ଟସ ନିଜ ଦଳରେ ସାମିଲ କରିଛି ।

ଆଇପିଏଲ ପକ୍ଷରୁ ଜାରି ଏକ ପ୍ରେସ ରିଲିଜରେ କୁହାଯାଇଛି, ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଟାଟା ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନରୁ ଆଘାତ ଯୋଗୁ ବାଦ୍ ପଡ଼ିଥିବା ବାମହାତୀ ଦ୍ରୁତ ବୋଲର ମୋହସିନ ଖାନଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁରଙ୍କୁ ଦଳରେ ସାମିଲ କରିଛି । ଅଭିଜ୍ଞ ଅଲରାଉଣ୍ଡର ଠାକୁରଙ୍କୁ ପଞ୍ଜିକୃତ ଉପଲବ୍ଧ ଖେଳାଳି ମଧ୍ୟରୁ ତାଙ୍କୁ ୨ କୋଟି ଟଙ୍କା ରିଜର୍ଭ ମୂଲ୍ୟରେ ସ୍ୱାକ୍ଷର କରାଯାଇଛି । ଭାରତ ପାଇଁ ତିନୋଟି ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିଥିବା ଠାକୁରଙ୍କର ଉଲ୍ଲେଖନୀୟ ଆଇପିଏଲ ଅଭିଜ୍ଞତା ଅଛି, ସେ ପାଞ୍ଚଟି ଫ୍ରାଞ୍ଚାଇଜ ପାଇଁ ୯୫ଟି ମ୍ୟାଚ ଖେଳିଛନ୍ତି ।

ଆଇପିଏଲ୍ ୨୦୨୫ ମେଗା ନିଲାମରେ ଶାର୍ଦ୍ଦୁଳ ଠାକୁରଙ୍କୁ କୌଣସି କ୍ରେତା ମିଳି ନଥିଲା । କିନ୍ତୁ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ତାଙ୍କୁ ଏକ ବଡ଼ ସୁଯୋଗ ଦେଇଛି । ଲକ୍ଷ୍ନୌର ଆହୁରି ଦୁଇଜଣ ବୋଲର ଅଛନ୍ତି ଯେଉଁମାନେ ସିଜିନରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ମୟଙ୍କ ଯାଦବ ଏବଂ ଆକାଶ ଦୀପ ମଧ୍ୟ ଏପର୍ଯ୍ୟନ୍ତ ଦଳରେ ଯୋଗ ଦେଇନାହାନ୍ତି ।

# ଡେଟିଂକୁ ନେଇ ମୁହଁ ଖୋଲିଲେ ସିରାଜ-ମାହିରା

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଏବଂ କ୍ରିକେଟର ମଧ୍ୟରେ ପ୍ରେମ ସଂପର୍କ, ଡେଟିଂ ଖବର ସବୁବେଳେ ଚର୍ଚ୍ଚା ହୁଏ । ଅନେକ ଅଭିନେତ୍ରୀ କ୍ରିକେଟରଙ୍କୁ ହିଁ ନିଜ ଜୀବନସାଥୀ ରୂପେ ବାଛିଛନ୍ତି । ଏହାରି ଭିତରେ ଏବେ ଆଉ ଜଣେ ଅଭିନେତ୍ରୀ ଏବଂ କ୍ରିକେଟରଙ୍କ ମଧ୍ୟରେ ଡେଟିଂ ଚାଲିଥିବାର ଖବର ସାମ୍ନାକୁ ଆସୁଛି । ନିକଟରେ ବିଗ୍‌ବସ୍ ୧୩ ଫେମ୍ ମାହିରା ଶର୍ମାଙ୍କ ନାଁ କ୍ରିକେଟର ମହମ୍ମଦ ସିରାଜଙ୍କ ସହ ଯୋଡ଼ାଯାଇଛି । ଏବେ ଏହି ଡେଟିଂକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଉଭୟ ଏଥିରେ ବ୍ରେକ୍ ଲଗାଇଛନ୍ତି । ଦୁହେଁ ନିଜ ଇନଷ୍ଟାଗ୍ରାମ୍ ଷ୍ଟୋରୀରେ ଏହି ଖବରକୁ ସିଧାସଳଖ ଗୁଜବ ବୋଲି କହିଛନ୍ତି । ମାହିରା ଏଭଳି ଗୁଜବ ଠାରୁ ଦୂରେଇ ରହିବା ସହ ଅଯଥା ପ୍ରଚାର ନକରିବା ପାଇଁ ଗଣମାଧ୍ୟମକୁ କହିଛନ୍ତି । ସେ ଇନଷ୍ଟାଗ୍ରାମ୍ ଷ୍ଟୋରୀରେ ଲେଖିଛନ୍ତି,'ଗୁଜବ ସୃଷ୍ଟି କରିବା ବନ୍ଦ କରନ୍ତୁ, ମୁଁ କାହାକୁ ବି ଡେଟ୍ କରୁନାହିଁ ।' କହିବାକୁ ଗଲେ ଗୁରୁବାର ମାହିରା ଏକ ଇଭେଣ୍ଟରେ ଯୋଗ ଦେବାକୁ ଯାଇଥିବା ବେଳେ ପାପରାଜିମାନେ ତାଙ୍କୁ ପ୍ରିୟ ଆଇପିଏଲ୍ ଖେଳାଳିଙ୍କ ବିଷୟରେ ପ୍ରଶ୍ନ କରିବା ସହ ସିରାଜଙ୍କୁ ନେଇ ମଜା ଉଡ଼ାଇଥିଲେ । ଏହା ବ୍ୟତୀତ ମାହିରା ଆଇପିଏଲରେ କାହାକୁ ସପୋର୍ଟ କରିବେ ବୋଲି ମଧ୍ୟ ପ୍ରଶ୍ନ କରିଥିଲେ । ଏହି ପ୍ରଶ୍ନର ଉତ୍ତର ସେ ନଦେଇ ଚାଲିଯାଇଥିଲେ । ଏହା ପରେ ଆରମ୍ଭ ହୋଇଯାଇଥିଲା ଡେଟିଂ ଚର୍ଚ୍ଚା । ସେପଟେ ଭାରତୀୟ କ୍ରିକେଟର୍ ମହମ୍ମଦ ସିରାଜ୍ ମଧ୍ୟ ଏହି ଖବରକୁ ଖଣ୍ଡନ କରିଛନ୍ତି । କ୍ରିକେଟର୍ ପାପାରାଜିକୁ ଅନୁରୋଧ କରି ସେ କହିଛନ୍ତି,'ଦୟାକରି ଅଯଥା ପ୍ରଶ୍ନ କରନ୍ତୁ ନାହିଁ । ଏହି ଖବରର କୌଣସି ସତ୍ୟତା ନାହିଁ, ଆଶା କରୁଛି ଏସବୁ ଶୀଘ୍ର ବନ୍ଦ ହେବ । ସୋସିଆଲ୍ ମିଡିଆ ଷ୍ଟୋରୀରେ ଏହି ପୋଷ୍ଟ କରିବାର କିଛି ସମୟ ପରେ ସିରାଜ୍ ପୋଷ୍ଟ ଡିଲିଟ୍ କରିଥିଲେ ।

# ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ବିଏସ୍‌ଏଫ୍ ସୋନପୁର ବିଜୟୀ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ମହାରାଜ ଆର.ଏନ୍.ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡ଼ା ସଂସଦର ସହଯୋଗରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବତନ ବଲାଙ୍ଗିର ଲୋକସଭା ସଦସ୍ୟ ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ାର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଉଦ୍‌ବୋଧନ ଦେଇଥିଲେ । ସଭାରେ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସମାରୋହରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ୍ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ବି.ଏସ୍.ଏଫ୍ ସୋନପୁର ୧-୦ ଗୋଲରେ ରାଜ ବୋଡାସମ୍ବର ପଦ୍ମପୁରକୁ ହରାଇ ବିଜୟୀ ହୋଇଛି । ଖେଳକୁ ଦେବାଶିଷ ବାଗ, ସଞ୍ଜୀନ କୁଦେଇ, ଜିତେନ୍ଦ୍ର ପାତ୍ର ଓ ସଂଜିବ ମହାରଣା ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ । ଗାୟିତ୍ରୀ ଭୋଇ, ଦମୟନ୍ତି ବାଗ, ଶମ୍ଭୁ ନାଗ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂହ ଓ ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, ଭୁପେନ୍ଦ୍ର ସିଂ ଏବଂ ସମସ୍ତ କାଉନସିଲର ତଥା ଟୁର୍ଣ୍ଣାମେଣ୍ଟ କମିଟିର ସମସ୍ତ ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପୂର୍ବତନ ଖେଳାଳି ଭାବଗ୍ରାହୀ ରଥ ଓ ଶୁଭ୍ରାଂଶୁ ଶେଖର ଅମାତଙ୍କୁ ମୁଖ୍ୟ ଅତିଥି ଶ୍ରୀ ସିଂହଦେଓ ସମ୍ମାନିତ କରିଥିଲେ । ସୋନପୁର ଦଳର ମିଥୁନ ସାହୁଙ୍କ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ସୋମବାର ସୁନ୍ଦରଗଡ଼ ମୋଟୁ କ୍ଲବ ବନାମ ବରଗଡ଼ କଦଲିପାଲି ଦଳ ମଧ୍ୟରେ ଖେଳ ହେବ ବୋଲି କମିଟିର ସଂପାଦକ ସାଗର ସଂଗମ ଶତପଥି ସୂଚନା ପ୍ରଦାନ କରିଛନ୍ତି ।



## ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା) ବାର୍ଷିକ ସାଧାରଣ ପରିଷଦ ବୈଠକ

# ଲୋକପ୍ରିୟ କ୍ରୀଡା ପାଇଁ ଉତ୍କର୍ଷ କେନ୍ଦ୍ର ସୃଷ୍ଟି କରାଯିବ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଇତିମଧ୍ୟରେ ଆୟୋଜିତ ହୋଇଯାଇଅଛି । କ୍ରୀଡ଼ା ଭିତ୍ତିଭୂମି ବିକାଶ, ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଏବଂ କ୍ରୀଡ଼ା ପ୍ରଶାସନରେ ସର୍ବାଙ୍ଗୀନ ଉତ୍କର୍ଷତା ସମୀକ୍ଷା ଉପରେ ଏହି ବାର୍ଷିକ ସାଧାରଣ ପରିଷଦ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକର ଅଧ୍ୟକ୍ଷତା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଳପଥରେ କ୍ରୀଡାର ବିକାଶ ସହିତ ଏହାର ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ବିଶେଷ ପଦକ୍ଷେପ ନେବାକୁ କହିଛନ୍ତି । ଇକୋର୍ସାର ସଭାପତି ତଥା ପ୍ରମୁଖ ମୁଖ୍ୟ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ଡକ୍ଟର ହେମନ୍ତ କାଗ୍ରା ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ମାନଙ୍କ ସହିତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗଦେଇଥିଲେ ।

ଏହି ବୈଠକର ପ୍ରମୁଖ ଆକର୍ଷଣ ଥିଲା ଲୋକପ୍ରିୟ କ୍ରୀଡା ପାଇଁ ଉତ୍କର୍ଷ କେନ୍ଦ୍ର ସୃଷ୍ଟି, ଉଦୀୟମାନ କ୍ରୀଡାବିତମାନଙ୍କୁ ତାଲିମ ଏବଂ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକୀୟ ମାନଦଣ୍ଡ ଅନୁଯାୟୀ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା । ତୃଣମୂଳ ସ୍ତରରେ କ୍ରୀଡା ପ୍ରୋତ୍ସାହନ, ଇକୋର୍ସା ଯୁବ ପ୍ରତିଭାଙ୍କୁ ଖୋଜିବା ଏବଂ ପ୍ରୋତ୍ସାହିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ । ମଞ୍ଚେଶ୍ୱରରେ ନୂତନ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ, ବ୍ୟାଡମିଣ୍ଟନ, ଜିମ୍ନାଷ୍ଟିକ୍ସ, କବାଡି, ଭଲିବଲ୍ ଏବଂ ଭାରୋତ୍ତୋଳନ ପାଇଁ ୮.୪୪ କୋଟି ଖର୍ଚ୍ଚରେ ଆଉ ଏକ ଅତ୍ୟାଧୁନିକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି । ସାଧାରଣ ଏବଂ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇକୋର୍ସା ଦ୍ୱାରା ପରିଚାଳିତ ଏକାଡେମୀ, ଇକୋର୍ସା ଘୋଷଣା କରିଛି ଯେ ରେଳପଥର କ୍ରୀଡା ଭିତ୍ତିଭୂମିକୁ ଏହାର କ୍ରୀଡା ଏକାଡେମୀ ମାଧ୍ୟମରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ, ଯେଉଁଠାରେ କ୍ରିକେଟ୍, ଭଲିବଲ୍, ଟେନିସ୍, ବ୍ୟାଡମିଣ୍ଟନ୍, ଟେବୁଲ ଟେନିସ୍, ବାସ୍କେଟବଲ୍, ପହଁରିବା ଏବଂ ସୁଟିଂରେ ତାଲିମ ଏବଂ ସୁବିଧା ପ୍ରଦାନ କରାଯିବ । ଇକୋର୍ସାର କ୍ରୀଡ଼ା ସଫଳତାର ସ୍ୱୀକୃତି, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଦେଶ ପାଇଁ ଗୌରବ ଆଣିଥିବା ରେଳପଥର ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାବିତ ମାନଙ୍କୁ ପ୍ରଶଂସା କରିଥିଲେ । ଇକୋର୍ସା ବିଭିନ୍ନ ଜାତୀୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଏବଂ ଇଭେଣ୍ଟ ଆୟୋଜନରେ ଏହାର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲା । ଭବିଷ୍ୟତର ଭିତ୍ତିଭୂମି ଯୋଜନା, ଇକୋର୍ସା କ୍ରୀଡ଼ା ସୁବିଧାକୁ ଆହୁରି ଉନ୍ନତ କରିବା ପାଇଁ ନୂତନ ଭିତ୍ତିଭୂମି ପ୍ରକଳ୍ପ ଯୋଜନା କରୁଛି, ଯାହା ଫଳରେ ଏହି ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ କ୍ରୀଡ଼ା କର୍ତ୍ତୃପକ୍ଷ ଏବଂ କ୍ରୀଡା ବ୍ୟକ୍ତିବିଶେଷଙ୍କ ସହିତ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରାଇବ । ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ କ୍ରୀଡା ସଂସ୍କୃତିକୁ ବୃଦ୍ଧି କରିବା, ଯୁବ ପ୍ରତିଭାକୁ ପ୍ରୋତ୍ସାହନ କରାଇବା ଏବଂ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ସହିତ ଏହି ବୈଠକ ଶେଷ ହୋଇଥିଲା ।

# ଓଡ଼ିଶାରେ ବିଦ୍ୟୁତ କ୍ଷେତ୍ରର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ର ଶକ୍ତି, ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ ରବିବାର ଭୁବନେଶ୍ୱରଠାରେ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶ ଉପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି ।

ଏହି ବୈଠକରେ ପାଉଁଶ (ଫ୍ଲାଏ ଆଶ୍) ର ଉପଯୋଗ, କ୍ଷମତା ବୃଦ୍ଧି, ସଂଚାରଣ ଭିତ୍ତିଭୂମି ଏବଂ ବିଦ୍ୟୁତ ଆବଣ୍ଟନ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଫ୍ଲାଇ ଆଶ ଉପଯୋଗ ଲକ୍ଷ୍ୟ ପ୍ରାପ୍ତି ପ୍ରସଙ୍ଗରେ ଶ୍ରୀ ମନୋହର ଲାଲ ଆଶ୍ୱାସନା ଦେଇଥିଲେ ଯେ, ଫ୍ଲାଇ ଆଶ ପରିବହନ ପାଇଁ ପର୍ଯ୍ୟାପ୍ତ ରେଳ ରେକ୍ ବ୍ୟବସ୍ଥା ସମେତ ଏହି ପ୍ରସଙ୍ଗର ବ୍ୟାପକ ସମାଧାନ ନିମନ୍ତେ କୋଇଲା, ପରିବେଶ ଏବଂ ରେଳ ମନ୍ତ୍ରଣାଳୟ ସହିତ ଏକ ମିଳିତ ବୈଠକ ଡକାଯିବ ।

ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି ରାଜ୍ୟ ସରକାର ବୈଠକରେ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ୨୦ ଗିଗାୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି ଏବଂ ୧୦ ଗିଗାୱାଟ ଅତିରିକ୍ତ କ୍ଷମତା ବିକାଶ ପାଇଁ ଯୋଜନା କରାଯାଇଛି ଯାହା ଆସନ୍ତା ୫ ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । କେନ୍ଦ୍ର ମନ୍ତ୍ରୀ ଓଡ଼ିଶାରେ ଅଧିକ ପିଟ-ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟର ବିକାଶକୁ ପ୍ରୋତ୍ସାହିତ କରିଥିଲେ, ଯେଉଁଥିରେ ଅନ୍ୟ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସାମିଲ ରହିଛି ।

ସଞ୍ଚାରଣ କ୍ଷେତ୍ରରେ ଓଡ଼ିଶାର ରାଜ୍ୟବ୍ୟାପୀ ଯୋଜନା ରଣନୀତି ଏବଂ ଭୁବନେଶ୍ୱର ଓ କଟକ ଭଳି ସହରକୁ ବିଦ୍ୟୁତ ଯୋଗାଣ ସୁଦୃଢ଼ କରିବା ଲାଗି ନିକଟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ରାଇଟ୍ ଅଫ୍ ୱେ (ଆରଓଡବ୍ଲ୍ୟୁ) ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ବୈଠକରେ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ, ଓଡ଼ିଶାର ରାଜ୍ୟବ୍ୟାପୀ ସଞ୍ଚାରଣ ନେଟୱର୍କ ଅଧୀନରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସଂକଳନ ପ୍ରକ୍ରିୟା ସମାପ୍ତ ହେବା ପରେ ୩୧ ମାର୍ଚ୍ଚ, ୨୦୨୫ ପରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ଗ୍ରହଣ କରାଯିବ । ପୁନର୍ବିକଶିତ ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ) ର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଢଙ୍ଗରେ ଗ୍ରହଣ କରାଯିବ । ବିଦ୍ୟୁତ ଆବଂଟନ ସମ୍ପର୍କରେ ସେ କହିଥିଲେ ଯେ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏନଏଲସିଆଇଏଲର ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ ।

କେନ୍ଦ୍ରମନ୍ତ୍ରୀ ମନୋହର ଲାଲଙ୍କ ଏହି ଗସ୍ତ ଓଡ଼ିଶାର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ରାୟଗଡ଼ା ବିଜେପି ଜିଲ୍ଲା ସଭାପତି ଚାନ୍ଦା ମାଗି ଆତଙ୍କରାଜ ଚଳାଇଛନ୍ତି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜେପି ରାୟଗଡ଼ା ଜିଲ୍ଲା ସଭାପତିସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ମାସିକ ଚାନ୍ଦା ଆଦାୟ ଆରମ୍ଭ କରିଛନ୍ତି ବୋଲି ବିଜୁ ଜନତା ଦଳ ତରଫରୁ ଗୁରୁତର ଅଭିଯୋଗ କରାଯାଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି, ଗତ ପ୍ରାୟ ମାସେ ତଳେ ନିଯୁକ୍ତି ହୋଇଥିବା ବିଜେପି ରାୟଗଡା ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଚାନ୍ଦା ମାଗି ଏକ ପ୍ରକାରର ଆତଙ୍କରାଜ ସୃଷ୍ଟି କରିଛନ୍ତି । ସୁନା ଦୋକାନୀ ମାନଙ୍କ ଠାରୁ ଏକ ଲକ୍ଷ ଟଙ୍କା, ମିଲର ମାନଙ୍କ ଠାରୁ ଦୁଇ ଲକ୍ଷ ଟଙ୍କା ଓ ଶିଳ୍ପ ଅନୁଷ୍ଠାନ ଗୁଡିକ ଠାରୁ ପାଞ୍ଚ ଲକ୍ଷ ଟଙ୍କା ଦାବି କରୁଛନ୍ତି । ଏହି ଚାନ୍ଦା ଟଙ୍କା ନଦେଲେ ତାଙ୍କ ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ଧମକ ଦେଉଛନ୍ତି । ଶ୍ରୀ ଆନନ୍ଦ ନିଜେ ଜଣେ ଓକିଲ ହୋଇଥିବା ବେଳେ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଓକିଲାତି କରନ୍ତି ବୋଲି ଦାବି କରୁଛନ୍ତି । ଆନନ୍ଦଙ୍କ ଏହି ଆଚରଣରେ ଅତିଷ୍ଠ ହୋଇ ରାୟଗଡାର ବ୍ୟବସାୟ ସଙ୍ଘ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖରେ ପତ୍ର ମାଧ୍ୟମରେ ଫେରାଦ ହୋଇଛନ୍ତି ଓ ସମ୍ପୃକ୍ତ ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହା ହେଉଛି ବିଜେପିର ଚିତ୍ର ଓ ଚରିତ୍ର ବୋଲି ଶ୍ରୀ ମାଝୀ କହିଥିଲେ ।ସେ କିଛି ଦିନ ତଳେ ରାୟଗଡାର ଅତିରିକ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ, ଯାହା ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତା ଛଡା ଅନ୍ୟ ସରକାରୀ ଅଧିକାରୀ ମାନଙ୍କୁ ମଧ୍ୟ ଧମକ ଚମକ ଦେଉଛନ୍ତି । ରାଜ୍ୟ ସରକାର ଯେପର୍ଯ୍ୟନ୍ତ ତାଙ୍କ ପତ୍ରର ଜବାବ ଦେଇ ନାହାନ୍ତି, ବିଜେପିର ଆତଙ୍କରାଜ ବିରୋଧରେ ବିଜୁ ଜନତା ଦଳ ଜବାବ ଦେବ ଓ ଭୟର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ କରିବ ବୋଲି ଶ୍ରୀ ମାଝୀ କହିଥିଲେ । ରାଜ୍ୟ ସରକାର ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେବା ସହିତ ଏଥିରେ ସମ୍ପୃକ୍ତ ଥିବା ବିଜେପି ନେତା ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମାଝୀ ଦାବି କରିଥିଲେ ।

# ନକଲି ମୋବିଲି କାରଖାନା ଠାବ : ୨ ଗିରଫ

**ରାଉରକେଲା, ନ୍ୟୁଜ ବ୍ୟୁରୋ**
ଦୀର୍ଘ ୧ ବର୍ଷ ଧରି ରାଉରକେଲା ପୋଲିସ ଜିଲ୍ଲାର ବିଶ୍ରା ଥାନା ଠାରୁ ୪ କି.ମି. ଦୂରରେ ଥିବା ଏକ ଘରେ ଚାଲିଥିଲା ନକଲି ମୋବିଲି କାରଖାନା । କୌଣସି ସୂତ୍ରରୁ ଏ ସମ୍ପର୍କରେ ଖବର ପାଇ ଆଜି ରାଉରକେଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରୁ ସିଲ୍ ହୋଇଥିବା ନାମୀଦାମୀ କମ୍ପାନୀର ୧ ଲିଟର ବିଶିଷ୍ଟ ନକଲି ମୋବିଲି ଓ ବହୁ ପରିମାଣର ପାଉଚ୍ କୁ ପୋଲିସ ଜବତ କରିଛି । ଘଟଣାରେ ୨ ଜଣଙ୍କୁ ଗିରଫ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଏଠାରେ ପ୍ରସ୍ତୁତ ହେଉଥିବା ବହୁଳ ପରିମାଣର ନକଲି ମୋବିଲିକୁ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା ବୋଲି ପୋଲିସ ପ୍ରକାଶ କରିଛି । ମୋଟର ସାଇକେଲ ଓ ବାଇକ୍ ରୁ ବାହାରୁଥିବା ପୋଡା ମୋବିଲ୍ ସହିତ କିଛି ଶସ୍ତା ମୋବିଲ୍ ଓ କେମିକାଲ୍ ମିଶ୍ରଣ କରି ଏଭଳି ମୋବିଲ ପ୍ରସ୍ତୁତ କରାଯାଉଥିଲା । ଏସବୁ ମୋବିଲି ବିଶେଷ କରି ଦୁଇ ଚକିଆ ଯାନରେ ବ୍ୟବହାର ପାଇଁ ଦୋକାନଗୁଡିକୁ ବିକ୍ରୀ କରାଯାଉଥିଲା । ଏଥିରେ ସମ୍ପୃକ୍ତ କାରଖାନା ମାଲିକ ଓ ଦୋକାନୀ ମାନେ ଲାଭବାନ୍ ହେଉଥିବା ବେଳେ ସାଧାରଣ ଜନତା ଠକେଇର ଶିକାର ହେଉଥିଲେ । ଏଭଳି କାରବାର ୨ ବର୍ଷ ତଳେ ରାଉରକେଲାରେ ଚାଲିଥିବା ନେଇ ପୋଲିସ ସେତେବେଳେ କିଛି ଅପରାଧୀଙ୍କୁ ଧରିଥିଲା । ତା ପରେ ମଧ୍ୟ ଏଭଳି ବେଆଇନ କାରବାର ବନ୍ଦ ହୋଇନଥିଲା । ଫଳରେ ବଜାରରେ ମିଳୁଥିବା ମୋବିଲି ଉପରେ ଲୋକଙ୍କର ଭରସା ତୁଟିବାରେ ଲାଗିଛି ।

# ରାଜଧାନୀରେ ରାତିରେ ବୁଲୁଛି ପୋଲିସ : ଡିସିପି




**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ରାତିରେ ବୁଲୁଛି ପୋଲିସ । ଯେଉଁମାନେ ରାତିରେ ବୁଲୁଛନ୍ତି ସେମାନଙ୍କୁ ଜେରା କରାଯାଉଛି ବୋଲି ଡିସିପି ଜଗମୋହନ ମିନା କହିଛନ୍ତି । ଶନିବାର ନୟାପଲ୍ଲୀ ଅଂଚଳରେ ଦୁଇ ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ପିସିଆର ଉଭୟଙ୍କୁ ଯାଞ୍ଚ କରିଥିଲା । ଦୁଇଜଣଙ୍କୁ ଯାଞ୍ଚ ପରେ ତାଙ୍କ ପାଖରୁ ଅଧା କିଲୋ ରୂପା ଜବତ ହେଲା । ସିଆରପିରୁ ଏକ ଦୋକାନରୁ ଚୋରି କରି ଆଣିଥିଲେ । ପରେ ଯାଞ୍ଚ ପରେ ଏକ କିଲୋ ରୁପା ଅଳଙ୍କାର ଜବତ ହୋଇଛି । ଦୁଇ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହିଛି ବୋଲି ଡିସିପି କହିଛନ୍ତି ।



ଭୁବନେଶ୍ୱର : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ କାର୍କେଟ ରିହର୍ସେଲ । (ଫଟୋ : ସମ୍ବାଦ କଳିକା)

# ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏନେଇ ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି । ଭୁବନେଶ୍ୱର ରାଜଭବନରେ ରହିବେ ରାଷ୍ଟ୍ରପତି । ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ମୋଟ ୩ ଜଣ ଡିସିପି, ୨୪ ଏସିପି, ୨୮ ଆଇଆଇସି, ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ସୋମବାର ୧:୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶାସନର ଚଢଉ...

ଗୋଲମାଲ ରହିଥିବା ତଦନ୍ତକାରୀ ଅଧିକାରୀମାନେ ଦେଖିଥିଲେ । ତେଣୁ ଏହି ମିଲକୁ ସିଲ୍ କରିଦିଆଯାଇଛି । ଏହା ରୁଟିନ ଚଢଉ ବୋଲି ଉପଜିଲ୍ଲାପାଳ କହିଛନ୍ତି । ଆଗାମୀ ଦିନରେ ମଧ୍ୟ ଅନ୍ୟ ମିଲ୍‌ଗୁଡିକ ଉପରେ ଚଢଉ ହେବ । ମଣ୍ଡିରୁ ଉଠାଉଥିବା ଧାନଗୁଡିକ ଠିକ ରୂପେ ଗଚ୍ଛିତ ହୋଇଛି କି ନାହିଁ, କାଗଜ ପତ୍ର ଠିକ ରୂପେ ଲେଖାଯାଇଛି କି ନାହିଁ ଏଥିସହ ଏସଓପିକୁ ପାଳନ କରାଯାଉଛି କି ନାହିଁ ସେସବୁ ଯାଞ୍ଚ କରାଯାଉଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି । ତେଣୁ ଏସବୁ ନଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଥିଲେ । ତଦନ୍ତ ପରେ ଜିଲ୍ଲାପାଳଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଛି ।

### ବୁଧବାର ଶପଥ...

କଲେଜିୟମ କରିଥିବା ଜଷ୍ଟିସ ଟଣ୍ଡନ୍‌ଙ୍କ ନିଯୁକ୍ତି ସୁପାରିସ ଉପରେ ରାଷ୍ଟ୍ରପତି ମୋହର ଲଗାଇଥିଲେ । ଜଷ୍ଟିସ ହରିଶ ଟଣ୍ଡନ୍ କୋଲକାତା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେ ୨୦୧୦ ଏପ୍ରିଲ ୧୩ରେ କୋଲକାତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

### ପୁଲିସ ନିକଟରେ...

ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ଦେଶରୁ ହଟିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କରିଥିବା ଘୋଷଣା ଧୀରେ ଧୀରେ ସଫଳତା ଆଡକୁ ମୁହାଁଉଥିବା ଦେଖିବାକୁ ମିଳିଛି । ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ପ୍ରଶାସନ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ସହ ଆତ୍ମନିର୍ଭରଶୀଳ କରାଯିବା ବୋଲି କହିଛି । ଏବେ ବି ସମୟ ଅଛି ବୋଲି ପୁଲିସ କହିଛି । ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ସୁଖରେ କଟାନ୍ତୁ ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ, ଗତ ୨୦ ତାରିଖ ଦିନ ଛତିଶଗଡ଼ରେ ଗୋଟିଏ ଦିନରେ ନକ୍ସଲଙ୍କୁ ଲାଗିଛି ଡବଲ ଝଟ୍‌କା । ଡବଲ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ ୩୦ ନକ୍ସଲ । ମାଲକାନଗିରି ସୀମାନ୍ତ ଛତିଶଗଡରେ ହୋଇଥିବା ଏହି ଅପରେସନ୍‌ରେ ଜଣେ ଡିଆରଜି ଯବାନ ସହିଦ ହୋଇଛନ୍ତି । ଚଳିତ ବର୍ଷର ଏହି ଅପରେସନ୍‌ରେ ସୁରକ୍ଷାକର୍ମୀଙ୍କୁ ଦ୍ୱିତୀୟ ବଡ଼ ସଫଳତା ମିଳିଛି । ପୂର୍ବରୁ ଫେବ୍ରୁୟାରୀ ୯ରେ ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ନକ୍ସଲ ନିହତ ହୋଇଥିଲେ । ଅପରେସନ ସମ୍ପର୍କରେ ବସ୍ତର ଆଇଜି ପି. ସୁନ୍ଦରରାଜ ଗଣମାଧ୍ୟମକୁ କହିଥିଲେ ନକ୍ସଲଙ୍କ ଗତିବିଧି ସଂପର୍କରେ ସୂଚନା ମିଳିବା ପରେ ଡିଆରଜି, ଏସ୍‌ଟିଏଫ ଏବଂ ବସ୍ତର ଫାଇଟର୍ସ ଅପରେସନ ଆରମ୍ଭ କରିଥିଲେ । ସେହିପରି ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ପୁଲିସକୁ ମିଳିଛି ବଡ ସଫଳତା । ଜଙ୍ଗଲରୁ ମାଓ ଡମ୍ପକୁ ଉଦ୍ଧାର କରାଯାଇଛି । ଜିଲ୍ଲାର ମରକନଗୁଡା ଏବଂ ମେଟାଗୁଡା ଜଙ୍ଗଲରୁ ମାଓବାଦୀ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ରକୁ ଯବାନ ଉଦ୍ଧାର କରିଛନ୍ତି । ସୁରକ୍ଷା ବାହିନୀର ଯବାନମାନେ ଦୁଲେଡ଼ ଠାରେ ଅବସ୍ଥାପିତ ପୁଲିସ କ୍ୟାମ୍ପ ତରଫରୁ ମରକନଗୁଡା ଠାରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରୁ ୬ଟି ଦେଶୀ ବନ୍ଧୁକ, ୧୮ଟି ବିଜିଏଲ ସେଲ, ଡିଟୋନେଟର, ଲୁହାର ସ୍ପାଇକ, ବିସ୍ଫୋରକ ଇତ୍ୟାଦି ଜବତ କରାଯାଇଛି । ସେହିପରି ମେଟାଗୁଡ଼ା ଠାରେ ନୂତନ କ୍ୟାମ୍ପ ପ୍ରତିଷ୍ଠା ପରେ ଯବାନ ସେହି ଜଙ୍ଗଲରେ କମ୍ବିଂ କରୁଥିବା ବେଳେ ୩ଟି ଦେଶୀ ବନ୍ଧୁକ, ୨ଟି ବିଜିଏଲ ସେଲ, ରାଇଫଲ, ୬ଟି ଦେଶୀ ଡିଟୋନେଟର, ୧୦୦ ଗ୍ରାମ୍ ଗନ ପାଉଡର, ବୋମା, ଗୁଳି, ଷ୍ଟିଲ ପାଇପ, ପୋଷାକ, ଝଣ୍ଡା ଇତ୍ୟାଦି ଜବତ କରିଛି । ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଏହି ଜଙ୍ଗଲରେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ, ଯାହାକୁ ଯବାନ ପଣ୍ଡ କରିଛନ୍ତି । ଏହି ଚଢଉରେ ଜିଲ୍ଲା ପୁଲିସ, ସିଆରପିଏଫ, କୋବ୍ରା ଯବାନ ସାମିଲ ଥିଲେ ।

### କମିଶନରେଟ ପୋଲିସର ...

ଚୋରି କରି ଫେରୁଥିଲେ । ପିସିଆର ଯୋଗୁ ମିଳିପାରିଛି ରୁପା । ନୟାପଲ୍ଲୀ ଥାନାରେ ଏନେଇ ମାମଲା ରୁଜୁ ହୋଇଛି । ଜଣେ ସବ ଇନ୍ସପେକ୍ଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଭୁବନେଶ୍ୱର ଡିସିପି । ସେହିପରି ପୁଣି ଥରେ ଲଟକା ଲଗାଇଲେ ପୋଲିସ । କ୍ୟାପିଟାଲ ଥାନା ଅଞ୍ଚଳର କେଦାର ପଲ୍ଲୀ ବସ୍ତିରେ ଲଟକା ଲଗାଯାଇଛି । ଆଗକୁ ସବୁ ଥାନାରେ ଭେରିଫାୟର ପରେ କମିଶନରେଟ ପୋଲିସ ଲଗାଇବେ ଲଟକା ।

### ଆଉ ୩ ଦିନ...

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ବିଜୁଳି ଏବଂ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ରହିଛି । ଏହି ଜିଲ୍ଲାଗୁଡ଼ିକରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବାବେଳେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିପାରେ । ସେହିପରି ଅନ୍ୟ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି । ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ତାପମାତ୍ରା ଦୁଇଦିନରେ ୮ ଡିଗ୍ରୀ କମିଛି । ଏହାପୂର୍ବରୁ ରାଜ୍ୟରେ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ନିକଟବର୍ତ୍ତୀ ହୋଇଥିବାବେଳେ ପାଣିପାଗ ସ୍ଥିତିରେ ଏପରି ହଠାତ ପରିବର୍ତ୍ତନ ଆଶ୍ୱସ୍ତି ଦେଇଛି ।

### ନିଷ୍କ୍ରିୟ ମୋବାଇଲ...

ରେକର୍ଡ ଅପଡେଟ କରିବାକୁ ବାଧ୍ୟତାମୂଳକ କରାଯାଇଛି । ୟୁପିଆଇ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡିକ ସନ୍ଦିଗ୍ଧ ମୋବାଇଲ ନମ୍ବର ଚିହ୍ନଟ ଏବଂ ଅପସାରଣ କରିବା ପାଇଁ ଏମ୍‌ଏଆର୍‌ଏଲ କିମ୍ବା ଡିଆଇପିର ସହାୟତା ନେବେ । କଲ ଓ ଏସ୍‌ଏମ୍‌ଏସ ଇତ୍ୟାଦି ସେବା ପାଇଁ ବ୍ୟବହୃତ ହେଉ ନ ଥିବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ୟୁପିଆଇ ନେଟୱାର୍କରୁ ଅପସାରଣ କରାଯିବ । ତେବେ ସେବା ଜାରି ରଖିବାକୁ ଚାହୁଁଥିବା ଉପଭୋକ୍ତାମାନେ ଏପ୍ରିଲ ୧ ପୂର୍ବରୁ ୟୁପିଆଇ ସହିତ ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଓ ସେମାନଙ୍କର ନୂଆ ମୋବାଇଲ ନମ୍ବର ଅପଡେଟ କରାଇବା କିମ୍ବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ସକ୍ରିୟ କରାଇବାକୁ ପରାମର୍ଶ ଦିଆଯାଇଛି ।

## ଶୃଙ୍ଖଳିତ ପର୍ବପର୍ବାଣୀ ପାଳନ ପାଇଁ ଡିଜିପିଙ୍କ ସମୀକ୍ଷା

# ରାମ ନବମୀ ଏବଂ ଇଦ୍ ପାଇଁ କମିଶନରେଟ୍ ପୋଲିସ ପ୍ରସ୍ତୁତ : ଡିସିପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆସନ୍ତା ୩୧ ତାରିଖରେ ଇଦ-ଉଲ-ଫିତର, ଅପ୍ରେଲ ୦୬ ତାରିଖରେ ଶ୍ରୀ ରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବାକୁ ଯାଉଛି । ଏହି ଅବସରରେ ରାଜ୍ୟବାସୀଙ୍କ ନିରାପତା ତଥା ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଉପରୋକ୍ତ ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ପର୍ବପର୍ବାଣୀ ଗୁଡିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା



ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ । ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି । ରାଜ୍ୟ କ୍ରାଇମବ୍ରାଞ୍ଚ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ସକ୍ରିୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହି ପର୍ବପର୍ବାଣୀ ପାଳନ ବେଳେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜନସାଧାରଣ ତଥା କର୍ତ୍ତବ୍ୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ଉପଯୁକ୍ତ ବନ୍ଦୋବସ୍ତ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଶ୍ରୀ ଯତିନ୍ଦ୍ର କୋୟଲ, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଶ୍ରୀ ଯୁଗଳ କିଶୋର କୁମାର ବନୋଥ, ଡିସିପି (କଟକ) ଶ୍ରୀ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କ ସମେତ ଆଭାସୀ ମାଧ୍ୟମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୨୪ ମାର୍ଚ୍ଚ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀକ୍ଷେତ୍ରରେ କାଳବୈଶାଖୀ ପ୍ରଭାବ ଓଲଟା ଉଡ଼ିଲା ଛାଉଣୀ ମଠର ବାନା



**ଭୁବନେଶ୍ୱର, ୨୩/୦୩ ନ୍ୟୁଜ ବ୍ୟୁରୋ**

କାଳବୈଶାଖୀ ପ୍ରଭାବରେ ପୁରୀରେ ଦେଖିବାକୁ ମିଳିଲା ଅଦ୍ଭୁତ ଦୃଶ୍ୟ । ରବିବାର ଭୋର ସମୟରେ ଉତ୍ତର ଦିଗରୁ ଦକ୍ଷିଣ ଦିଗକୁ ପବନ ବହିଲା। ଉତ୍ତରା ପବନରେ ନୀଳଚକ୍ର ପତିତପାବନ ବାନା ସେହି ଦିଗରେ ଉଡିଲା କିନ୍ତୁ ତଳଭାଗର ବାନା ଅର୍ଥାତ ଛାଉଣୀ ମଠର ବାନା କିଛି ସମୟ ଧରି ଦକ୍ଷିଣ ଦିଗରୁ ଉତ୍ତର ଦିଗକୁ ଉଡିଥିଲା । ଯାହାକୁ ନେଇ ଏବେ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି । ପତିତପାବନ ବାନା ଗୋଟିଏ ଦିଗରେ ଉଡୁଥିବା ବେଳେ ଛାଉଣୀ ମଠର ବାନା ଅନ୍ୟ ଦିଗରେ ଉଡିଥିଲା। ଅର୍ଥାତ ଉପର ପଟେ ପବନର ବେଗ ଓ ଗତି ଏବଂ ତଳପଟେ ପବନର ଗତି କିଛି ସମୟ ଧରି ଭିନ୍ନ ଦେଖିବାକୁ ମିଳିଥିଲା । କିଛି ସମୟ ଏଭଳି ଉଡିବା ପରେ ଏହା ଗୋଟିଏ ଦିଗରେ ଉଡିଥିଲା ।

# ଚଳଚଞ୍ଚଳ ରଥଖଳା : ରୁକୁଣା ରଥ କାମରେ ନିମଗ୍ନ କାରିଗର

**ଭୁବନେଶ୍ୱର, ୨୩/୩ ନ୍ୟୁଜ ବ୍ୟୁରୋ**



ଆସନ୍ତା ୫ ତାରିଖ ଚୈତ୍ର ମାସ ଆଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରଥଖଳା ଚଳଚଞ୍ଚଳ ହୋଇପଡ଼ିଛି। କାରିଗରମାନେ ନିମଗ୍ନ ହୋଇ ରଥ ନିର୍ମାଣ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ରଥଯାତ୍ରାକୁ ଆଉ ମାତ୍ର ୧୪ ଦିନ ବାକି ଥିବାବେଳେ ଆସନ୍ତା ୩ ତାରିଖରେ ରଥ ନିର୍ମାଣ କାର୍ଯ୍ୟ ସରିବା ପାଇଁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ରଥକାମରେ ସମୁଦାୟ ୭୦ଜଣ ରହିଥିବାବେଳେ ଏବେ ୬୫ଜଣ ରଥକାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କିଛି କାରିଗର କାଠଗଣ୍ଡିରେ ମାପଚୁପ କରୁଥିବାବେଳେ ଆଉ କିଛି କାରିଗର ନିହାଣ ଦ୍ୱାରା ବିନ୍ଧ କରିବାରେ ବ୍ୟସ୍ତ ରହିଛନ୍ତି। ଏଥିସହିତ ଆଉ କିଛି କାରିଗର କଣ୍ଢା ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଫଳରେ ଦୁଇଟି ଚକରେ ପହି ଚିତା ବା ଶୁଆଇବା ଭଳି ରଖାଯାଇଛି। ରୁକୁଣା ରଥକୁ ପ୍ରସ୍ତୁତ କରିବା ପାଇଁ ୧୨ ଘର ପାଳିଆ ସେବାୟତ ମହାରଣା ଅଛନ୍ତି। ଏଥିମଧ୍ୟରୁ ପାଳି ଅନୁଯାୟୀ ମହାରଣା ସେବାୟତମାନେ ରଥ କାର୍ଯ୍ୟ ଦାୟିତ୍ୱ ନେଇଥା'ନ୍ତି। ଏଥିରେ ପାଞ୍ଚଜଣ ପାଳିଆ ମହାରଣା ଏବଂ ଜଣେ ମୁଖ୍ୟ ମହାରଣା ଥାଆନ୍ତି। ଏମାନଙ୍କ ମଧ୍ୟରୁ ଜଣେ ପାଳିଆ ସର୍ଦ୍ଦାର ମହାରଣା ରଥ କାଠକୁ କୁରାଢ଼ୀ ଓ ବଟାଳିରେ ଚୋଟ ଦେବା ପରେ ରଥ କାମ ଆରମ୍ଭ ହୋଇଥାଏ। ଏହି ବର୍ଷର ପାଳିଆ ସର୍ଦ୍ଦାର ମହାରଣା ସେବାୟତ ଭାବେ ବାସୁଦେବ ମହାରଣା ରହିଛନ୍ତି। ଏହି ୧୨ଘର ପାଳିଆ ସେବାୟତ ମହାରଣା ବଂଶାନୁକ୍ରମେ ଏହି ରଥକାମ କରିଆସୁଛନ୍ତି। ଏବେ ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରଥକାମ ଚାଲୁଛି। ଏନେଇ ରଥର ମୁଖ୍ୟ ପାଳିଆ ସେବାୟତ ସୋମନାଥ ମହାରଣା କୁହନ୍ତି, ଆଉ କିଛି ଜଣ କାରିଗର ଦିନେ କିମ୍ବା ଦୁଇଦିନ ଭିତରେ ରଥକାମରେ ନିୟୋଜିତ ହେବେ। ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ସେବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

# କିଟ୍, କିସ୍ ପରିଦର୍ଶନରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିମଣ୍ଡଳ

**ଭୁବନେଶ୍ୱର, ୨୩।୩ ନ୍ୟୁଜ ବ୍ୟୁରୋ**



ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍, କିସ୍ ପରିଦର୍ଶନ କରିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ପ୍ରତିନିଧିମଣ୍ଡଳ ପ୍ରଥମ ଦିନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାବ ବିନିମୟ କରିଥିଲେ। ଦୀର୍ଘ ଦେଢ଼ ଘଣ୍ଟା କାଳ ସେମାନେ କିଟ୍, କିସ୍ ଓ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ବିଷୟରେ ବ୍ୟାପକ ଆଲୋଚନା କରିବା ସହ ଓଡ଼ିଶାର ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ସାମନ୍ତଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖତର ବାଦଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱାଶିଂଟନ୍ ବିଶ୍ୱବିଦ୍ୟାଳୟ- ବୋଥେଲର ୧୧ଜଣ ଛାତ୍ରଛାତ୍ରୀ ଏବଂ ୨ଜଣ କିଟ୍ ମ୍ୟାନେଜମେଣ୍ଟ ସ୍କୁଲର ୧୧ ଛାତ୍ରଛାତ୍ରୀଙ୍କ ମିଶି ଏକ ପ୍ରକଳ୍ପରେ ତାଲିମ୍ ଗ୍ରହଣ କରିବେ। ଏହା ସହିତ ୫ଜଣ ଅଧ୍ୟାପକ କିଟ୍ ଓ କିସ୍‌ରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ନିୟୋଜିତ ହେବା ସହ ଶ୍ରେଣୀଗୃହ ଶିକ୍ଷାଦାନ ଓ ଶୈକ୍ଷିକ ଆଲୋଚନାରେ ଭାଗ ନେବେ। ପ୍ରଥମ ଥର ଲାଗି ଆମେରିକାର ଏକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ କିଟ୍ ଓ କିସ୍ ଛାତ୍ରଛାତ୍ରୀ ତଥା ଅଧ୍ୟାପକଙ୍କ ଜ୍ଞାନ ବିନିମୟ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଆର୍ଥିକ ସ୍ଥିତି ସମାନ ଥିଲେ ମିଳିବନି ଭରଣପୋଷଣ

**ନୂଆଦିଲ୍ଲୀ, ୨୩/୦୩**



ସ୍ୱାମୀ-ସ୍ତ୍ରୀଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ସମାନ ଥିଲେ ପତ୍ନୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଜଣେ ମହିଳାଙ୍କ ଆବେଦନ ଉପରେ ଶୁଣାଣିବେଳେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଅଭୟ ଏସ୍.ଓକା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ରାୟରେ ଖଣ୍ଡପୀଠ କହିଥିଲେ, ଆବେଦନକାରୀ ଓ ତାଙ୍କର ସ୍ୱାମୀ ଉଭୟ ଗୋଟିଏ ପଦ(ସହାୟକ ପ୍ରଫେସର)ରେ କାର୍ଯ୍ୟରତ । ମହିଳାଜଣକ ଆତ୍ମନିର୍ଭର ହୋଇଥିବାରୁ ନିଜ ଆବଶ୍ୟକତା ପୂରଣ କରିବାରେ ସକ୍ଷମ । ନିଜ ଆୟରେ ସେ ଜୀବନନିର୍ବାହ କରିପାରିବେ । ତେଣୁ ତାଙ୍କ ସ୍ୱାମୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଏପରିସ୍ଥଳେ ଏହି ଆବେଦନକୁ ଖାରଜ କରାଯାଉଛି । ମହିଳା ଜଣକର ନିଜସ୍ୱ ରୋଜଗାର ଥିଲେ ମଧ୍ୟ ବିବାହ ବିଚ୍ଛେଦ ପରେ ଭରଣପୋଷଣ ଲାଗି ଆବେଦନରେ ଦାବି କରିଥିଲେ । ସେଥିରେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀଙ୍କ ଆୟ ମାସିକ ପ୍ରାୟ ୧ ଲକ୍ଷ ହୋଇଥିବାବେଳେ ସେ ୬୦ ହଜାର ଟଙ୍କା ପାଉଛନ୍ତି । ତେଣୁ ସ୍ୱାମୀ ତାଙ୍କୁ ଭରଣପୋଷଣ ପ୍ରଦାନ କରିବା ଉଚିତ୍ । ନିମ୍ନ ଅଦାଲତ ଓ ମଧ୍ୟପ୍ରଦେଶ ହାଇକୋର୍ଟ ମହିଳାଙ୍କର ଦାବିକୁ ଖାରଜ କରିଦେବାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଓଡ଼ିଶାରେ ହାତୀଙ୍କ ପାଇଁ ଜାଗା ଓ ଖାଦ୍ୟର ଅଭାବ

**ଭୁବନେଶ୍ୱର, ୨୩/୩ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ହାତୀଙ୍କ ପାଇଁ ଆଉ ଜାଗା ନାହିଁ। ଯେତିକି ରହିବା କଥା, ତା'ଠାରୁ ୩୦୦ ଅଧିକ ହାତୀ ଅଛନ୍ତି ଓଡ଼ିଶାରେ। ପୁଣି ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ବି ହାତୀ ଓଡ଼ିଶା ମୁହାଁ ହେଉଛନ୍ତି। ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଥିବାରୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି ହାତୀ। ସେଥିପାଇଁ ବଢୁଛି ହାତୀ-ମଣିଷ ଲଢେଇ। ହାତୀଙ୍କ ଖାଦ୍ୟ ପାଇଁ ଜଙ୍ଗଲରେ ୧୯ ପ୍ରକାରର ସ୍ୱତନ୍ତ୍ର ଗଛ ଲଗାଇବାକୁ ଜଙ୍ଗଲ ବିଭାଗ ଯୋଜନା କରୁଛି ବୋଲି ସଚିବ କହିଛନ୍ତି। ସେପଟେ ମନ୍ତ୍ରୀ କହୁଛନ୍ତି ସରକାର କରିବେ ସ୍ୱତନ୍ତ୍ର ନୀତି। ଓଡ଼ିଶାରେ ହାତୀଙ୍କ ପାଇଁ ଜାଗା ଅଭାବ । ଯେତିକି ହାତୀ ରହି ପାରିବା କଥା ତା'ଠାରୁ ୩୦୦ ଅଧିକ ଅଛନ୍ତି । ଓଡ଼ିଶାରେ ୧୮ଶହ ହାତୀ ରହିବାର କ୍ଷମତା ଥିବା ବେଳେ ଏବେ ଅଛନ୍ତି ୨୧ଶହ। ଜଙ୍ଗଲରେ ରହୁଥିବା ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଥିବାରୁ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି। ହାତୀ-ମଣିଷ ଲଢ଼େଇ ବଢୁଛି । ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟ ସୃଷ୍ଟି କରିବେ ସରକାର। ହାତୀଙ୍କ ଖାଦ୍ୟ ରୂପେ ଚିହ୍ନିତ ୧୯ ପ୍ରକାରର ଗଛ ଲଗାଇବାକୁ ଯୋଜନା ହୋଇଛି। ଆମ୍ବ, ପଣସ, ପିଜୁଳି, କରମଙ୍ଗା, ଶାଗୁଆନ ଭଳି ବ୍ୟାପକ ଗଛ ଲଗାଯିବ। ଜଙ୍ଗଲ ମନ୍ତ୍ରୀ କହୁଛନ୍ତି, ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଅଧିକ ଖାଦ୍ୟ ପ୍ରସ୍ତୁତ ପାଇଁ ସରକାର ଆଣିବେ ସ୍ୱତନ୍ତ୍ର ନୀତି। ସବୁଠାରୁ ବଡ଼ଜନ୍ତୁ ହାତୀ। ଦିନକୁ ୧୮ଘଣ୍ଟା ଚଳଚଞ୍ଚଳ ରହୁଥିବା ଗୋଟିଏ ହାତୀ ପ୍ରାୟ ଦେଢଶହରୁ ଦୁଇ ଶହ କିଲୋ ଖାଦ୍ୟ ଗ୍ରହଣ କରେ। ଖାଦ୍ୟ ହଜମ ପାଇଁ ଦିନକୁ ସର୍ବନିମ୍ନ ୫୦କିଲୋମିଟର ଚାଲିବାର କ୍ଷମତା ରଖେ। ଏହା ସହ ହାତୀକୁ ପର୍ଯ୍ୟାପ୍ତ ପରିମାଣର ପାଣି ବି ଦରକାର। ହେଲେ ଓଡ଼ିଶାରେ ଅବସ୍ଥା ସଙ୍ଗୀନ। ୧୮ଶହ ହାତୀ ପାଳିବାର କ୍ଷମତା ଥିବା ଓଡ଼ିଶା ଜଙ୍ଗଲରେ ଏବେ ଖାଦ୍ୟ ସଙ୍କଟ ହାତୀଙ୍କ ପାଇଁ ସମସ୍ୟା ପାଲଟିଛି। ୨୧ଶହ ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ଏବଂ ପାଣିର ଅଭାବ ରହିଛି। ଯେଉଁଥିପାଇଁ ହାତୀ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଗାଁ ଓ ସହର ମୁହାଁ ହେଉଛି। ଜଙ୍ଗଲରେ ହାତୀଙ୍କ ଖାଦ୍ୟ ସୃଷ୍ଟି କରିବା ପାଇଁ ସରକାରଙ୍କ ନୀତି ଓ ଯୋଜନାକୁ ନାପସନ୍ଦ କରିଛନ୍ତି ବିଶେଷଜ୍ଞ। ପ୍ରଥମେ ଜଙ୍ଗଲକୁ ସୁରକ୍ଷିତ ରଖାଯାଉ ଏବଂ ଲୋକଙ୍କ ଜବରଦଖଲ ହଟାଯାଉ। ହାତୀ କରିଡ଼ର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉ ବୋଲି ବିଶେଷଜ୍ଞ କହିଛନ୍ତି। ୭ବର୍ଷରେ ବିଭିନ୍ନ କାରଣରୁ ଓଡ଼ିଶାରେ ୬୩୪ ହାତୀଙ୍କ ଜୀବନ ଯାଇଛି। ଖାଦ୍ୟ ଅଭାବ ଯୋଗୁଁ ହାତୀ ଜଙ୍ଗଲ ଛାଡ଼ି ଜନବସତି ମୁହାଁ ହେଉଥିବାରୁ ଏହା ମସସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ପାଲଟିଛି। ସରକାର ଉଭୟ ହାତୀ ଓ ମଣିଷଙ୍କ ସୁରକ୍ଷା ପାଇଁ କେବଳ ଚିନ୍ତା କରି ବସିଗଲେ ହେବ ନାହିଁ, ଏହା ଫଳପ୍ରଦ କରିବାକୁ ଉଦ୍ୟମ ବି ହେବା ଆବଶ୍ୟକ।

# ୧୦ ମାସରେ ଲୋକଙ୍କ ଠାରୁ ୪୨୪୫ କୋଟି ଲୁଟିନେଲେ ଲୁଟେରା

**ନୂଆଦିଲ୍ଲୀ, ୨୩/୩**

ଦିନକୁ ଦିନ ଅନଲାଇନ ଠକେଇ ବଢିବାରେ ଲାଗିଛି । ପ୍ରତ୍ୟେକ ଦିନ କେହି ନା କେହି ଅନଲାଇନ ଠକେଇର ଶିକାର ହେଉଛନ୍ତି । ଆଉ ନିଜର ପାରିଶ୍ରମିକ ହରାଉଛନ୍ତି । ରାଜ୍ୟସଭାରେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ସଦ୍ୟ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୨୪-୨୫ର ପ୍ରଥମ ୧୦ମାସରେ ଡିଜିଟାଲ ଆର୍ଥିକ ଠକେଇ ଯୋଗୁଁ ଲୋକମାନେ ୪୨୪୫ କୋଟି ଟଙ୍କା ହରାଇଛନ୍ତି। ୨୦୨୨-୨୩ରେ ପ୍ରାୟ ୨୦ ଲକ୍ଷ ମାମଲା ରିପୋର୍ଟ ହୋଇଥିଲା ଯେଉଁଥିରେ ଲୋକମାନେ ୨୫୩୭ କୋଟି ଟଙ୍କା ହରାଇଥିଲେ। ସେହିପରି, ୨୦୨୩-୨୪ରେ, ୨୮ ଲକ୍ଷରୁ ଅଧିକ ଆର୍ଥିକ ଠକେଇ ମାମଲା ସାମ୍ନାକୁ ଆସିଥିଲା ଯେଉଁଥିରେ ଠକମାନେ ଲୋକଙ୍କ ଆକାଉଣ୍ଟରୁ ୪୪୦୩ କୋଟି ଟଙ୍କା ଲୁଟି ନେଇଥିଲେ । ଅର୍ଥ ମନ୍ତ୍ରଣାଳୟ ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପେମେଣ୍ଟ ସମ୍ବନ୍ଧୀୟ ଠକେଇ ପାଇଁ ଏକ ଠକେଇ ରିପୋର୍ଟିଂ ସିଷ୍ଟମ ପ୍ରସ୍ତୁତ କରିଛି। ବ୍ୟାଙ୍କ, ଅଣ-ବ୍ୟାଙ୍କ ପ୍ରିପେଡ୍ ପେମେଣ୍ଟ ଉପକରଣ ପ୍ରଦାନକାରୀ ଏବଂ ଅଣ-ବ୍ୟାଙ୍କ କ୍ରେଡିଟ୍ କାର୍ଡ ପ୍ରଦାନକାରୀମାନେ ଏହି ସିଷ୍ଟମ ମାଧ୍ୟମରେ ଠକେଇ ଘଟଣା ରିପୋର୍ଟ କରିପାରିବେ। ସରକାର କହିଛନ୍ତି ଯେ ଆର୍ଥିକ ଠକେଇର ତୁରନ୍ତ ରିପୋର୍ଟିଂ, ଠକମାନଙ୍କୁ ପାଣ୍ଠି ଲୁଟିବାରୁ ରୋକିବା ପାଇଁ ସିଜିଟାନ୍ ଫାଇନାନ୍ସିଆଲ୍ ସାଇବରଫ୍ରାଡ୍ ରିପୋର୍ଟିଂ ଏବଂ ପରିଚାଳନା ପ୍ରଣାଳୀ ଆରମ୍ଭ କରାଯାଇଛି। ୧୩ ଲକ୍ଷ ଅଭିଯୋଗ ଆଧାରରେ ଏହି ବ୍ୟବସ୍ଥା ମାଧ୍ୟମରେ ଏପର୍ଯ୍ୟନ୍ତ ପ୍ରାୟ ୪୩୮୬ କୋଟି ଟଙ୍କା ସଞ୍ଚୟ କରାଯାଇପାରିଛି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ରାଜ୍ୟସଭାରେ କହିଛନ୍ତି ଯେ ଡିଜିଟାଲ ଆର୍ଥିକ ଠକେଇକୁ ରୋକିବା ପାଇଁ ସରକାର, ଆରବିଆଇ ଏବଂ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି। ଯଦି ଆପଣ ମଧ୍ୟ ଅନଲାଇନ୍ ଠକେଇରୁ ରକ୍ଷା ପାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ କିଛି କଥା ମନେ ରଖିବାକୁ ପଡିବ ଯେପରିକି ସନ୍ଦିଗ୍ଧ ଇମେଲ୍ ଏବଂ ମେସେଜ୍ ଉପରେ କ୍ଲିକ୍ କରିବାର ଭୁଲ କରନ୍ତୁ ନାହିଁ। ଏହା ବ୍ୟତୀତ, ଆପଣ ଯେଉଁ ୱେବସାଇଟ୍ ଖୋଲୁଛନ୍ତି ତାହା ପ୍ରକୃତରେ ନିର୍ଭରଯୋଗ୍ୟ କି ନାହିଁ ତାହା ଯାଞ୍ଚ କରନ୍ତୁ। ଆପଣଙ୍କ ଆକାଉଣ୍ଟ ପାଇଁ ଏକ ଦୃଢ଼ ପାସୱାର୍ଡ ତିଆରି କରନ୍ତୁ ଯାହା ସହଜରେ ଅନୁମାନ କରାଯାଇପାରିବ ନାହିଁ। ଯଦି ଆପଣଙ୍କ ସହିତ କିମ୍ବା ଆପଣଙ୍କ ପରିଚିତ କାହା ସହିତ ଅନଲାଇନ୍ ଠକେଇ ହୁଏ, ତେବେ ଠକେଇ ହେବା ପରେ ତୁରନ୍ତ ଅଭିଯୋଗ ଦାଖଲ କରିବା ପାଇଁ ଆପଣ କେଉଁ ନମ୍ବରରେ କଲ୍ କରିପାରିବେ ତାହା ପୂର୍ବରୁ ଜାଣିବା ଉଚିତ। ଆପଣ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ କଲ୍ କରି ଏବଂ ଆପଣଙ୍କ ସହିତ ଘଟିଥିବା ଘଟଣା ବିଷୟରେ ସୂଚନା ଦେଇ ଅଭିଯୋଗ ପଞ୍ଜୀକରଣ କରିପାରିବେ।

# ଭୁବନେଶ୍ୱରରେ ମାତିଛନ୍ତି ନିଶା ବେପାରୀ : ଜାଲରେ ପଡୁଛନ୍ତି ଯୁବପିଢ଼ି

**ଭୁବନେଶ୍ୱର, ୨୩/୩ ନ୍ୟୁଜ ବ୍ୟୁରୋ**

ନୀଳ ଜହରର ଏ ନୀଳ ଇଲାକା । ଚା' ସାଙ୍ଗରେ ଜମୁଥିଲା ଗ୍ରୀନ୍ ଗ୍ରୀନ୍ ସିଗାରେଟ୍ । ଖାଲି ଗଞ୍ଜେଇ ନୁହେଁ, ଏବେ ରାଜଧାନୀ ପାଲଟିଛି ନିଶା କାରବାରର ଆଡ୍ଡାସ୍ଥଳୀ । ବେପାରୀ ବିଛାଉଛନ୍ତି ଜାଲ, ଫାଶରେ ପଡୁଛନ୍ତି ଯୁବପିଢ଼ି । ଏଇ ମାତ୍ର ୨ ଦିନରେ ରାଜଧାନୀ ଭୁବନେଶ୍ୱରରୁ ଜବତ ହେଲାଣି ବଣ୍ଡଲ ବଣ୍ଡଲ ଗଞ୍ଜେଇ, ଶହ ଶହ ଲିଟର ଦେଶୀ ମଦ, ଆଉ ପୁଳାପୁଳା ଡ୍ରଗ୍ସ । ଗୋଡାଉଛି ପୋଲିସ, ଆଗେ ଆଗେ ଦଉଡୁଛନ୍ତି ଯୁବ ନିଶାଡ଼ି । ନୀଳ ଗଞ୍ଜେଇର ସିଗାରେଟ୍ କିଣିବାବେଳେ କିଛି ଯୁବକଙ୍କୁ ପୋଲିସ ଗିରଫ କରିଛି । ସେହିପରି ଭୁବନେଶ୍ୱରରେ ପାନ ଦୋକାନରେ ଚାଲିଥିଲା ଗଞ୍ଜେଇ କାରବାର । ଡ୍ରଗ୍ସ କାରବାର ନେଇ ସ୍ପେଶାଲ କ୍ରାଇମ ୟୁନିଟର ଖବର ପାଇବା ପରେ ଚଢ଼ଉ କରିଥିଲା । ନିଶା ବେପାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଲା କ୍ରାଇମ୍ ୟୁନିଟ୍। ଅଧିକାରୀମାନେ ପାନ ଦୋକାନରୁ ବିପୁଳ ପରିମାଣର ଗଞ୍ଜେଇ ଓ ସିଗାରେଟ୍ ଜବତ କରିଥିଲେ । ପରେ ଏକାଧିକ ଯୁବକଙ୍କୁ ଉଠାଇ ନେଇଥିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍ । ଅନ୍ୟପଟେ ରାଜଧାନୀର ରାଜରାସ୍ତା କଡ଼ରୁ ଠାବ ହୋଇଛି ଦେଶୀ ମଦ ଭାଟି । ଶାସ୍ତ୍ରୀନଗର ଟ୍ରାଫିକ୍ ଛକ ଉପରେ ଚାଲିଥିଲା ଦେଶୀ ମଦ ଭାଟି । ଯାହାର ପର୍ଦ୍ଦାଫାସ୍ କରିଛି ଖାରବେଳ ନଗର ଥାନା ପୋଲିସ । ଘଟଣାସ୍ଥଳରେ ଚଢଉ କରାଯାଇ ଶହ ଶହ ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି ପୋଲିସ । ଏକ ଲାଟିନ୍ ଭିତରେ ମଦ ତିଆରି କରାଯାଉଥିବା ଚିତ୍ର ସାମ୍ନାକୁ ଆସିଥିଲା ।

# ପିଆଜ ଉପରୁ ୨୦% ରପ୍ତାନି ଶୁଳ୍କ ହଟାଇଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୨୩/୦୩**



କେନ୍ଦ୍ର ସରକାର ପିଆଜ ଉପରେ ୨୦% ରପ୍ତାନି ଶୁଳ୍କକୁ ହଟାଇ ଦେଇଛନ୍ତି । ଏପ୍ରିଲ ୧ରୁ ଏ ନିଷ୍ପତ୍ତି ଲାଗୁ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରୁ ଜଣାପଡ଼ିଛି। ପିଆଜ ଯୋଗାଣରେ ସୁଧାର ଏବଂ ଦର ସ୍ଥିର ହେବା ସହ ଖାଉଟି ବ୍ୟାପାର ବିଭାଗର ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଘରୋଇ ବଜାରରେ ଉପଲବ୍ଧତା ବଢ଼ାଇବା ପାଇଁ ପୂର୍ବରୁ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ କଟକଣା ଲଗାଇଥିଲେ । ଏହାସହିତ ଏକ ସର୍ବନିମ୍ନ ରପ୍ତାନି ମୂଲ୍ୟ (ଏମ୍‌ଇପି) ଲଗାଇଥିଲେ। ୨୦୨୪ ସେପ୍ଟେମ୍ବରରୁ କଟକଣା ଲଗାଯାଇଥିଲା । ରବି ଫସଲ ଉତ୍ପାଦନ ବୃଦ୍ଧି ଅନୁମାନ ରହିଥିବାବେଳେ କଟକଣାକୁ ଉଠାଇ ଦିଆଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୨୦୨୩-୨୪ରେ ପିଆଜ ରପ୍ତାନି ପରିମାଣ ୧୭.୧୭ ଲକ୍ଷ ମେଟ୍ରିକ୍‌ଟନ ରହିଥିଲା । ୨୦୨୪-୨୫ (ମାର୍ଚ୍ଚ ୧୮ ସୁଦ୍ଧା) ଏହା ୧୧.୬୫ ଲକ୍ଷ ମେଟ୍ରିକ୍‌ଟନ ରହିଛି। ୨୦୨୪ ସେପ୍ଟେମ୍ବରରେ ୦.୭୨ ଲକ୍ଷ ମେଟ୍ରିକ୍‌ଟନ ପିଆଜ ରପ୍ତାନି ହୋଇଥିବାବେଳେ ୨୦୨୫ ଜାନୁଆରୀରେ ଏହା ୧.୮୫ ଲକ୍ଷ ମେଟ୍ରିକ୍‌ଟନକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି ।

# ଚା' ଦୋକାନକୁ ମାଡ଼ିଗଲା ହାଇୱା: ୩ ମୃତ

**କୋଇଡ଼ା, ୨୩/୩ ନ୍ୟୁଜ ବ୍ୟୁରୋ**




କେ.ବଲାଙ୍ଗ ଥାନା ଜାମୁଡିହି ଟୋଲଗେଟ୍ ନିକଟରେ ଘଟିଛି ଦୁର୍ଘଟଣା। ଚା' ଦୋକାନକୁ ହାଇୱା ମାଡ଼ିଯିବା ଫଳରେ ୩ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହାଇୱା ମାଡ଼ିଯିବା ଫଳରେ ଚା' ଦୋକାନ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବାବେଳେ ଦୁର୍ଘଟଣାସ୍ଥଳରେ ଆଉ କିଛି ଫସି ରହିଥିବା ସନ୍ଦେହ କରାଯାଉଛି। ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ବୋଲି ସୂଚନା ମିଳିଛି।

## ଅପରାଧ ହାର ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୋଲିସର ବଡ଼ ଯୋଜନା

# ଗଠନ ହେବ ଭୁବନେଶ୍ୱର ଇଷ୍ଟ ଓ ୱେଷ୍ଟ ୟୁପିଡି

**ଭୁବନେଶ୍ୱର, ୨୩/୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର କମିଶନରେଟ୍ ପୋଲିସର ହେବ ନବକଳେବର । ଭାଗ ଭାଗ ହେବ ଭୁବନେଶ୍ୱର ସହରାଞ୍ଚଳ ପୋଲିସ୍ ଜିଲ୍ଲା । ଗଠନ ହେବ ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ ୟୁପିଡି । ଅପରାଧଠୁ ଅଲଗା ହେବ ଆଇନ ଶୃଙ୍ଖଳା ବିଭାଗ । କ୍ରାଇମ୍ ଡ୍ୟୁଟିରେ ଥିବା ପୋଲିସ ବୁଝିବେନି ଆଇନଶୃଙ୍ଖଳା ସ୍ଥିତି ଏବଂ ଭିଭିଆଇପି ଡ୍ୟୁଟି । ବଢୁଥିବା ଅପରାଧ ହାର ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୋଲିସର ବଡ଼ ଯୋଜନା । 'ବାଇ-ଲ' ଅନୁସାରେ ଅପରାଧ ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପରସ୍ପରଠୁ ସଂପୂର୍ଣ୍ଣ ଅଲଗା କରିବାକୁ ଇଏ ହେଉଛି ପୋଲିସ୍ ଡିଜିଙ୍କୁ କଟକ-ଭୁବନେଶ୍ୱର ପୋଲିସ କମିଶନରେଟର ପ୍ରସ୍ତାବ । ଏହା ଅନୁସାରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାକୁ ଦୁଇଭାଗ କରାଯିବ ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ । ପ୍ରତି ପୋଲିସ୍ ଜିଲ୍ଲା ଦାୟିତ୍ୱରେ ରହିବେ ଜଣେ ଲେଖାଏଁ ଡିସିପି ଏବଂ ରହିବ ୩ଟି ଲେଖାଏଁ ଜୋନ୍ । ଭୁବନେଶ୍ୱର ଇଷ୍ଟ ପୋଲିସ୍ ଜିଲ୍ଲା ଅଧିନରେ କ୍ୟାପିଟାଲ, ଶ୍ରୀ ଲିଙ୍ଗରାଜ ଓ ଇଷ୍ଟର୍ଣ୍ଣ ଜୋନ୍ ପାଇଁ ପ୍ରସ୍ତାବ ରହିଥିବା ବେଳେ ଭୁବନେଶ୍ୱର ୱେଷ୍ଟ ପୋଲିସ୍ ଜିଲ୍ଲା ଅଧିନରେ ଆଉ ତିନିଟି ଜୋନ୍ ଖଣ୍ଡଗିରି, ମୈତ୍ରୀବିହାର ଓ ନନ୍ଦନକାନନ ଜୋନ୍ ରହିବ । ତେବେ ଅପରାଧଠୁ ଆଇନଶୃଙ୍ଖଳାକୁ ଅଲଗା କରାଯିବା ପ୍ରସ୍ତାବ ସମ୍ପର୍କରେ ଆବଶ୍ୟକ କାରଣ ରହିଛି। ୨୦୦୮ ମସିହାରେ ଯେତେବେଳେ କଟକ-ଭୁବନେଶ୍ୱର ପୋଲିସ୍ କମିଶନରେଟ୍ ଗଠନ ହେଲା ସେତେବେଳେ ରାଜଧାନୀ ସହରର ଜନସଂଖ୍ୟା ଥିଲା ୧୨ ଲକ୍ଷ ୬୬ ହଜାର । ଆଉ ସେଇ ଆଧାରରେ ୧୬ଟି ଥାନା ଥିଲା । ୨୦୨୪ ସୁଦ୍ଧା ଭୁବନେଶ୍ୱରର ଲୋକସଂଖ୍ୟା ଦୁଇ ଗୁଣାରୁ ଅଧିକ ବୃଦ୍ଧିହୋଇ ୨୭ଲକ୍ଷ ୬୪ ହଜାରକୁ ପହଞ୍ଚିଲାଣି । ଏହା ଭିତରେ ଥାନା ସଂଖ୍ୟା ବି ବଢ଼ି ୨୯ରେ ପହଞ୍ଚିବା ସହ ଦ୍ରୁତଗତିରେ ବଢୁଥିବା ଗାଡ଼ି ସଂଖ୍ୟାକୁ ଦେଖି ଏକରୁ ଦୁଇକୁ ବଢ଼ିଛି ଟ୍ରାଫିକ୍ ଥାନା । ଏଥିସହ ବାର୍ଷିକ ପଞ୍ଜୀକୃତ ଅପରାଧ ମାମଲା ସଂଖ୍ୟା ବି ୪ ହଜାର ୫୬୬ରୁ ୧୩ହଜାର ୪୧୧ରେ ପହଞ୍ଚିଲାଣି । କେବଳ ସେତିକି ନୁହେଁ ଦ୍ରୁତଗତିରେ ବଢୁଥିବା ରାଜଧାନୀ ସହରର କଳେବର ସାଙ୍ଗକୁ ବଢିଚାଲିଥିବା ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍ ଓ ଶିଳ୍ପ କାରଖାନା ପାଇଁ ପ୍ରତ୍ୟେହ ଲକ୍ଷାଧିକ ଲୋକଙ୍କ ଯାଆସ ଲାଗିରହିଛି । ଏଥିସହ ଜନସଂଖ୍ୟାର ଘନତ୍ୱ ବୃଦ୍ଧି ସହ ତାଳଦେଇ ବଢ଼ିଚାଲିଛି ଅପରାଧ ନେଟୱାର୍କ, ଚୋରି, ଛିନତାଇ ରାହାଜାନୀଠୁ ନେଇ ସାଇବର ଅପରାଧ ଯାଏଁ । ସେହିପରି ଭିଭିଆଇପି ମୁଭମେଣ୍ଟ ମଧ୍ୟ ୨୦୦୮ ଅନୁଯାୟୀ ବହୁମାତ୍ରାରେ ବଢ଼ିଯାଇଛି । ୨୦୦୮ରେ ୩୬୮ଜଣଙ୍କୁ ଜେଡ୍ ପ୍ଲସ୍ ସିକ୍ୟୁରିଟି ଦିଆଯାଇଥିଲା ବେଳେ ୨୦୨୪ରେ ଏ ସଂଖ୍ୟା ୫୨୭ରେ ପହଞ୍ଚିଛି । ଅପରପକ୍ଷେ ଜେଡ୍ କାଟାଗୋରି ୧୭ରୁ ୧୪୬ ଏବଂ ୱାଇ କାଟାଗୋରି ୮ରୁ ୭୩ ହୋଇଛି । ଏଥିସହ ବିଧାନସଭା, ଲୋକସେବା ଭବନ ସହ ରାଜଭବନ ଓ ମୁଖ୍ୟମନ୍ତ୍ରୀଙ୍କ ଆବାସରେ ୨୪ ଘଣ୍ଟିଆ କଡ଼ା ପ୍ରହରା ଦିଆଯାଉଛି । ବିଧାନସଭା ଅଧିବେଶନ ସମୟରେ ବି ବିଭିନ୍ନ ସଂଗଠନର ବିକ୍ଷୋଭ, ରାଲି, ସଭା କମିଶନରେଟର ମୁଣ୍ଡବ୍ୟଥା ବଢ଼ାଉଛି । ଦିନରାତି ଆଇନଶୃଙ୍ଖଳା ବ୍ୟବସ୍ଥାରେ ଯୋଡ଼ି ହେଉଥିବା ପୋଲିସ୍ ଅପରାଧ ନିୟନ୍ତ୍ରଣରେ ବି ଝାଳନାଳ ହେଉଛି । ତେଣୁ ଏକାସଙ୍ଗେ ଦୁଇଟିକୁ ପରିଚାଳନା କରିବା ଅନେକ ସମୟରେ ଏକରକମ୍ ଅସମ୍ଭବ ହୋଇପଡୁଛି । ପୋଲିସିଂ ବ୍ୟବସ୍ଥାର ଏ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ସୁପରିଚାଳନା ପାଇଁ ପୋଲିସ ଡିଜିଙ୍କୁ ଏଭଳି ପ୍ରସ୍ତାବ ଦେଇଛି କମିଶନରେଟ୍ ପୋଲିସ୍ । ବଡ଼ କଥା ହେଉଛି ପୂର୍ବ ସରକାର ସମୟରେ ବାରମ୍ବାର ଗୃହ ବିଭାଗ ପାଖକୁ ଏଭଳି ପ୍ରସ୍ତାବ ଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରି ନଥିଲା । ମାନବସମ୍ବଳର ଅଭାବ ଦର୍ଶାଇ କାଟ୍ ଖାଇ ଚାଲିଥିଲା ପ୍ରସ୍ତାବ । ହେଲେ ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଥର ସରକାର ଏ ପ୍ରସ୍ତାବକୁ ଗୁରୁତ୍ୱ ଦେବା ସହ ମାନବସମ୍ବଳ ବୃଦ୍ଧି ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଯାଉଛନ୍ତି । ନିକଟରେ ନୂଆପଲ୍ଲୀ ଥାନାର ନୂତନ ଗୃହ ଉଦ୍ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏ ଦିଗକୁ ଇଙ୍ଗିତ କରିଥିଲେ ।

# ଚନ୍ଦ୍ରଭାଗା ସମୁଦ୍ରରେ ଛଡ଼ାଗଲା ୧୮୦ ଅଲିଭ୍ ରିଡ୍‌ଲେ ଛୁଆ



**ରାମଚଣ୍ଡୀ, ୨୩/୦୩ ନ୍ୟୁଜ ବ୍ୟୁରୋ**

ଚନ୍ଦ୍ରଭାଗା କଇଁଛ ପ୍ରଜନନ କେନ୍ଦ୍ରରେ ରଖାଯାଇଥିବା ଅଲିଭ୍‌ରିଡ୍‌ଲେ ଅଣ୍ଡାଗୁଡ଼ିକରୁ ଛୁଆ ଫୁଟିବା ମାତ୍ରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ସତର୍କତାର ସହ ଏହାକୁ ସମୁଦ୍ରରେ ଛାଡ଼ିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୮୦ଟି ଛୁଆ ସମୁଦ୍ରକୁ ଛଡ଼ା ଯାଇଛି। କଇଁଛଗୁଡ଼ିକ ଧୀରେ ଧୀରେ ସମୁଦ୍ର ମଧ୍ୟକୁ ପ୍ରବେଶ କରିଥିଲେ । ପ୍ରକୃତିର ନିୟମ ଅନୁଯାୟୀ ସବୁ ଛୁଆ ସମୁଦ୍ର ଆଡ଼କୁ ଅଗ୍ରସର ହୋଇଥିଲେ । କୋଣାର୍କ ବନଖଣ୍ଡ ଅଧୀନ କଅଁରପୁର, ଚନ୍ଦ୍ରଭାଗା, ଦଶଧାଡ଼ିଆ ଓ ରାମଚଣ୍ଡୀ ଅସ୍ଥାୟୀ କଇଁଛ ପ୍ରଜନନ କେନ୍ଦ୍ରରେ ଚଳିତ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ସମୁଦାୟ ୨୭୮ଟି ବସାରୁ ରେକର୍ଡ ସଂଖ୍ୟକ ୩୧ ହଜାର ୮୬୯ଟି ଅଣ୍ଡା ସଂଗ୍ରହ କରି ସତର୍କତା ସହିତ ବାଲିରେ ପୋତାଯାଇଛି। ପ୍ରାୟ ୪୫ରୁ ୬୦ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଥିଲା । ଚନ୍ଦ୍ରଭାଗା ବସାରେ ୨୦୦ଟି ଅଣ୍ଡା ରଖାଯାଇଥିବା ବେଳେ ୫୪ଦିନରେ ୧୮୦ଟି ଛୁଆ ଫୁଟିଥିଲା। ଅବଶିଷ୍ଟ ୨୦ଟି ଅଣ୍ଡା ନଷ୍ଟ ହୋଇଯାଇଛି । କଇଁଛ ଅଣ୍ଡାଗୁଡ଼ିକୁ ବିଲୁଆ ଓ କୁକୁରଠାରୁ ରକ୍ଷା କରିବା ପାଇଁ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି । ଛୁଆ ଫୁଟିବା ମାତ୍ରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଏହାକୁ ନେଇ ସମୁଦ୍ରରେ ଛାଡ଼ିଥିଲେ । ଏହି ପ୍ରଜନନ କେନ୍ଦ୍ରରୁ ପର୍ଯ୍ୟାୟକ୍ରମେ ଅଲିଭ୍ ରିଡ୍‌ଲେ ଛୁଆଙ୍କୁ ସମୁଦ୍ରରେ ଛଡ଼ାଯିବ ବୋଲି କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି ।